

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୩୦ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 30 DECEMBER 2020

Vol.No. 30 ■ No. 331 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ ...
ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଓବିସି ଓ ପଛୁଆବର୍ଗଙ୍କୁ ସଂରକ୍ଷଣ କେବେ ? : ବିଜେପି

## ଆପତ୍ତି ଉଠାଇଲେ ଲେଖାଶ୍ରୀ, ଏଲିନା କହିଲେ ସହିପାରୁ ନାହାନ୍ତି



ଭୁବନେଶ୍ୱର,୨୯।୧୨ (ନି.ପ୍ର): ରାଜ୍ୟ ସରକାର ସରକାରୀ ହାଇସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଡାକ୍ତରୀ ଓ ଇଞ୍ଜିନିୟରିଂ ଭଳି ଉଚ୍ଚଶିକ୍ଷାରେ ସ୍ଥାନ ସଂରକ୍ଷଣ କରିବାକୁ କ୍ୟାବିନେଟରେ ସଂକଳ୍ପ ପାରିତ କରିଛନ୍ତି । ମାତ୍ର ସାମ୍ବିଧାନିକ ବ୍ୟବସ୍ଥା ସତ୍ତ୍ୱେ ରାଜ୍ୟ ସରକାର ଓବିସି ବର୍ଗ ତଥା ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗର ଲୋକଙ୍କୁ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ସମ୍ବିଧାନ ଅନୁମୋଦିତ ପଦକ୍ଷେପ କାହିଁକି ନେଉନାହାନ୍ତି ବୋଲି ବିଜେପି ରାଜ୍ୟ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି । ମୋଦି ସରକାର ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗଙ୍କ ପାଇଁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା କରିବା ପାଇଁ ଆଇନ ପ୍ରଣୟନ କରିଥିଲେ ମଧ୍ୟ ରାଜ୍ୟସରକାର ଏପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରିନାହାନ୍ତି । ଏହି ସମ୍ବନ୍ଧରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨୦୨୦ ମସିହା ଜାନୁଆରୀ ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ରାଜ୍ୟରେ ଏହି ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ଅନୁରୋଧ କରିଥିଲେ । ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ବିଧାନସଭାରେ ବିଶେଷ ଅଧିବେଶନ ଡାକି ବିଲ୍ ପାସ କରି ଉପରୋକ୍ତ ଦୁଇଟି ବର୍ଗରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପାଇଁ ଡ. ସାମନ୍ତସିଂହାର ଦାବି କରିଛନ୍ତି ।

▶▶ପୃଷ୍ଠା ୭

## ବିଧାନସଭା ବିଭାଗୀୟ ଷ୍ଟାଣ୍ଡିଂ କମିଟି ବୈଠକ

ଭୁବନେଶ୍ୱର,୨୯।୧୨ (ନି.ପ୍ର): ବିଧାନସଭା ବିଭାଗୀୟ ଷ୍ଟାଣ୍ଡିଂ କମିଟି-୩ର ବୈଠକ ବିଧାନସଭାର ପ୍ରକୋଷ୍ଠ-୫୪ରେ ଅନୁଷ୍ଠିତ ହୋଇଯାଇଛି । କମିଟି ଅଧକ୍ଷ ପ୍ରଫୁଲ୍ଲ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ କମିଟିର ଦ୍ୱିତୀୟ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତି ଏବଂ ମତାମତ ଉପରେ ପୂର୍ତବିଭାଗ ତରଫରୁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ବିଧାୟକ ଅମର ପ୍ରସାଦ ଶତପଥୀ, ତାରାପ୍ରସାଦ ବାହିନୀପତି, ସୌମ୍ୟରଞ୍ଜନ ପଟ୍ଟନାୟକ, ବିକ୍ରମ କୁମାର ପଣ୍ଡା, ସୁଶାନ୍ତ କୁମାର ରାଉତ, ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ସମେତ ବିଧାନସଭା ସଚିବ ଦାଶରଥୀ ଶତପଥୀ ଓ ଅନ୍ୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ।

# ବ୍ରିଟେନ୍ ଫେରନ୍ତା ନିଜ ତଥ୍ୟ ଦେବାକୁ ନିବେଦନ କଲେ ରାଜ୍ୟ ସରକାର



ଭୁବନେଶ୍ୱର,୨୯।୧୨ (ନି.ପ୍ର): ବ୍ରିଟେନ ଫେରନ୍ତାଙ୍କୁ ନିଜର ତଥ୍ୟ ଦେବାକୁ ନିବେଦନ କରିଛନ୍ତି ରାଜ୍ୟ ସରକାର । ବ୍ରିଟେନରେ କରୋନାର ନୂଆ ଷ୍ଟ୍ରେନ୍ ସମସ୍ତଙ୍କ ଚିନ୍ତା ବଢ଼ାଇଥିବାରୁ ସେଠାରୁ ଓଡିଶା ଫେରିଥିବାବ୍ୟକ୍ତିଙ୍କୁ ଖୋଜିବାକୁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି ।୧୮ଟି ଜିଲ୍ଲାର ବ୍ରିଟେନ ଫେରନ୍ତାଙ୍କ ମଧ୍ୟରୁ ଅଧିକାଂଶ ଭୁବନେଶ୍ୱରର ହୋଇଥିବାରୁ ବିଏମସି ସେମାନଙ୍କୁ ଖୋଜୁଛି । ସେମାନଙ୍କ ମଧ୍ୟରେ ଅଧିକାଂଶଙ୍କ ନମ୍ବର ଭୁଲ୍ ଅଛି । ତେଣୁ ସେମାନେ ସ୍ୱତଃପ୍ରବୃତ ଭାବେ ତଥ୍ୟ ଦେବାକୁ ଜନସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ନିବେଦନ କରିଛନ୍ତି । ଶ୍ରୀ ମିଶ୍ର କହିଛନ୍ତି ଯେ ସେମାନଙ୍କୁ ଖୋଜିବାକୁ ବିଏମସି ଟିମ ଆଜି ଯାଇଛନ୍ତି । ତେବେ ଭୟ କରିବାରେ କିଛି ନାହିଁ । ଆମେ କେବଳ ସେମାନଙ୍କ ଜେନମ୍ ସିକ୍ୱେନ୍ସ ଦେଖିବୁ । ସେମାନଙ୍କ ଏକାଡେମିକ୍ ରିସର୍ଚ୍ଚ କରିବାକୁ ଖୋଜୁଛୁ । ୬ ଜଣ ବ୍ରିଟେନ୍ ଫେରନ୍ତା ପଜିଟିଭ୍ ଚିହ୍ନଟ ହେବା ସମ୍ପର୍କରେ ସେ କହିଛନ୍ତି ଯେ ରିପୋର୍ଟ ଆମ ପାଖକୁ ଆସିବ ନାହିଁ । କେନ୍ଦ୍ର ସରକାର ଅବଗତ କରିବେ ।

▶▶ପୃଷ୍ଠା ୭

## ସରକାରୀ ସ୍କୁଲ୍ , ବି.ଇଡି କଲେଜ ବନ୍ଦ ବିରୁଦ୍ଧରେ ଏ.ଆଇ.ଡି.ଏସ୍.ଓ.ର ବିକ୍ଷୋଭ

ଭୁବନେଶ୍ୱର,୨୯।୧୨ (ନି.ପ୍ର): ରାଜ୍ୟର ୧୪ ହଜାରରୁ ଉର୍ଦ୍ଧ୍ୱ ସ୍କୁଲ୍ ଓ ୧୪ଟି ସରକାରୀ ବି.ଇଡି କଲେଜ ବନ୍ଦ ବିରୁଦ୍ଧରେ ଏ.ଆଇ.ଡି.ଏସ୍.ଓ. ଭୁବନେଶ୍ୱର ସିଟି କମିଟି ତରଫରୁ ଭୁବନେଶ୍ୱର ବି.ଇ.ଓ. ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କରିବାକୁ ଯାଇ ତଥା ଶିକ୍ଷାର ଘରୋଇକରଣ ଓ ବ୍ୟବସାୟୀକରଣକୁ ତ୍ୱରାନ୍ୱିତ କରିବା ପାଇଁ ସରକାରୀ ସ୍କୁଲ୍ ଏବଂ ବି.ଇଡି. କଲେଜ ବନ୍ଦ କରାଯାଉଛି ବୋଲି ଏ.ଆଇ.ଡ଼ି.ଏସ୍.ଓ. ତରଫରୁ କୁହାଯାଇଛି । ସରକାର ଏହି ନିଷ୍ପତିରୁ ତୁରନ୍ତ କ୍ଷାନ୍ତ ନହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ସଂଗଠନ ତରଫରୁ କୁହାଯାଇଛି । ଏ.ଆଇ.ଡି.ଏସ୍.ଓ. ଭୁବନେଶ୍ୱର ସିଟି କମିଟି ସମ୍ପାଦିକା ସ୍ୱସ୍ତୀ ସଙ୍ଗୀତା ଦଳାଇ, ଏବଂ ଉପସଭାପତି ସପ୍ତର୍ଷିନୀ ରାଉଳ ପ୍ରମୁଖ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ । ଏହି ବିକ୍ଷୋଭରେ ମୁଖ୍ୟ ବକ୍ତା ଭାବେ ଡ଼ି.ଏସ୍.ଓ. ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପରମାନନ୍ଦ ସାହୁଙ୍କ ସମେତ ସଂଗଠନର ରୁପାଲି ଦିଗାଲ, ଅର୍ପିତା ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ ।

# ଇଣ୍ଡିଆନ ଅଏଲର ୮ଟି ବିଶୋଧନାଗାର ରିମୋଟ୍ ମନିଟରିଂରେ ହେବ ଟ୍ରାକିଂ : ଧର୍ମେନ୍ଦ୍ର




ହାଇଦ୍ରାବାଦ/ଭୁବନେଶ୍ୱର, ୨୯।୧୨ (ନି.ପ୍ର): ହାଇଦ୍ରାବାଦ୍ ଠାରେ ଯୌଥଉଦ୍ୟୋଗ ବିଜିଜିଟିଏସ ଦ୍ୱାରା ପ୍ରତିଷ୍ଠିତ ଇଣ୍ଡିଆନ ଅଏଲର ରିମୋଟ ମନିଟରିଂ ଏବଂ ଅପରେସନ ସେଂଟରକୁ ମଙ୍ଗଳବାର ଉଦଘାଟନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନୂତନ ଜ୍ଞାନକୌଶଳ ମାଧ୍ୟମରେ ତିଆରି କରାଯାଇଥିବା ଏହି ଅତ୍ୟାଧୁନିକ ୨୪ ଘଂଟିଆ ରିମୋଟ୍ ମନିଟରିଂ ସମଗ୍ର ଭାରତରେ ଆଇଓସିଏଲ ଦ୍ୱାରା ପରିଚାଳିତ ସମସ୍ତ ୮ଟି ରିଫାଇନାରୀ କାର୍ଯ୍ୟର ଟ୍ରାକିଂ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ନୂଆ ମାପଦଣ୍ଡର ରୂପରେଖ ଅନୁସାରେ ସତର୍କ ଏବଂ ଏବଂ ପରାମର୍ଶଦାତା ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ ।

▶▶ପୃଷ୍ଠା ୭

## ଖୋଲିଲା ମା' ବିରଜାଙ୍କ ମନ୍ଦିର



ଭୁବନେଶ୍ୱର,୨୯।୧୨ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ ଘୋଷଣା ଅନୁଯାୟୀ ଆଜି ଠାରୁ ଯାଜପୁରର ମା' ବିରଜାଙ୍କ ମନ୍ଦିର ଖୋଲିଛି । ସମସ୍ତ ପ୍ରକାର କୋଭିଡ୍ କଟକଣା ମଧ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରା ଯାଇଛି । ଭକ୍ତମାନେ କିଭଳି ସୁରୁଖୁରୁରେ ମାଙ୍କୁ ଦର୍ଶନ କରିପାରିବେ ସେଥିଲାଗି ପ୍ରଶାସନ ପକ୍ଷରୁ ବ୍ୟାରିକେଡର ବ୍ୟବସ୍ଥା କରାଯାଇଛି । ମହିଳା ଓ ପୁରୁଷ ଭକ୍ତମାନଙ୍କ ପାଇଁ ଅଲଗା ଅଲଗା ଧାଡି ହୋଇଥିବା ବେଳେ ମନ୍ଦିରର ମୁଖ୍ୟ ଦ୍ୱାରରେ ପୋଲିସ ମୁତୟନ ରହିଛନ୍ତି । ସେହିପରି ମନ୍ଦିରରେ ପ୍ରବେଶ ପୂର୍ବରୁ ମାକ୍ସ ପିନ୍ଧିବା ବାଧତାମୂଳକ କରାଯାଇଛି । ଭକ୍ତଙ୍କ ଥର୍ମାଲ ସ୍କିନିଂ କରାଯିବା ସହିତ ସାନିଟାଇଜ୍ ବ୍ୟବହାର ପାଇଁ ବ୍ୟବସ୍ଥା ହୋଇଛି । ଦୀର୍ଘମାସ ପରେ ମନ୍ଦିର ଖୋଲୁଥିବାରୁ ଶକ୍ତିପୀଠରେ ଭକ୍ତଙ୍କ ଭିଡ ଲାଗିଛି ।

# ମହିଳା କମିଶନରେ ହାଜର ହେଲେ ଅନୁଭବ ଓ ବର୍ଷା



ଭୁବନେଶ୍ୱର,୨୯।୧୨ (ନି.ପ୍ର): ପାରିବାରିକ ମାମଲାକୁ ନେଇ ରାଜ୍ୟ ମହିଳା କମିଶନଙ୍କ ନିକଟରେ ହାଜର ହୋଇଛନ୍ତି ଅଭିନେତା ତଥା ବିଜେଡି ସାଂସଦ ଅନୁଭବ ମହାନ୍ତି ଓ ତାଙ୍କ ଅଭିନେତ୍ରୀ ପତ୍ନୀ ବର୍ଷା ପ୍ରିୟଦର୍ଶିନୀ । ଉଭୟଙ୍କୁ ସାମ୍ନାସାମ୍ନି ବସାଇ ମହିଳା କମିଶନ ଆଲୋଚନା କରିଥିଲେ । ଅନୁଭବଙ୍କ ସମେତ ତାଙ୍କ ବାପା-ମାଆଙ୍କୁ ହାଜର ପାଇଁ ନୋଟିସ କରାଯାଇଥିଲେ ମଧ୍ୟ ସେମାନେ ଆସିନଥିଲେ । ଆଲୋଚନା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଅନୁଭବ କହିଛନ୍ତି ଯେ, ମହିଳା କମିଶନଙ୍କୁ ସମ୍ମାନ ଜଣାଇ ମୁଁ ଆସିଛି । ମହିଳା କମିଶନଙ୍କ ନିକଟରେ ମୁଁ ମୋ ପକ୍ଷ ରଖିଛି । କମିଶନ ମୋତେ ଯାହା ପଚାରିବା କଥା ପଚାରିଛନ୍ତି । କମିଶନଙ୍କ ସହ ଆଲୋଚନା ବାହାରେ କହିବା ଉଚିତ ହେବନି ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଅନୁଭବ-ବର୍ଷାଙ୍କୁ ବସାଇ ଆଲୋଚନା ପରେ ମହିଳା କମିଶନ ଅଧକ୍ଷା ମିନତି ବେହେରା ପ୍ରତିକ୍ରିୟା କହିଛନ୍ତି ଆମେ ଉଭୟ ପକ୍ଷଙ୍କୁ ଡାକିଥିଲୁ । ଉଭୟଙ୍କୁ ବସାଇ ଆଲୋଚନା କଲୁ ।

▶▶ପୃଷ୍ଠା ୭

# ଅରୁଣ ବୋଥ୍ରାଙ୍କୁ ଏଡିଜି ପାହ୍ୟାକୁ ପଦୋନ୍ନତି



ଭୁବନେଶ୍ୱର,୨୯।୧୨ (ନି.ପ୍ର): ବହୁ ଚର୍ଚ୍ଚିତ ନୟାଗଡର ନାବାଳିକା ପରୀ ନିଖୋଜ ଓ ହତ୍ୟାକାଣ୍ଡ ଘଟଣାର ତଦନ୍ତ ପାଇଁ ଗଠିତ ଏସଆଇଟି ମୁଖ୍ୟ ତଥା ବରିଷ୍ଠ ଆଇପିଏସ୍ ଅଧିକାରୀ ଅରୁଣ ବୋଥ୍ରାଙ୍କୁ ପଦୋନ୍ନତି ମିଳିଛି । ରାଜ୍ୟ ସରକାର୧୯୯୬ ବ୍ୟାଚ୍ ର ଆଇପିଏସ୍ ଅଧିକାରୀ ଅରୁଣ ବୋଥ୍ରାଙ୍କୁ ଅତିରିକ୍ତ ଡିଜି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି । ଏଥିସହ ୧୯୯୬ ବ୍ୟାଚର ଆଇପିଏସ୍ ଅଧିକାରୀ ସଞ୍ଜୟ କୁମାର ସିଂଙ୍କୁ ମଧ ଅତିରିକ୍ତ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି । ସେହିପରି କେନ୍ଦ୍ରୀୟ ଡେପୁଟେସନ୍ ରେ ଥିବା ୧୯୯୬ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଶ୍ରୀମତୀ ସୁନୀତା କାକରନଙ୍କୁ ମଧ୍ୟ ଏଡିଜି ପାହ୍ୟାକୁ ପଦୋନ୍ନତି ମିଳିଛି । ସୂଚନାଯୋଗ୍ୟ, ନୟାଗଡ଼ ସଦର ଥାନା ଅନ୍ତର୍ଗତ ନାବାଳିକା ପରୀ ହତ୍ୟା ଘଟଣାର ତଦନ୍ତ ଲାଗି ରାଜ୍ୟ ସରକାର ଗଠନ କରିଥିବା ଏସଆଇଟିର ମୁଖ୍ୟ ଭାବେ ଅରୁଣ ବୋଥ୍ରାଙ୍କୁ ନିଯୁକ୍ତ କରାଯାଇଛି । ଏଥି ପୂର୍ବରୁ ପାଟଣାଗଡ଼ର ବହୁଚର୍ଚ୍ଚିତ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ତଦନ୍ତ ଦାୟିତ୍ୱ ଗ୍ରହଣ କରିଥିଲେ ଅରୁଣ ବୋଥ୍ରା ।

# ଶ୍ରୀମନ୍ଦିରରେ ବିନା ଅନୁମତିରେ ପ୍ରବେଶ କରିଥିବା ୪ ଏଏନଏମ ସସପେଣ୍ଡ



ଭୁବନେଶ୍ୱର,୨୯।୧୨ (ନି.ପ୍ର): ପୁରୀ ଶ୍ରୀମନ୍ଦିରରେ ବିନା ଅନୁମତିରେ ପ୍ରବେଶ କରିଥିବା ଚାରିଜଣ ଏଏନଏମଙ୍କୁ ସସପେଣ୍ଡ କରା ଯାଇଥିବା ଜଣା ପଡିଛି । ପ୍ରାପ୍ତ ସୂଚନା ଅନୁସାରେ, ମନ୍ଦିର ବାହାରେ ଡ୍ୟୁଟି ପାଇଁ ଏମାନେ ସମସ୍ତେ ଦାୟିତ୍ୱ ପାଇଥିଲେ । ଯେଉଁମାନେ ମନ୍ଦିରକୁ ଯିବା ଲାଗି ଅନୁମତି ପାଇଥିଲେ ସେମାନଙ୍କର ଥର୍ମାଲ ଚେକିଂ କରୁଥିଲେ । ହେଲେ ଏମାନଙ୍କୁ ପ୍ରବେଶ ଅନୁମତି ନଥିବା ସତ୍ତ୍ୱେ ସେମାନେ ମନ୍ଦିର ମଧ୍ୟକୁ ପ୍ରବେଶ କରିଥିଲେ । ଏ ସମ୍ପର୍କରେ ଖବର ଜଣାପଡିବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସେମାନଙ୍କୁ ନିଲମ୍ବିତ କରିଥିବା ଜଣା ପଡିଛି ।

## ଶ୍ରୀରାମ ଜନ୍ମଭୂମି ମନ୍ଦିର ନିର୍ମାଣ ନିଧି ସମପର୍ଣ ଅଭିଯାନ ତରଫରୁ ସନ୍ଥ ସମ୍ମିଳନୀ

ଭୁବନେଶ୍ୱର,୨୯।୧୨ (ନି.ପ୍ର): ଶ୍ରୀରାମ ଜନ୍ମଭୂମି ମନ୍ଦିର ନିର୍ମାଣ ନିଧି ସମପର୍ଣ ଅଭିଯାନ ତରଫରୁ ମଙ୍ଗଳବାର ଦିନ ଏକ ସନ୍ଥ ସମ୍ମିଳନୀ ଭୁବେନଶ୍ୱର ଶ୍ରୀ ଅଭିରାମ ସରସ୍ୱତୀ ଶ୍ରୀ ଅନନ୍ତ ଆଶ୍ରମ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ସମ୍ମିଳନୀରେ ସ୍ୱାମୀ ଭାସ୍କର ତୀର୍ଥ ମହାରାଜ, ସ୍ୱାମୀ ସତ୍ୟାନନ୍ଦ ଗିରି, ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ସ୍ୱାମୀ ଶଙ୍କରାନନ୍ଦ ଗିରି,

▶▶ପୃଷ୍ଠା ୭

# ୬୧ତମ ପ୍ରତିଷ୍ଠା ଦିବସ ପାଳିଲା ନନ୍ଦନକାନନ

## ୬୦୦ କୋଟି ଟଙ୍କାର ମାଷ୍ଟରପ୍ଲାନ୍




ଭୁବନେଶ୍ୱର,୨୯।୧୨ (ନି.ପ୍ର): ଆସନ୍ତା ୨୦ ବର୍ଷ ମଧ୍ୟରେ ଏହି ୬୦୦ କୋଟି ଟଙ୍କା ବିନିଯୋଗ ହୋଇ ନନ୍ଦନକାନନକୁ ବିଶ୍ୱସ୍ତରୀୟ ଚିଡ଼ିଆଖାନାରେ ପରିଣତ କରାଯିବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ପ୍ରକାଶ କରିଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ ନନ୍ଦନକାନନ ପରିସରରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୬୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଆରୁଖ କହିଲେ ଯେ ୬୦ ବର୍ଷ ତଳେ ୩.୬୨ ବର୍ଗ କିଲୋମିଟର ଅଳରେ ନନ୍ଦନକାନନର ଶୁଭାରମ୍ଭ ହୋଇଥିଲାବେଳେ ଆଜି ଏହାର ପରିସର ୧୦୪୩.୩୨ ହେକ୍ଟରକୁ ବୃଦ୍ଧି ପାଇଛି । ୧୧ଟି ପ୍ରାଣୀଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଚିଡ଼ିଆଖାନାରେ ଆଜି ୩ ହଜାର ୭୮୭ ବନ୍ୟ ପଶୁପକ୍ଷୀ, ସରିସୃପ, ଉଭୟଚର ପ୍ରାଣୀ ୨୧୨ଟି ଖୁଆଡରେ ରହିଛନ୍ତି । ଏହି ଅବସରରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ପର୍ଯ୍ୟଟକମାନଙ୍କ ପାଇଁ ନୂତନ ପ୍ରସ୍ଥାନ ବାଟ ଓ ୭୪ ଲକ୍ଷ ଟଙ୍କା ବ୍ୟୟରେ ନୂତନ ସଫାରୀ ବସ୍ଷ୍ଟାଣ୍ଡ ମନ୍ତ୍ରୀ ଶ୍ରୀ ଆରୁଖଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ସେଫ ବାଘ ଓ ସ୍ନେହା ବାଘୁଣୀଙ୍କ ଦୁଇ ଶାବକ ଲବ ଓ କୁଶ ନାମରେ ନାମିତ ହୋଇଥିଲେ । ନନ୍ଦନକାନନ ବାର୍ଷିକ ବିବରଣୀ ୨୦୧୯-୨୦, ପର୍ଯ୍ୟଟକମାନଙ୍କ ପାଇଁ ନୂତନ ବ୍ରୋସିଅର ଓ ସୁଦୃଶ୍ୟ କ୍ୟାଲେଣ୍ଡର କୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ । ମନ୍ତ୍ରୀ କହିଥିଲେ ଯେ 'କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣ'ର ସମସ୍ତ ନିୟମାବଳୀ ଦ୍ୱାରା ପରିଚାଳିତ ହୋଇ ବିଶ୍ୱସ୍ତରୀୟ ଚିଡ଼ିଆଖାନା ଭାବେ ବିକଶିତ ହେବା ପାଇଁ ଦେଶର ୭୨ଟି ଚିଡିଆଖାନା ମଧ୍ୟରୁ ୧୫ଟି ବଛାଯାଇଥିବା ଚିଡ଼ିଆଖାନା ମଧ୍ୟରେ ଏହା ସ୍ଥାନ ପାଇଛି । ନନ୍ଦନକାନନର ୨୭୦ରୁ ଉର୍ଦ୍ଧ୍ୱର୍ ବନ୍ୟଜନ୍ତୁଙ୍କୁ ପୋଷ୍ୟ ଭାବରେ ଗ୍ରହଣ କରାଯାଇଛି । ଏଥିରୁ ପ୍ରାୟ ୩୦ ଲକ୍ଷ ଟଙ୍କାର ରାଜସ୍ୱ ମିଳିଛି । ଚଳିତ ବର୍ଷ ଗଧିଆ ଖୁଆଡ଼, ନୂତନ ବିଦେଶୀ ମାଙ୍କଡ଼ ଖୁଆଡ଼ ନିର୍ମିତ ହୋଇ ଦର୍ଶକମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି ।

▶▶ପୃଷ୍ଠା ୭

## ୨୬୧ ସୁଲଭ ମୂଲ୍ୟ ଦୋକାନରୁ ୪ ଲକ୍ଷ ୯୬ ହଜାର ଟଙ୍କା ଜୋରିମାନା ଆଦାୟ

ଭୁବନେଶ୍ୱର,୨୯।୧୨ (ନି.ପ୍ର): ଓଡ଼ିଶା ସରକାରଙ୍କ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନସ୍ଥ ବୈଧ ମାପ ବିଜ୍ଞାନ ନିର୍ଦ୍ଦେଶାଳୟ ପକ୍ଷରୁ ସୁଲଭ ମୂଲ୍ୟ ଦୋକାନରେ ଦ୍ରବ୍ୟ ଓଜନ ନିମନ୍ତେ ବ୍ୟବହୃତ ହେଉଥିବା ଓଜନ ଯନ୍ତ୍ର ଏବଂ ଉପକରଣଗୁଡ଼ିକର ବ୍ୟାପକ ଯାଂଚ କରାଯାଇଥିଲା । ଏଥି ନିମନ୍ତେ ନିର୍ଦ୍ଦେଶାଳୟ ପକ୍ଷରୁ ଜିଲ୍ଲା ଓ ଆରଡିସି ଜୋନ ସ୍ତରରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇ ଯାଂଚ କରାଯାଇଥିଲା । ଯାଂଚ କାର୍ଯ୍ୟର ତଦାରଖ ନିମନ୍ତେ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନୋଡାଲ ଅଫିସର ଭାବରେ ନିୟୋଜିତ କରାଯାଇଥିଲା । ମଇ ମାସରୁ ଆରମ୍ଭ କରାଯାଇଥିବା ଏହି ସ୍ୱତନ୍ତ୍ର ଯାଂଚବେଳେ ୩୬୦୦ଟି ସୁଲଭ ମୂଲ୍ୟ ଦୋକାନ ଯାଂଚ କରାଯାଇଥିଲା । ଏହି ସମୟରେ ୨୬୧ଟି ଦୋକାନରେ ଓଜନ ମାପରେ ଅନିୟମିତତା ଜଣାପଡ଼ିଥିଲା ଏବଂ ଆଇନ ଅନୁଯାୟୀ ସେମାନଙ୍କଠାରୁ ଜରିମାନା ଅର୍ଥ ଆଦାୟ କରାଯାଇଥିଲା । ସ୍କ୍ୱାଡ୍ ପକ୍ଷରୁ ମାପ ଓଜନ ଯନ୍ତ୍ର ପରୀକ୍ଷା ବାବଦକୁ ୪ ଲକ୍ଷ ୮୬ ହଜାର ୬୧୫ ଟଙ୍କା ଆଦାୟ କରାଯାଇଥିବାବେଳେ ଖିଲାପକାରୀଙ୍କଠାରୁ ଜରିମାନା ବାବଦକୁ କମ୍ପାଉଣ୍ଡିଂ ଫି ଆକାରରେ ୪ ଲକ୍ଷ ୯୬ ହଜାର ୮୦୦ ଟଙ୍କା ଆଦାୟ କରାଯାଇଥିଲା ।

▶▶ପୃଷ୍ଠା ୭

# ସୁନାମୁଖୀ ନଦୀ ଉପରେ ନିର୍ମାଣ କରାଯିବ କଂଟ୍ରୋଲ୍ ଷ୍ଟ୍ରକଚର

ଭୁବନେଶ୍ୱର,୨୯।୧୨ (ନି.ପ୍ର): ରାଜ୍ୟ ଯୋଜନା ବୋର୍ଡ଼ ଉପାଧକ୍ଷ ସଂଜୟ କୁମାର ଦାସବର୍ମାଙ୍କ ଅଧ୍ୟକ୍ଷତାରେ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ସ୍ଥାନୀୟ ରାଜୀବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘଦିନ ଧରି ପୁରୀ ଜିଲ୍ଲାର ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭାର୍ଗବୀ ନଦୀର ମାଳିସାହିଠାରେ ଏକ ହାଇଲେବୁଲ୍ ସେତୁ ନିର୍ମାଣ ପାଇଁ ଆଜି ବିଧିବଦ୍ଧ ନିଷ୍ପତି ନିଆଯାଇଛି । ପୂର୍ବରୁ ନାବାର୍ଡ଼ ସହାୟତାରେ ଏହି ସ୍ଥାନରେ ଏକ ହାଇଲେବୁଲ୍ ସେତୁ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇ ଦୀର୍ଘ ଦିନ ଧରି ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଥିଲା । ଏହି ବ୍ରିଜ୍ ସଂଲଗ୍ନ ଅଂଚଳଗୁଡ଼ିକରେ ଗମନାଗମନକୁ ଦୃଷ୍ଟିରେ ରଖି ତୁରନ୍ତ ଅର୍ଦ୍ଧନିର୍ମିତ ସେତୁର ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ଉପରେ ଶ୍ରୀ ଦାସବର୍ମା ଗୁରୁତ୍ୱ ଦେଇଥିଲେ । ବ୍ରହ୍ମଗିରି ବ୍ଲକ୍‌ର ନରସିଂହପାଟଣା, ଜଗନ୍ନାଥ ପାଟଣା, ବଳଭଦ୍ର ପାଟଣା ଓ ବରୁଢ଼ି ମଉଜାର ପ୍ରାୟ ୨୫୦୦ ହେକ୍ଟର ଚାଷ ଜମିକୁ ନିରନ୍ତର ଜଳସେଚନ ତଥା ଲୁଣାପାଣି ପ୍ରଭାବରୁ ମୁକ୍ତ କରି ଚାଷ ଜମି ପାଇଁ ଜଳସେଚନ କରିବା ଉଦ୍ଦେଶ୍ୟରେ ସୁନାମୁଖୀ ନଦୀ ଉପରେ ଏକ କଂଟ୍ରୋଲ ଷ୍ଟ୍ରକ୍‌ଚର ନିର୍ମାଣ ପାଇଁ ଆଜି ବିଧିବଦ୍ଧ ନିଷ୍ପତି ନିଆଯାଇଛି । ଦୀର୍ଘ ଦିନ ଧରି ସୁନାମୁଖୀ ନଦୀ ଉପରେ ଏକ କଂଟ୍ରୋଲ୍ ଷ୍ଟ୍ରକ୍ ଚର ନିର୍ମାଣ କରିବା ଉପରେ ଜନସାଧାରଣ ଦାବି କରି ଆସୁଥିଲେ । ସମୁଦ୍ର ଓ ଚିଲିକାର ଲୁଣାପାଣି ଜୁଆର ସମୟରେ ମାଡ଼ିଯାଇ ସୁନାମୁଖୀ ଜଳଉସ ଲବଣାକ୍ତ ହୋଇ ଚାଷ ପାଇଁ ଅନୁପଯୁକ୍ତ ହେବା ସହିତ ପିଇବା ପାଣିର ସମସ୍ୟା ଉତ୍କଟ ଅବସ୍ଥାରେ ଥିଲା । ଆଜି ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିର୍ବାଚନ ମଣ୍ଡଳୀର ବିକାଶ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବ । ଜଳସେଚନ ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଜ୍ୟୋତିର୍ମୟ ରଥ, ବନ୍ୟା ନିୟନ୍ତ୍ରଣ ତଥା ଅବବାହିକା ପରିଚାଳନା ମୁଖ୍ୟଯନ୍ତ୍ରୀ ଇଂ. ସୁଶାନ୍ତ କୁମାର ରଥ, ଜଳ ନିଷ୍କାସନ ବିଭାଗର ମୁଖ୍ୟ ଯନ୍ତ୍ରୀ ଇଂ. ବିକ୍ରମ କେଶରୀ ସ୍ୱାଇଁ ଏବଂ ଯୋଜନା ଓ ସଂଯୋଜନ ବିଭାଗର ଅନୁଶାସନ ସଚିବ ଅଭୟ କୁମାର ମହାନ୍ତି ଉପସ୍ଥିତ ଥିଲେ ।

# କଂଗ୍ରେସର ୧୩୬ତମ ପ୍ରତିଷ୍ଠା ଦିବସ ପାଳନ

କେନ୍ଦ୍ରାପଡ଼ା,୨୯।୧୨ (ନି.ପ୍ର): କେନ୍ଦ୍ରାପଡା ଟାଉନର କଜଳା ସ୍ଥିତ କଂଗ୍ରେସ ଭବନ ପରିସର ରେ ସୋମବାର ୧୩୬ତମ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ ପତାକା ଉତୋଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପୂର୍ବତନ ବିଧାୟକ ତଥା କଂଗ୍ରେସ କିମିଟି ଜିଲ୍ଲା ସଭାପତି ଅଂଶୁମାନ ମହାନ୍ତିଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସଭାରେ ଶ୍ରୀ କାନୁନଗୋ କଂଗ୍ରେସର ଗୌରବ ମୟ ଇତିହାସ ଓ ସଂଘର୍ଷର କାହାଣୀ ଅବତାରଣା କରିବା ସହ ସାଂପ୍ରତିକ ରାଜନୈତିକ ପରିସ୍ଥିତି ରେ କଂଗ୍ରେସର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଆଗାମୀ ଦିନରେ ୪ଟି ମୁଖ୍ୟ ସମସ୍ୟାକୁ ନେଇ କଂଗ୍ରେସ ଜିଲ୍ଲାରେ ଜନ ଜାଗରଣ କାର୍ଯ୍ୟକ୍ରମ ଆରମ୍ଭ କରିବ ବୋଲି ଶ୍ରୀ କାନୁନଗୋ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ଘର ବାହୁଡା କାର୍ଯ୍ୟକ୍ରମରେ ଦଳ ପ୍ରତି ବିମୁଖ ହୋଇ ଦଳ ଛାଡିଥିବା ନୂଆ ଓ ପୁରୁଣା କର୍ମୀ ମାନଙ୍କୁ ଦଳକୁ ଫେରାଇ ଆଣିବା , କେନ୍ଦ୍ରାଡାରେ ବିଜେଡି ସରକାର ଓ ବିଜେପି ଯେଉଁ ଅବିଚାର ଓ ଅପମାନ ଜନକ ପରିସ୍ଥିତି ସୃଷ୍ଟି କରିଛନ୍ତି ତାହାପ୍ରତି ଲୋକମାନଙ୍କୁ ସଚେତନ କରାଇବା ସହ କେନ୍ଦ୍ରାପଡାରେ ଏକ ମେଡିକାଲ କଲେଜ ସ୍ଥାପନା ପାଇଁ ଆନ୍ଦୋଳନ ଛିଡା କରାଇବା ଏହାର ଲକ୍ଷ୍ୟ ରହିଛି । ଏହା ସହ ଲୁଣି ପାଣିକୁ ରୋକିବା, ସମୁଦ୍ରକୁ ବୋହି ଯାଉଥିବା ନଦୀ ଜଳକୁ ସଂରକ୍ଷଣ କରିବା ଓ ଦୀଘାଠାରୁ ଗୋପାଳପୁର ପର୍ଯ୍ୟନ୍ତ ପୋଷ୍ଟ ରିଭର ସିଷ୍ଟମ କାର୍ଯ୍ୟକାରୀ କରିବା ପାଇଁ ଆନ୍ଦୋଳନ କରାଯିବ । ଅନ୍ୟ ପକ୍ଷରେ ଖରସ୍ରୋତା ନଦୀଜଳ ସୁରକ୍ଷା ପାଇଁ ବ୍ୟାରେଜ କରାଯାଇ ନଦୀଜଳ ଉଠାଇବାକୁ ମଧ ଦାବି ଉପସ୍ଥାପନ କରାଯିବ । ଏହି ସବୁ ଲକ୍ଷ୍ୟ ରଖି ଆଗାମୀ ଦିନରେ କଂଗ୍ରେସ ଜନ ସାଧାରଣଙ୍କ ପାଖକୁ ଯିବ ବୋଲି ଶ୍ରୀ କାନୁନଗୋ ସୂଚନା ଦେଇଥିଲେ । ସଭାପତି ଶ୍ରୀ ମହାନ୍ତି ଜିନ ଭାଷଣରେ ଦଳୀୟ ସଂଗଠନକୁ ମଜବୁତ କରିବା ପାଇଁ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ସମସ୍ତ ପ୍ରକାର ବିଭେଦ ଭୁଲୁ କଂଗ୍ରେସ ନିଜ ପୂର୍ବ ଗୌରବ ଫେରାଇବ ପାଇଁ ଯୁବକ ଛାତ୍ର ମହିଳା ଓ ସବୁ ବର୍ଗର ଜନ ସାଧାରଣଙ୍କର ସହ ଯୋଗ ହାସଲ ପାଇଁ ଉଦ୍ୟମ ଅବ୍ୟାହତ ରଖିବ ବୋଲି ସୂଚନା ଦେଇଥିଲେ ।

# ଫୁଲବାଣୀ ପୌରାଂଚଳରେ ମିଳିତ ନାଗରିକ କମିଟି ପକ୍ଷରୁ କମ୍ବଳ ବିତରଣ

କନ୍ଧମାଳ,୨୯।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଶୀତର ପ୍ରକୋପ ଦିନକୁ ଦିନ ବଢୁଥିବାରୁ ଗରିବ ଏବଂ ନିରାଶ୍ରୟ ମାନଙ୍କୁ ଦିନ କାଟିବା ଅତି କଷ୍ଟକର ହେଉଛି । ଏହାକୁ ଦୃଷ୍ଟିରେ ରଖି କନ୍ଧମାଳ ମିଳିତ ନାଗରିକ କମିଟି ପକ୍ଷରୁ ସଭାପତି ଡ.ଅରୁପ କୁମାର ଜେନାଙ୍କ ପରାମର୍ଶ ଅନୁସାରେ କମିଟିର ବରିଷ୍ଠ ସଦସ୍ୟ ନବକିଶୋର ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର ସଦସ୍ୟ ମନୋଜ କୁମାର ଚୌଧୁରୀ ପଂଚାନନ କହଁର ପ୍ରମୁଖ ଦାୟୀତ୍ୱ ନେଇ ପୌରାଂଚଳର ଡାମିଗାଁ ଅଂଚଳର ୬୦ ଜଣ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟଳ ଏବଂ ସୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି । ତେବେ ମିଳିତ ନାଗରିକ କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୋଟିଏ ଅଂଚଳର ମାତ୍ର କିଛି ଲୋକଙ୍କୁ ଏହା ବିତରଣ କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଅଧିକ ପରିମାଣର କମ୍ବଳ ଅଣାଯାଇ ଅସହାୟ ଲୋକଙ୍କୁ ବଂଟନ କରାଯିବାର ଆବଶ୍ୟକତା ରହିଛି ବୋଲି କମିଟିର ଆବାହକ ଅଶୋକ ପରିଡା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ମୁଖ୍ୟ ରେଳ ସଂରକ୍ଷା ଆୟୁକ୍ତଙ୍କ ଦ୍ୱାରା କେରେଜଙ୍ଗ-ଅନୁଗୁଳ ଦୋହରୀକରଣ କାର୍ଯ୍ୟ ନୀରିକ୍ଷଣ

ଭୁବନେଶ୍ୱର,୨୯।୧୨ (ନି.ପ୍ର): ମୁଖ୍ୟ ରେଳ ସଂରକ୍ଷା ଆୟୁକ୍ତ ଶ୍ରୀ ଶୈଳେଶ କୁମାର ପାଠକଙ୍କ ଦ୍ୱାରା ଆଜି କେରେଜଙ୍ଗ-ଅନୁଗୁଳ ୧୩.୫୧କି.ମି. ଦୋହରୀକରଣ କାର୍ଯ୍ୟର ନୀରିକ୍ଷଣ କରାଯାଇଅଛି । ଏହି ନୀରିକ୍ଷଣ ସମୟରେ ପୂର୍ବତଟ ରେଳପଥ ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ଶ୍ରୀ ଡି.ପି.ଲାଲ, ଖୋର୍ଦ୍ଧା ରୋଡ଼୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ଏସ.କେ.ସିଂହ, ସମ୍ବଲପୁର ସ୍ଥିତ ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ଶ୍ରୀ ଏ. ଏସ. ଓବେରୋଇ ଙ୍କ ସହିତ ରେଳପଥର ମୁଖ୍ୟାଳୟ ଏବଂ ଉଭୟ ସମ୍ବଲପୁର ଓ ଖୋର୍ଦ୍ଧା ରୋଡ଼୍ ରେଳମଣ୍ଡଳର ବରିଷ୍ଠ ଅଧିକାରୀ ମାନେ ଏହି ଅବସରରେ ଶ୍ରୀ ପାଠକଙ୍କୁ ନୀରିକ୍ଷଣ କାର୍ଯ୍ୟରେ ସହାୟତା କରିଥିଲେ । ମୁଖ୍ୟ ରେଳ ସଂରକ୍ଷା ଆୟୁକ୍ତଙ୍କ ଦ୍ୱାରା ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ କେରେଜଙ୍ଗ-ଅନୁଗୁଳ ନୂତନ ଦୋହରୀକରଣ କାର୍ଯ୍ୟର ବିଭିନ୍ନ ସଂରକ୍ଷା ସମ୍ବନ୍ଧୀୟ କାର୍ଯ୍ୟଗୁଡିକୁ ଯାଂଚ କରାଯାଇଥିଲା । ନିଶିକ୍ଷଣ ସମୟରେ ବିଭିନ୍ନ ପଏଂଟ ଏବଂ କ୍ରସିଂ, କର୍ଭ (ବାଙ୍କ), ଲେଭଲ୍ କ୍ରସିଂ, ବିଦ୍ୟୁତିକ ଓଭର ହେଡ୍ ଉପକରଣ, ସିଗ୍ନାଲ୍ ଏବଂ ଟେଲିକମ୍ ଯୋଗାଯୋଗ ଉପକରଣ ଗୁଡିକୁ କଡ଼ାକଡ଼ି ଭାବେ ଯାଂଚ କରାଯାଇଥିଲା । ଟ୍ରେନ୍ ଚଳାଚଳର ସଂରକ୍ଷା ସହ ଜଡିତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ପଏଂଟ ସହିତ ବିଭିନ୍ନ ସଂରକ୍ଷା ଦିଗକୁ କଠୋର ଭାବରେ ଯାଂଚ କରିଥିଲେ ଶ୍ରୀ ପାଠକ । ଯାଂଚ ସମୟରେ କେରେଜଙ୍ଗ-ଅନୁଗୁଳ ମଧରେ ନୀରିକ୍ଷଣ ସ୍ୱତନ୍ତ୍ର ଟ୍ରେନକୁ ସର୍ବାଧିକ ଘଂଟାପ୍ରତି ୧୧୦ କି.ମି. ବେଗରେ ପରୀକ୍ଷାମୂଳକ ଚଳାଚଳ କରାଯାଇଥିଲା । ଆଶା କରାଯାଉଅଛି ଯେ ଏହି ସେକ୍ସନରେ ୮୦କି.ମି. ବେଗରେ ଟ୍ରେନ ଚଳାଚଳ କରିବା ପାଇଁ ପ୍ରାଧିକରଣ ପାଇବା ସମ୍ଭାବନା ଅଧିକ । ମୁଖ୍ୟ ରେଳ ସଂରକ୍ଷା ଆୟୁକ୍ତଙ୍କ ଠାରୁ ସ୍ୱୀକୃତି ପାଇବା ପରେ କେରେଜଙ୍ଗ ଓ ଅନୁଗୁଳ ରେଳପଥ ଦୋହରୀକରଣ କାର୍ଯ୍ୟର କାର୍ଯ୍ୟକ୍ଷମ କରାଯିବ ।

# ବ୍ରହ୍ମବରଦାରେ ଧାନ ମଣ୍ଡି ଖୋଲିଲା

ଧର୍ମଶାଳା,୨୯।୧୨ (ନି.ପ୍ର): ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତରେ ଆଜି ଧାନ ମଣ୍ଡି ଖୋଲା ଯାଇଛି । ବ୍ରହ୍ମବରଦା ପ୍ରାଥମିକ କୃଷି ସମବାୟ ସମିତିରେ ଆଜି ସକାଳେ ସମିତିର ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରସନ୍ନ କୁମାର ବିଶୋଇଙ୍କ ସଭାପତିତ୍ୱରେ ଅତିଥିଭାବେ ପ୍ରଶାସନିକ ଅଧିକାରୀ ମନୋରଂଜନ ସାହୁ ଯୋଗ ଦେଇ ଆନୁଷ୍ଠାନିକଭାବେ ଏହି ମଣ୍ଡିକୁ ଉଦଘାଟନ କରିଥିଲେ । ଧାନ କ୍ରୟ କମିଟିର ସଭ୍ୟ ପ୍ରଦିପ ଦାସ,ସୁରେଶ ଚନ୍ଦ୍ର ପାଢୀ, ସନ୍ତୋଷ କୁମାର ସାହୁ, ସମିତିର କର୍ମଚାରୀ ଅଜିତ ବାରିକ, ଲକ୍ଷ୍ମୀପ୍ରିୟା ପାଢୀ,ସୁଦର୍ଶନ ବାରିକ.ଚାଷୀ ବିଜୟ କୁମାର ଜେନା,କରୁଣା ବେହେରା, ପ୍ରମୋଦ ସାହୁ,ପ୍ରଶାନ୍ତ କୁମାର ସାହୁ,ସେକ୍ ମୁସଲିମ ଅଲ୍ଲୀ,ଅଶୋକ ଜେନା, ଚିତ ରଂଜନ ଦାସ,ଦୀନବନ୍ଧ ବଟ ଓ ବ୍ରଜ କିଶୋର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ । ଚାଷୀଙ୍କଠାରୁ ବିଧିବଦ୍ଧଭାବେ ଚାଷୀଙ୍କଠାରୁ ଧାନ କିଣା ଯିବ ବୋଲି ଅମୁଖ୍ୟ ଅତିଥି ପ୍ରକାଶ କରିଥିଲେ । ଚଳିତ ବର୍ଷ ଖରିଫ ଋତୁରେ ଚାଷୀ ସରକାରୀଭାବେ ଧାନ ଦେବା ପାଇଁ ସେମାନଙ୍କ ନାମ ପଞ୍ଜିକୃତ କରିଥିବା ବେଳେଚାଷୀ ମୋବାଇଲରେମେସସେଜ ଯୋଗେ ଟୋକନ ଆସିଥିବା ଜଣାପଡିଛି । ଏଥିରେ କେଉଁ ତାରିଖରେ ଚାଷୀ ଧାନ ଦେବେ ତାହା ମଧ୍ୟ ଉଲ୍ଲେଖ ରହିଛି । ୧୧୯ ଜଣ ଚାଷୀଙ୍କ ନାମ ଏହି ସମବାୟ ସମିତିରେ ପଞ୍ଜିକରଣ କରିଥିବା ଜଣାପଡିଛି । ଏହି ବ୍ରହ୍ମବରଦା ସମବାୟ ସମିତିରେ ବ୍ରହ୍ମବରଦା ପଂଚାୟତ ସମେତ ବନ୍ଧଡିହ ଓ ମହେଶ୍ୱରପୁର ପଂଚାୟତର ଚାଷୀ ଏଠାରେ ଉପକୃତ ହୋଇ ପାରିବେ ବୋଲି ଅଗ୍ରଣୀ ଚାଷୀମାନେ ପ୍ରକାଶ କରିଛନ୍ତି ।

# ଆବାସ ଯୋଜନା ଷ୍ଟିକରିଙ୍ଗ ବିବାଦ,ଫାଡିଲେ ଷ୍ଟିକର:ବିଜେପି ପକ୍ଷରୁ ଝାରସୁଗୁଡା ବ୍ଲକ ଘେରାଓ

ଝାରସୁଗୁଡା ,୨୯।୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜୁ ପକ୍କାଘର ଲୋଗୋ ଷ୍ଟିକରିଙ୍ଗ ଉଦ୍ୟମ କରାଯାଇଛି । ବିଜେଡି ସରକାର କେନ୍ଦ୍ରୀୟ ଯୋଜନାକୁ ହଡପ ନିଜ ଦଳର ପ୍ରଚାର ଓ ହୀନ ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ ପାଇଁ ଲାଗି ପଡିଥିବା ବିଜେପି କହିଛି । ସଂପୃକ୍ତ ଅଧିକାରୀଙ୍କୁ ଭୁଲ ଲୋଗୋ କରେଇ ନଦେବାକୁ ହିତାଧିକାରୀଙ୍କୁ ନିବେଦନ କରିବା ସହ ଷ୍ଟିକରକୁ ଚିରିଛି ବିଜେପି । ଏଥିସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବୀ ମଧ କରିଛି । ଏମିତି କି ମୁଖ୍ୟମନ୍ତ୍ରୀଙ୍କ ନାମରେ ଥାନାରେ ଏତଲା ଦେବ ବୋଲି କହିଛି ବିଜେପି । ଝାରସୁଗୁଡା ବିଜେପି ତରଫରୁ ଷ୍ଟିକରିଙ୍ଗ ବିବାଦକୁ ନେଇ ଆଜି ଝାରସୁଗୁଡା ବ୍ଲକ ଘେରାଓ କରାଯାଇଛି । ବିଜେପିର ଅଭିଯୋଗ ଅନୁଯାୟୀ ବିଭିନ୍ନ କେନ୍ଦ୍ରୀୟ ଯୋଜନାକୁ ହଡପ କରି ରାଜ୍ୟ ସରକାର ନିଜ ଦଳର ପ୍ରଚାର ଓ ହୀନ ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ ପାଇଁ ଲାଗି ପଡି ବିଭିନ୍ନ ସମୟରେ ଅତୀତରେ ଧରା ପଡ଼ିଛନ୍ତି । ୨୦୨୨ ମସିହା ସୁଦ୍ଧା ଦେଶର ସବୁ ଗରିବ ପରିବାରକୁ ପକ୍କାଘର ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରସ୍ତୁତ କରି ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ସହାୟତା ରାଜ୍ୟ ସରକାରଙ୍କୁ ଯୋଗାଇ ଦେଇ ଆସୁଛନ୍ତି । ହେଲେ ଓଡ଼ିଶା ସରକାର ଏହି ଯୋଜନାରେ ହିତାଧିକାରୀ ଚୟନରେ ବହୁ ଗରିବ ତଥା ବାସହୀନ ଲୋକଙ୍କୁ ବଂଚିତ କରି ନିଜ ଦଳୀୟକର୍ମୀ ଓ ଧନୀ ଲୋକମାନଙ୍କୁ ଏକାଧିକ ଘର ମଧ ଯୋଗାଇଦେଉଥିବା ବିଜେପି ଅଭିଯୋଗ କରିଛି ।ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ଉଦ୍ଦେଶ୍ୟରେ ଲୋଗୋ ଷ୍ଟିକରିଙ୍ଗ ପ୍ରସ୍ତୁତ କରାଯାଇଛି ସେଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନ କୁ ସଂକ୍ଷିପ୍ତରେ ପୁଣି ଛୋଟ ଆକାରରେ 'ପ୍ର.ଆ.ଯୋ. ଲେଖାଯାଇଛି । ତେଣୁ ମୁଖ୍ୟମନ୍ତ୍ରୀ, ପଂଚାୟତିରାଜ ମନ୍ତ୍ରୀ ସମେତ୍ବିଭାଗୀୟ ଅଧିକାରୀ ସାଧାରଣ ଜନତାଙ୍କୁ ପ୍ରତାରଣା ଓ ଠକେଇ ମାମଲାରେ ଆସନ୍ତା କାଲି ବିଜେପି ଝାରସୁଗୁଡା ଥାନା ରେ ଏତଲା ଦେବ ବୋଲି ସୂଚନା ଦେଇଛି ।

# ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସରକାରୀ ଧାନ କିଣାର ଶୁଭାରମ୍ଭ

କୋରାଇ,୨୯।୧୨ (ନି.ପ୍ର): ଯାଜପୁର ଜିଲ୍ଲା କୋରାଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଂଚାୟତର ଗୋବିନ୍ଦପୁର ଗ୍ରାମର ରାମେଶ୍ୱର ମହିଳା ସ୍ୱୟ ସହାୟକ ଗୋଷ୍ଠୀ ଦ୍ୱାରା ଧାନ ମଣ୍ଡି ଖୋଲା ଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଗାଣ ଅଧିକାରୀ ଜି. ପ୍ରଭାକର ପାତ୍ର, ସହକାରୀ ଯୋଗାଣ ଅଧିକାରୀ ସୋନାଲିକା ମହାପାତ୍ର, ମୂଳାପାଳ ସରପଂଚ ଜ୍ୟୋତିରେଖା ନାୟକ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଅବସରରେ ଯୁବ ନେତା ଗୋଲକ ଚନ୍ଦ୍ର ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଚାଷି ମାନଙ୍କ ଧାନ ବିକ୍ରୟ ସମ୍ପର୍କରେ ବିଷଦ ଆଲୋଚନା କରାଯିବା ସହ ସମସ୍ତ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ପ୍ରତିଶୃତି ଦେଇଥିଲେ । ରାମେଶ୍ୱର ମହିଳା ସ୍ୱୟ ସହାୟକ ଗୋଷ୍ଠୀର ସଭାପତି କାଂଚନ ଜେନା, ସମ୍ପାଦିକା ଲକ୍ଷ୍ମୀପ୍ରୀୟା ବେହେରା, ଡିଇଓ ତପନ କୁମାର ଜେନା, ପ୍ରଶାନ୍ତ ସାହୁ, ନିତ୍ୟାନନ୍ଦ ସାହୁ, ରାମ ଚନ୍ଦ୍ର ବେହେରା, ନିରଂଜନ ନାୟକ, ହରିହର ପାଳ, ମଧୁସୂଦନ ନନ୍ଦୀ, ମହେନ୍ଦ୍ର ସାହୁ, କିଶୋର ପାଲ, ଦୁର୍ଯ୍ୟୋଧନ ଦାସ, ନବଘନ ଦାସ, ବଟକୃଷ୍ଣ ନାୟକ, ରାମ ଚନ୍ଦ୍ର ଭୂଡିଆ, ଦୁଶାସନ ଭୂତିଆ, ବିଦ୍ୟାଧର ବେହେରା, ଅନନ୍ତ ନାୟକ, ଯୋଗେନ୍ଦ୍ର ନାୟକଙ୍କ ସମେତ ଶତାଧିକ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସରକାର ଦେଉଥିବା ସୁବିଧା ସୁଯୋଗ ପାଉ ନାହାଁନ୍ତି ନିର୍ମାଣ ଶ୍ରମିକ

କେନ୍ଦ୍ରାପଡ଼ା,୨୯।୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟ କରୁଥିବା ବିଭିନ୍ନ ଟ୍ରେଡ ୟୁନିୟନ ର କର୍ମକର୍ତା ମାନେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଶ୍ରମିକଙ୍କ ସମସ୍ୟା ବିଷୟରେ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆ ଯାଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସୁବିଧା ଶ୍ରମିକ ମାନେ ପାଇପାରୁ ନଥିବା ଅଭିଯୋଗ କରିଛନ୍ତି । ସୋମବାର ଏହି ଶ୍ରମିକ ନେତାମାନେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ଶ୍ରମିକ ମାନଙ୍କ ପାଇଁ ଗୃହ ନିର୍ମାଣ ଆବେଦନ ଫର୍ମ ଗୁଡିକ ଦାଖଲ କରାଯାଇ ଥିଲେ ମଧ କୌଣସି ନିଷ୍ପତି ନିଆଯାଇ ପାରୁନାହିଁ । ଶ୍ରମିକ ମାନଙ୍କ ବାର୍ଷିକ ଦେୟ ଶ୍ରମ କାର୍ଯ୍ୟାଳୟରେ ପଡି ରହିବା ଫଳରେ ଶ୍ରମିକ ମାନେ ବଂଚିତ ହେଉଛନ୍ତି । ଦୁରାରୋଗ୍ୟ ବ୍ୟାଧିରେ ପିଡିତ ଜିଲ୍ଲାର କୌଣସି ଶ୍ରମିକ ସରକାରଙ୍କ ସହାୟତା ରାଶି ପାଇପାରୁ ନାହାଁନ୍ତି । କରୋନା ମହାମାରୀ ସମୟରେ ଶ୍ରମିକ ମାନଙ୍କୁ ଦିଆଯାଇ ଥିବା ୧୫୦୦ ଟଙ୍କା ପ୍ରାୟ ୨୫ ହଜାର ଶ୍ରମିକ ପାଇ ନାହାଁନ୍ତି । କଟକ , ଭୁବନେଶ୍ୱର, ରାଉରକେଲା, ଯାଜପୁର ପ୍ରଭୃତି ଜିଲ୍ଲାର ଶ୍ରମିକ ମାନେ ସରକାରଙ୍କଲ ପ୍ରଦତ ସାଇକେଲ ପାଇଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାରେ ଏହା ଆଦୌ କାର୍ଯ୍ୟକାରୀ ହୋଇନାହିଁ । ଏହିଭଳି ଶ୍ରମିକ ମାନଙ୍କ ପାଇଁ ଆସୁଥିବା ଅନୁଦାନ ଶ୍ରମିକ ମାନଙ୍କ ଉପକାର ରେ ନଲାଗି ଫେରିଯାଉ ଥିବାରୁ ଏ ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇ ଥିଲା । ଏହି ବୈଠକରେ ସିଆଇଟିୟୁ ର ଜଗତ ଜୀବନ ଦାସ,ଏଆଇଟିୟୁସି ର ବାବାଜୀ ଧଳ, ଆଇଏନଟିୟୁସି ର ମୁକ୍ତାର ଖାନ, ଏଆଇସିସଟିୟୁ ର ବସନ୍ତ ମଲିକ, ବିଏମଏସ ର ଶ୍ରମିକ ନେତା ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଶାସନର ହସ୍ତକ୍ଷେପ ପରେ ବାଲ୍ୟବିବାହ ନୋହିଲା

ଝାରସୁଗୁଡା ,୨୯।୧୨ (ନି.ପ୍ର): ଉଭୟ କେନ୍ଦ୍ର ଓ ରାଜ୍ୟସରକାର ବାଲ୍ୟବିବାହ ରୋକିବା ପାଇଁ ବହୁ ସଚେତନତା କାର୍ଯ୍ୟକ୍ରମ କରୁଥିଲେ ସୁଦ୍ଧା ଆଜିବି ଲୋକମାନେ ସଚେତନ ହୋଇପାରୁନାହାଁନ୍ତି ।୧୮ ବର୍ଷରୁ କମ ବୟସର ପିଲାଙ୍କ ବିବାହ କରାଇବା ଆଇନଗତ ଅପରାଧ ହୋଇଥିଲେ ବି ଏହାକୁ ଲୋକଙ୍କ ଖାତିର ନାହିଁ । ଏବେ ବି ରାଜ୍ୟର ବିଭିନ୍ନ ସ୍ଥାନରେ ବେଧଡ଼କ ଭାବେ ଚାଲିଛି ବାଲ୍ୟ ବିବାହ । ଅନିଚ୍ଛା ସତ୍ତ୍ୱେ ହେଉଥିଲା ଜଣେ ନାବାଳିକାର ବାଲ୍ୟ ବିବାହ କୁ ରୋକିଲା ପ୍ରଶାସନ । ଏଭଳି ଘଟଣା ଦେଖିବାକୁ ମିଳିଛି ଝାରସୁଗୁଡା ଜିଲ୍ଲା ରେ । ଆଜି ଗାନ୍ଧିଛକ ଫାଣ୍ଡି ଅଂଚଳରେ ହେବାକୁ ଥିବା ଜଣେ ୧୬ ବର୍ଷୀୟ ନାବାଳିକାର ବିବାହକୁ ପ୍ରଶାସନ ରୋକିଛି । ଝାରସୁଗୁଡା ଚାଇଲ୍ଡ ଲାଇନ୍ ବାହାଘର ରୋକିବା ସହ ନାବାଳିକାଙ୍କୁ ଉଦ୍ଧାର କରିଛି । ନାବାଳିକାଙ୍କ ଅନିଚ୍ଛା ସତ୍ତ୍ୱେ ଏହି ବିବାହର ଆୟୋଜନ କରାଯାଉଥିବା ଚାଇଲ୍ଡ ଲାଇନର କେନ୍ଦ୍ର ସଂଯୋଜକ ଆଶିଷ କୁମାର ପଣ୍ଡା ସୂଚନା ଦେଇଛନ୍ତି । ଏହି ବାଲ୍ୟ ବିବାହ ନେଇ ରବିବାର ବିଳମ୍ବିତ ରାତିରେ ଚାଇଲ୍ଡ ଲାଇନକୁ ସୂଚନା ମିଳିଥିଲା । ଆଜି ସକାଳୁ ସିଡିପିଓ ପୂର୍ଣ୍ଣମାସୀ ସାହୁ, ଚାଇଲ୍ଡ ଲାଇନ୍ ସଦସ୍ୟ ରାଧେଶ୍ୟାମ ନାଏକ, ଜ୍ୟୋତ୍ସ୍ନା ପ୍ରଧାନ ଓ ଗାନ୍ଧିଛକ ଫାଣ୍ଡି ପୋଲିସ ନାବାଳିକା ଘରେ ପହଂଚିଥିଲେ । ନାବାଳିକାର ପରିବାରବର୍ଗଙ୍କୁ ବାଲ୍ୟ ବିବାହ ଆଇନ୍ ଓ ପରିଣାମ ବିଷୟରେ ଅବଗତ କରାଇ ବିବାହକୁ ରୋକିଥିଲେ ।ତେବେ ଚାଇଲ୍ଡ ଲାଇନ ନାବାଳିକା ଘରେ ପହଂଚିବା ବେଳକୁ ସେଠାରେ ବରଯାତ୍ରୀ ମଧ ପହଂଚି ସାରିଥିଲେ । ଚାଇଲ୍ଡ ଲାଇନ୍ ବର ପକ୍ଷକୁ ମଧ ବାଲ୍ୟ ବିବାହ ଆଇନ୍ ବିଷୟରେ ସତର୍କ କରାଇଥିଲା । ବରଯାତ୍ରୀ ଲଖନପୁର ବ୍ଲକ ସାଗରପାଲି ଗ୍ରାମରୁ ଆସିଥିବା ବେଳେ ବରକୁ ୨୬ ବର୍ଷ ବୟସ । ନାବାଳିକାଙ୍କୁ ୧୮ ବର୍ଷ ନହେବା ଯାଏ ବିବାହ ନକରିବା ପାଇଁ ଉଭୟ ପକ୍ଷ ରାଜି ହେଲା ପରେ ଗାନ୍ଧିଛକ ଫାଣ୍ଡିରେ ଏକ ଷ୍ଟେସନ ଡାଏରୀ କରାଯାଇଛି । ଅନ୍ୟପଟେ ନାବାଳିକାକୁ ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପନ କରିଛି ଝାରସୁଗୁଡା ଚାଇଲ୍ଡ ଲାଇନ୍ ।

# କନ୍ଧମାଳର ଯୁବ କବି ବାଲେଶ୍ୱରରେ ସମ୍ମାନିତ

କନ୍ଧମାଳ,୨୯।୧୨ (ନି.ପ୍ର): କନ୍ଧମାଳର ଯୁବ କବି ନୃସିଂହାନନ୍ଦ ମହାପାତ୍ର ପୁଣିଥରେ ସମ୍ମାନିତ ହୋଇଛନ୍ତି ମୋ ଅନୁଷ୍ଠାନ ଶିକ୍ଷା ତାରକା ସମ୍ମାନ-୨୦୨୦ରେ । ବାଲେଶ୍ୱର ଜିଲାର ଖଇରା ଠାରେ ମୋ ଅନୁଷ୍ଠାନ ସାହିତ ସଂସଦ ପକ୍ଷରୁ ଅନୁଷ୍ଠିତ ଏହାର ପ୍ରଥମ ବାର୍ଷିକ ରାଜ୍ୟ ସ୍ତରୀୟ ସାହିତ୍ୟ ସମ୍ବାଦ ଓ ସମାଜସେବା ସମାରୋହ କାର୍ଯ୍ୟକ୍ରମରେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ଜଣେ କବି, ଲେଖକ ଓ ପ୍ରାବନ୍ଧିକ ଭାବେ ପରିଚିତ ଶ୍ରୀ ମହାପାତ୍ର ହେଉଛନ୍ତି ଜଣେ ସରକାରୀ କର୍ମଚାରୀ ।

# ଅବସର ପ୍ରାପ୍ତ ଆର୍ମି ଜବାନମାନଙ୍କ ପ୍ରତି ବିଭାଗୀୟ ଅଧିକାରୀଙ୍କ ଅବହେଳା

ରାଉରକେଲା,୨୯।୧୨ (ନି.ପ୍ର): ରାଉରକେଲା ସମେତ ସୁନ୍ଦରଗଡ ଜିଲ୍ଲାରେ ଥିବା ଆର୍ମିରୁ ଅବସର ନେଇଥିବା ହଜାର ହଜାର ଜବାନ ଓ ସେମାନଙ୍କ ସମସ୍ୟାକୁ ବିଭାଗୀୟ ମଖ୍ୟ ଅଣଦେଖା କରିବା ସହ ସେମାନଙ୍କ ପ୍ରତି ଅବହେଳା ର୍ଲୁଥିବାର ଅଭିଯୋଗ ହେଉଛି । ଏହି ଜବାନ ମାନେ ରାଉରକେଲା ସମେତ ଜିଲ୍ଲାର ବିଭିନ୍ନ କୋଣାନୁକୋଣରେ ରହୁଥିବା ବେଳେ ସେମାନଙ୍କ ଲାଗି ଏହି ଜିଲ୍ଲାରେ କୌଣସି କ୍ୟାଂଟିନ ଓ ସ୍ୱାସ୍ଥ୍ୟ ସେବା ଲାଗି କୌଣସି ସୁବିଧା ନଥିବା ଅଭିଯୋଗ ହୋଇଛି । ଅଭିଯୋଗରୁ ଜଣା ପଡିଛି ଏହି ଜିଲ୍ଲାରେ ଅବସର ନେଇ ରହୁଥିବା ଜବାନ ମାନେ ନିଜର ଆର୍ମି କ୍ୟାଇଟିନ ସୁବିଧା ପାଇପାରୁ ନାହାନ୍ତି ।ସେଠାରେ ସମସ୍ତ ରାସନ ,ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ପାନୀୟ ଶସ୍ତାରେ ଏହି ଜବାନ ମାନଙ୍କୁ ଦିଆଯାଏ । ତେବେ ଏହି କ୍ୟାଂଟିନ ଟି ସମ୍ବଲପୁରରେ ରହିଥିବାରୁ ସୁନ୍ଦରଗଡ ଓ ରାଉରକେଲାରୁ ସେଠାକୁ ଯାତାୟତ ଅଧିକ ଖର୍ଚ୍ଚାନ୍ତ ହେଉଥିବା ବେଳେ ସେଠାରେ ଯାଇ ପହଂଚିଲେ ମଧ ଅନେକ ସମୟରେ ସାମଗ୍ରୀ ମଧ ମିଳୁନାହିଁ ବୋଲି ଅଭିଯୋଗ ହେଉଛି । ରାଉରକେଲାରେ ଅନେକ ଦିନ ତଳେ ଏହି କ୍ୟାଂଟିନକୁ ଏନସିସି ତରଫରୁ ଚଳାଯାଉଥିଲା,ତେବେ କେତେକ ବିଶୃଂଖଳା ଲାଗି ସେହି କ୍ୟାଂଟିନକୁ ବନ୍ଦ କରିଦିଆଗଲା । ସେହି ଦିନ ଠାରୁ ଏହି ସମସ୍ୟା ବଢିବା ସହ ଜବାନ ମାନଙ୍କ ସଂଖ୍ୟା ବଢିଚାଲିଥିଲେ ବି ଏହାର ସମାଧାନ ହୋଇପାରୁନାହିଁ । ଖାଲି ସେତିକି ନୁହେଁ ସ୍ୱାସ୍ଥ୍ୟ ଗତ ସମସ୍ୟାକୁ ନେଇ ମଧ ଏହି ଜାବାନ ଓ ସେମାନଙ୍କ ପରିବାର ଲାଗି ଏଠାରେ କିଛି ସୁବିଧା ନାହିଁ । ଏଭଳି ସମସ୍ୟା ଲାଗି ସେମାନଙ୍କୁ ସମ୍ବଲପୁର ଜିବାକୁ ପଡୁଥିବା କୁହାଯାଉଛି ।ତେବେ ଏନେଇ ଏହି ଜବାନ ମାନଙ୍କର ବିଭିନ୍ନ ସଙ୍ଗଠନ ଉପରିସ୍ତ ଅଧିକାରୀ ମାନଙ୍କୁ ବାରମ୍ବାର ଲେଖି ଜଣାଉଥିଲେ ବି ତାର ସମାଦାନ ହୋଇପାରୁନଥିବା ଅଭିଯୋଗ ହେଉଛି ।ଏକଦା ଦେଶ ଲାଗି ନିଜ ଜୀବନକୁ ବାଜି ଲାଗାଇ ଆର୍ମିକୁ ଯାଇ ଅବସର ନେଇଥିବା ଜବାନ ମାନଙ୍କର ଏହି ସମସସ୍ୟାକୁ ସମାଧାନ କରିବାରେ ସରକାର ସହାୟକ ହେବାକୁ ଦାବି ହେଉଛି ।

# ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ସୁନ୍ଦରଗଡ଼ ଜିଲ୍ଲାରେ ଔଷଧବୁଡ଼ା ମଶାରୀ ବଣ୍ଟନ ଆରମ୍ଭ

- ପ୍ରଥମ ପର୍ଯ୍ୟାୟରେ ୭ଟି ସ୍ଥାନରେ ହେବ ବଣ୍ଟନ
- ଦ୍ୱିତୀୟ ପର୍ଯ୍ୟାୟରେ ୯ଟି ଓ ତୃତୀୟ ପର୍ଯ୍ୟାୟରେ ୬ଟି ସ୍ଥାନ
- ମଶାରୀ ବଣ୍ଟନ ପାଇଁ ୨୬୧୨ଟି ସ୍ଥାନ ଚିହ୍ନଟ
- ଜିଲ୍ଲାରେ ବଣ୍ଟନ ହେବ ୧୩ ଲକ୍ଷ ୬୪ ହଜାର ୭୨୭ ମଶାରୀ

ସୁନ୍ଦରଗଡ଼,୨୯।୧୨ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲାରେ ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ସୋମବାରଠାରୁ ଔଷଧ ବୁଡ଼ା ମଶାରୀ (ଏଲଏଲଆଇଏନ୍) ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି । କୁଆରମୁଣ୍ଡାରେ ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୭ଟି ସ୍ଥାନ - ରାଉରକେଲା ମହାନଗର ନିଗମ, ବୀରମିତ୍ରପୁର ପୌରପାଳିକା, ବଣାଇ ସଦର, ହାତୀବାରି, କୁଆରମୁଣ୍ଡା, ଲାଇଙ୍ଗା ଏବଂ ବୀରକେରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଆସୁଥିବା ଅଞ୍ଚଳରେ ଏହି ମଶାରୀ ବଣ୍ଟନ କରାଯିବ । ଜାନୁୟାରୀ ୨ ତାରିଖ ସୁଦ୍ଧା ଏହି ବଣ୍ଟନ କାର୍ଯ୍ୟ ଶେଷ କରାଯିବ । ଦ୍ୱିତୀୟ ପର୍ଯ୍ୟାୟ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଜାନୁୟାରୀ ୪ରୁ ୯ ତାରିଖ ପର୍ଯ୍ୟନ୍ତ ଚାଲିବ । ସୁନ୍ଦରଗଡ଼ ପୌର ପାଳିକା ସହିତ ବଡ଼ଗାଁ, ବିଶ୍ରା, ହେମଗିରି, ଲହୁଣିପଡ଼ା, ମଙ୍ଗତପୁର, କୁତ୍ରା, ଗୁରୁଣ୍ଡିଆ, ଏସ୍ ବଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ହିତାଧିକାରୀମାନଙ୍କୁ ବଣ୍ଟନ କରାଯିବ । ସେହିପରି ଜାନୁୟାରୀ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ତୃତୀୟ ପର୍ଯ୍ୟାୟ ମଶାରୀ ବଣ୍ଟନ କରାଯିବ । ରାଜଗାଙ୍ଗପୁର ପୌର ପାଳିକା, କିଞ୍ଜିରକେଲା, କୋଇଡ଼ା, ମଝାପଡ଼ା, ସର୍ଗିପାଲି ଏବଂ ସବଡେଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ବଣ୍ଟନ କରାଯିବ । ଚଳିତ ବର୍ଷ ୧୩ ଲକ୍ଷ ୬୪ ହଜାର ୭୨୭ଟି ମଶାରୀ ହିତାଧିକାରୀମାନଙ୍କ ମଧ୍ୟରେ ବଣ୍ଟନ କରାଯିବ । ନିର୍ଦ୍ଧାରିତ ସମୟ ମଧ୍ୟରେ ଔଷଧବୁଡ଼ା ମଶାରୀ ବଣ୍ଟନ ପାଇଁ ୨୬୧୨ଟି ବଣ୍ଟନ ସ୍ଥାନ ସ୍ଥିର କରାଯାଇଛି । ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କ ସହ ଅନ୍ୟମାନଙ୍କୁ ମିଶାଇ ୧୩ ହଜାରରୁ ଅଧିକ କର୍ମୀ ଏହି ବଣ୍ଟନ କାର୍ଯ୍ୟରେ ନିୟୋଜିତ ହେବେ । ପ୍ରତି ବ୍ଲକରେ ଗୋଟିଏ ସପ୍ତାହ ମଧ୍ୟରେ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଶେଷ କରିବାକୁ ପ୍ରଶାସନ ଲକ୍ଷ୍ୟ ରଖିଛି । ସରକାରଙ୍କ ପକ୍ଷରୁ ୩ ପ୍ରକାର ମଶାରୀ ହିତାଧିକାରୀଙ୍କ ମଧ୍ୟରେ ମାଗଣାରେ ବଣ୍ଟନ କରାଯାଉଛି । କିଶୋର କିଶୋରୀ, ଦିବ୍ୟାଙ୍ଗ, ବିଧବା, ବୃଦ୍ଧବୃଦ୍ଧାଙ୍କୁ ସିଙ୍ଗଲ ମଶାରୀ ଦିଆଯିବ । ଦମ୍ପତିଙ୍କ ସହ ୫ ବର୍ଷ ବୟସ ମଧ୍ୟରେ ଗୋଟିଏ ସନ୍ତାନ ଥିବା ପରିବାରକୁ ଡବଲ ମଶାରୀ ଏବଂ ଦୁଇ ସନ୍ତାନ କିମ୍ବା ୫ ବର୍ଷରୁ ବଡ଼ ପିଲା ଥିବା ପରିବାରକୁ ଫ୍ୟାମିଲି ସାଇଜ୍ ମଶାରୀ ମିଳିବ । ଜିଲ୍ଲାରେ ନିର୍ଦ୍ଧାରିତ ସମୟ ମଧ୍ୟରେ ମଶାରୀ ବଣ୍ଟନ କାର୍ଯ୍ୟ ଶେଷ କରିବା ପାଇଁ ବିଭିନ୍ନ ପର୍ଯ୍ୟାୟରେ ସମନ୍ୱୟ ବୈଠକ କରାଯାଇଛି । ସେହିପରି କ୍ଷେତ୍ର କର୍ମଚାରୀଙ୍କୁ ଏଥିପାଇଁ ପ୍ରସ୍ତୁତ କରାଯାଇଛି । ବିଶେଷକରି ଜିଲ୍ଲାର ମ୍ୟାଲେରିଆ ପ୍ରବଣ ଏବଂ କେତେକ ଦୁର୍ଗମ ଅଞ୍ଚଳରେ କିଭଳି ମଶାରୀ ହିତାଧିକାରୀଙ୍କ ପାଖରେ ପହଞ୍ଚିବ ସେଥିପାଇଁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଉଛି । ହିତାଧିକାରୀମାନେ କିପରି ନିୟମିତ ମଶାରୀ ବ୍ୟବହାର କରିବେ, ସେନେଇ ଜନ ସଚେତନତା ସୃଷ୍ଟି କରାଯିବ । ତା' ସହିତ ସେମାନେ ଏହାକୁ ବ୍ୟବହାର କରୁଛନ୍ତି କି ନାହିଁ, ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀଙ୍କ ମାଧମରେ ତାହାର ତଦାରଖ କରିବାକୁ ମଧ ବ୍ୟବସ୍ଥା କରାଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଔଷଧ ବୁଡ଼ା ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ରାଜ୍ୟ ବ୍ୟାପୀ ହାତକୁ ନିଆଯାଇଛି । ରାଜ୍ୟରେ ମ୍ୟାଲେରିଆ ନିୟନ୍ତ୍ରଣ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ମଧ୍ୟରେ ଏହି କାର୍ଯ୍ୟକ୍ରମ ବିଶେଷ ପ୍ରଭାବଶାଳୀ ହୋଇପାରିଛି ।

**ବିଶ୍ୱର ପ୍ରମୁଖ ପାଞ୍ଚଟି ଭାସମାନ ଆଶ୍ଚର୍ଯ୍ୟ ସମ୍ପର୍କରେ-**

# ଭାସମାନ ଆଶ୍ଚର୍ଯ୍ୟ





### ଭାସମାନ ଜାତୀୟ ଉଦ୍ୟାନ :

ବିଶ୍ୱର ଏକମାତ୍ର ଭାସମାନ ଜାତୀୟ ଉଦ୍ୟାନ ଭାରତରେ ରହିଛି । ମଣିପୁରରେ ଦେଶର ପୂର୍ବୋତ୍ତର ଭାଗର ସବୁଠାରୁ ବଡ଼ ମଧୁର ଜଳ ହ୍ରଦ ଲୋକତକ ରହିଥିବା ବେଳେ ଏହି ହ୍ରଦରେ ବିଶ୍ୱର ଏକମାତ୍ର ଭାସମାନ ଜାତୀୟ ଉଦ୍ୟାନ ଦେଖିବାକୁ ମିଳେ । ଇମ୍ଫାଲଠାରୁ ୫୩ କିଲୋମିଟର ଦୂର ମଣିପୁରର ବିଶନପୁର ଜିଲାରେ ଲୋତକ୍ ହ୍ରଦ ରହିଛି । ବିଶ୍ୱରେ ଏହା ଭାସମାନ ହ୍ରଦ ନାମରେ ପରିଚିତ । ଏହି ହ୍ରଦରେ ଥିବା ପ୍ରାକୃତିକ ଦ୍ୱୀପଗୁଡ଼ିକ ଏଠାକାର ଅନ୍ୟତମ ଆଶ୍ଚର୍ଯ୍ୟ । ଏହାକୁ ଫୁମଦି ବୋଲି କୁହାଯାଏ । ସ୍ଥାନୀୟ ମାଛ ଧରାଳିମାନେ ଏହି ଫୁମଦିରେ ରହନ୍ତି । ମଣିପୁର ଅର୍ଥନୀତିରେ ଏହି ହ୍ରଦର ବିଶେଷ ଯୋଗଦାନ ଥିବାବେଳେ ଏଠାରୁ ରାଜ୍ୟର ଜଳବିଦ୍ୟୁତ ଉତ୍ପାଦନ ଲାଗି ଜଳ ଯାଇଥାଏ । ସବୁଠାରୁ ବଡ଼ ଫୁମଦି ୪୦ ବର୍ଗ କିଲୋମିଟର ପରିବ୍ୟାପ୍ତ । ହ୍ରଦ ମଧ୍ୟଭାଗରେ ଏହି ଫୁମଦିରେ ରହିଛି ଦେଶ ତଥା ବିଶ୍ୱର ଏକମାତ୍ର ଭାସମାନ ଜାତୀୟ ଉଦ୍ୟାନ କିବୁଲ ଲାମଜୋ । ଏହା ବିଲୁପ୍ତ ପ୍ରାୟ ସଙ୍ଗାଇ ହରିଣଙ୍କର ଶେଷ ପ୍ରାକୃତିକ ବାସସ୍ଥଳୀ ବୋଲି କୁହାଯାଏ । ସଙ୍ଗାଇ ହରିଣଙ୍କର ଶେଷ ପ୍ରାକୃତିକ ବାସସ୍ଥଳୀ ବୋଲି କୁହାଯାଏ । ସଙ୍ଗାଇ ମଧ ମଣିପୁରର ରାଜ୍ୟ ପଶୁ ଭାବେ ଘୋଷିତ ହୋଇଛି ।



### ବଜାର ଭାସୁଛି :

ବର୍ଷା ପାଣିରେ ନୁହେଁ, ବରଂ ବଜାରଟି ପାଣି ଉପରେ ହିଁ ଭାସମାନ ବଜାର କଲକାତାଠାରେ ପ୍ରତିଷ୍ଠା କରାଯାଇଥିବାବେଳେ ଗୋଟିଏ ଡଙ୍ଗାରେ ଦୁଇଟି ଦୋକାନ ଥିବା ଏବଂ ଡଙ୍ଗା ଗୋଟିଏ ଜାଗାରେ ସ୍ଥିର ହୋଇ ରହିବାର ବ୍ୟବସ୍ଥା ଏଠାକାର ବିଶେଷତ୍ୱ । ପଶ୍ଚିମବଙ୍ଗ ସରକାର ବ୍ୟାଙ୍କକ ଶୈଳୀରେ ଏହି ବଜାର ପ୍ରତିଷ୍ଠା କରିଛନ୍ତି । ସହରୀକରଣ ଯୋଗୁ ଜୀବିକା ହରାଇଥିବା ରାସ୍ତାକଡ଼ର ୨୦୦ ବ୍ୟବସାୟୀଙ୍କୁ ଥଇଥାନ କରିବା ଲାଗି ଏହି ବଜାର ପରିକଳ୍ପନା କରାଯାଇଥିଲା । ୯କୋଟି ଟଙ୍କା ଏଥିପାଇଁ ବ୍ୟୟ କରାଯାଇଛି । ଅନ୍ୟ ବଜାର ଅପେକ୍ଷା ଏଠାରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କମ ଦରରେ ମିଳିଥାଏ । ଚା ଦୋକାନ ସହିତ ସେଲୁନ ମଧ ଡଙ୍ଗାରେ ରହିଛି । ଏଭଳି ବଜାର ପ୍ରତିଷ୍ଠା ଲାଗି ହୁଗୁଳି ଜିଲାର ୬ଟାରୁ ଦିନ ଗୋଟାଏ ଏବଂ ଅପରାହ୍ନ ୪ଟାରୁ ରାତି ୯ଟାଯାଏ ଏହିତ ବଜାର ଖୋଲା ରହେ ।

### ପାଖକୁ ଯାଉଛି ସ୍କୁଲ:

ହଁ କାରଣ ଏହି ସ୍କୁଲ ମଧ ଭାସୁଛି । ଏଭଳି ସ୍କୁଲ ରହିଛି ମଣିପୁରରେ । ଲୋକତକ ହ୍ରଦରେ ଏହି ସ୍କୁଲ କାର୍ଯ୍ୟକରୁଥିବା ବେଳେ ଏଥିରେ ଛୋଟପିଲାଙ୍କ ସହିତ ନିରକ୍ଷର ବୟସ୍କମାନଙ୍କୁ ମଧ ପ୍ରାଥମିକ ଶିକ୍ଷା ଦିଆଯାଉଛି । ବିଶେଷକରି ମାଛଧରାଳିମାନଙ୍କ ପିଲାମାନେ ଶିକ୍ଷାକ୍ଷେତ୍ରରୁ ବଞ୍ଚିତ ନହେବା ଲାଗି ଏହି ସ୍କୁଲ ଆରମ୍ଭ କରାଯାଇଛି ମାଛଧରାଳି ୟୁନିଅନ ଏବଂ ଏକ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ସହାୟତାରେ ହୋଇଥିବା ଏହି ସ୍କୁଲରେ ୨ଜଣ ଶିକ୍ଷକ ପ୍ରାୟ ୪୦ ଜଣ ପିଲାଙ୍କୁ ପାଠ ପଢ଼ାଉଛନ୍ତି ।



### ଭାସମାନ ପାୱାର ପ୍ଲାଣ୍ଟ:

ବିଶ୍ୱର ପ୍ରଥମ ଭାସମାନ ପାରମାଣବିକ ପାୱାର ପ୍ଲାଣ୍ଟକୁ ରୁଷ୍ ସମୁଦ୍ରରେ ଅବତରଣ କରାଇଛି । ମୁରମନସ୍କ ସହରର ଏକ ବନ୍ଦରରୁ ଏହାକୁ ସମୁଦ୍ର ଭିତରକୁ ଅଣାଯାଇଥିଲା । ବର୍ଷେକାଳ ଏହାର ସାମୁଦ୍ରିକ ଯାତ୍ରା ଲାଗିରହିବ । ଏହାର ନାମ ଦିଆଯାଇଛି- 'ଏକାଡେମିକ୍ ଲୋମୋନୋସୋଭ' । ପୂର୍ବ ଏବଂ ଉତ୍ତର ସାଇବେରିଆର ଦୂରଦୂରାନ୍ତ ଅଞ୍ଚଳନକୁ ବିଦ୍ୟୁତ ଯୋଗାଇବା ତଥା ତୈଳ ବିଶୋଧନ କରିବା ଏହାର ପ୍ରମୁଖ କାର୍ଯ୍ୟ । ପ୍ରାୟ ଦୁଇଲକ୍ଷ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳକୁ ଏହି ଭାସମାନ ରିଆକ୍ଟର ବିଦ୍ୟୁତ ଯୋଗାଇପାରିବ । ପ୍ରତିଦିନ ୨.୪ ଲକ୍ଷ ପାନୀୟ ଜଳ ମଧ ପ୍ରସ୍ତୁତ କରିପାରିବ । ଏଥିସହିତ ପ୍ରାୟ ୫୦ ହଜାର ଟନ ଅଙ୍ଗାରକାମ୍ଳ ଉତ୍ସର୍ଜନ ଏହା ଦ୍ୱାରା ରୋକାଯିବା ସମ୍ଭବ ହେବ ବୋଲି ଜଣାଯାଇଛି । ଏକାଧିକ ପରିବେଶବିତ୍ ଏହାକୁ ନ୍ୟୁକ୍ଲିଅର ଟାଇଟାନିକ୍ କହୁଥିବା ବେଳେ ଗ୍ରୀନପିସ୍ 'ଭାସମାନ ଚେର୍ନୋଭିଲ୍' ଆଖ୍ୟା ଦେଇଛି । ଭାସୁଛି ଏଟିଏମଆବଶ୍ୟକ ସମୟରେ ତୁରନ୍ତ ଟଙ୍କା ପାଇବା ଲାଗି ଏଟିଏମ ସହାୟକ ହେଉଥିବା ବେଳେ ଦେଶରେ ଏପରି ଏକ ଏଟିଏମ ରହିଛି ଯାହା ଟଙ୍କା ଯୋଗାଇବା ସହ ପ୍ରମୁଖ ଆକର୍ଷଣ ହାଇପାରିଛି । ଏଟିଏମ ୟୁନିଟଗୁଡ଼ିକ ରାସ୍ତାକଡ଼ରେ କୌଣସି କକ୍ଷରେ ରହିଥାଏ । ଏହି ଏଟିଏମ କିନ୍ତୁ ପାଣିରେ ଭାସମାନ ଅବସ୍ଥାରେ ରହିଛି । ଭାରତୀୟ ଷ୍ଟେଟ ବ୍ୟାଙ୍କ ଦେଶର ପ୍ରଥମ ଭାସମାନ ଏଟିଏମ୍ ୨୦୦୪ ମସିହା ଫେବୃଆରୀ ୯ତାରିଖ ଦିନ ଆରମ୍ଭ କରିଥିଲା । କେରଳ ସିପିଙ୍ଗ ଆଣ୍ଡ ଇନଲ୍ୟାଣ୍ଡ ନେଭିଗେସନ କର୍ପୋରେସନର ଝଙ୍କାର ନାମକ ଷ୍ଟିମରରେ ଏହା ଲଗାଯାଇଥିଲା । ଷ୍ଟିମରଟି ଏସିଆର ସର୍ବାଧିକ ଜନବହୁଳ କ୍ଷେତ୍ର ଏର୍ଣ୍ଣାକୁଲମରୁ ବ୍ୟାପିନ ମଧରେ ଚଳାଚଳ କରେ ।



### ଦେଶ ଭାସିବ:

ନା ଦେଶ କୌଣସି ଦୁର୍ଦ୍ଦିନର ସମ୍ମୁଖୀନ ହୋଇ ଭାସିବ ନାହିଁ, ଏପରି ଏକ ଦେଶର ପରିକଳ୍ପନା କରାଯାଇଛି ଯାହା ପାଣିରେ ଭାସମାନ ଅବସ୍ଥାରେ ରହିବ । ଏହି ଭାସମାନ ଦେଶ ବା ସହରର କାର୍ଯ୍ୟ ୨୦୧୯ରୁ ଆରମ୍ଭ ହୋଇ ୨୦୨୨ ମସିହା ସୁଦ୍ଧା ଶେଷ ହୋଇଯିବ ବୋଲି ଆଶା କରାଯାଉଛି । ଗବେଷକମାନଙ୍କ ସହ ମିଶି ପ୍ରଶାନ୍ତ ମହାସାଗରରେ ଏଭଳି ଦେଶ ପ୍ରତଷ୍ଠା କରିବା ଲାଗି ନିଷ୍ପତ୍ତି ନେଇଛି ଫ୍ରାନ୍ସ । ୨୦୨୨ ବେଳକୁ ଏଠାରେ ୨୫୦ରୁ ୩୦୦ ଘର ତିଆରି ସରିଥିବ ବୋଲି ଆଶା କରାଯାଇଛି । ଏଥିପାଇଁ ଏପରି ଡିଜାଇନ ପ୍ରସ୍ତୁତ କରାଯାଇଛି ଯେ ସମ୍ପୂର୍ଣ୍ଣ ହେବା ପରେ ଆଗାମୀ ୧୦୦ବର୍ଷ ଯାଏ କୌଣସି ପରିବର୍ତ୍ତନ ଆବଶ୍ୟକ ହେବନାହିଁ ।

## ମହିଳାଙ୍କ କଥା କହିବାର୍ ଶୈଳୀ



ନିକଟରେ ଜାପାନର ବିଶେଷଜ୍ଞଦଳ ଏକ ବିଶ୍ୱସ୍ତରୀୟ ସର୍ବେକ୍ଷର କରିଥିଲେ । ଗପୁଡ଼ି ମହିଳାଙ୍କ ବିଭିନ୍ନ ଆଚରଣ ବିଧି ପରୀକ୍ଷା କରିବା ଏହି ଗବେଷଣାରୁ ମୂଳ ଲକ୍ଷ୍ୟ ଥିଲା । ବିଶ୍ୱର ବିଭିନ୍ନ ପ୍ରାନ୍ତର ୫୫ହଜାର ମହିଳା ଏହି ଗବେଷଣାରେ ସାମିଲ ହୋଇଥିଲେ । ସମସ୍ତ ପ୍ରକାର ଅନୁସନ୍ଧାନ ପରେ ଜଣାପଡ଼ିଥିଲା ଯେ ପୁରୁଙ୍କେ ତୁଳନାରେ ମହିଳାମାନେ ଆବଶ୍ୟକତାଠାରୁ ଅଧିକ ଗପିଥାନ୍ତି । ପୁରୁମୋନେ ଦିନକୁ ୧୩ହଜାର ଶବ୍ଦ କହୁଥିଲାବେଳେ ମହିଳାମାନେ ୨୦ହଜାରରୁ ଅଧିକ ଶବ୍ଦ କହନ୍ତି । ଏବର ଯୁବତୀ ଓ ମହିଳାମାନେ ଫୋନରେ ଘଣ୍ଟଘଣ୍ଟା ଧରି ଗପ କରିବାକୁ ପସନ୍ଦ କରୁଛନ୍ତି । ଏମାନଙ୍କ ମଧ୍ୟରୁ ୮୧% ମହିଳା କେବଳ ଅନ୍ୟମାନଙ୍କ ବିରୋଧରେ ହିଁ ଗପ କରାନ୍ତି । ସ୍ୱଭାବରେ ଏମାନେ ଖୁବ ଈର୍ଶାକୁ ବୋଲି ତଥ୍ୟରୁ ଜଣାପଡ଼ିଛି । ନିଜ କାମଦାମକୁ ଯଥା ସମୟରେ କରିବା ଅପେକ୍ଷା ବନ୍ଧୁବାନ୍ଧବଙ୍କ ସହ ଗପ କରି ସେମାନେ ସମୟ ଅପଚୟ କରୁଥିବାର ପରୀକ୍ଷାରୁ ପ୍ରକାଶ । ମାତ୍ର ୬% ମହିଳା ଖୁବ କମ କଥାବାର୍ତ୍ତା କରିବାରେ ରୁଚି ରଖନ୍ତି । ଏହି ଗୋଷ୍ଠୀରେ ୪% ମହିଳା କର୍ମଜୀବୀ ଥିଲେ । ସେମାନଙ୍କ ମତ ଥିଲା, ଗପ କରିବାକୁ ସମୟ କାହିଁ ? ଏହା ବାଦ କାମରୁ ସାମାନ୍ୟ ବିତରତି ମିଳିଲେ ବିଶ୍ରାମ ନେବାକୁ ଏହି ବର୍ଗର ମହିଳାମାନେ ଉଚିତ୍ ମଣିଥାନ୍ତି ।

## ଛୋଟଛୋଟ କଥା

**ପ୍ରତ୍ୟେକ ମହିଳା ନିଜର ସୁରକ୍ଷା ସମ୍ବନ୍ଧରେ ନିଜେ ଚିନ୍ତା କରିବା ଜରୁରୀ । କେତେକ ଛୋଟଛୋଟ କଥା ପ୍ରତି ଧ୍ୟାନ ଦେଲେ ଅନେକ ଗୁଡ଼ିଏ ଅପ୍ରୀତିକର ପରିସ୍ଥିତିକୁ ମୁକ୍ତି ପାଇପାରିବେ ।**

୧- ଯେଉଁ ଘରେ ରହୁଛନ୍ତି ତାହାର ମୁଖ୍ୟ ଦ୍ୱାରରେ ସର୍ବଦା ସେଫ୍ଟି ଲକ୍ ପକାଇବାକୁ ଚେଷ୍ଟା କରନ୍ତୁ । ରାତିରେ କବାଟ ବନ୍ଦ କରିବା ପରେ ଏକ ସେଟ ଚାବି ନିଜ ପାଖରେ ରଖନ୍ତୁ ଓ ଅନ୍ୟ ସେଟ୍ ସୁରକ୍ଷିତ ଭାବେ ରଖନ୍ତୁ ।

୨- ମୁଖ୍ୟ ଦ୍ୱାରରେ ମୋଟା ପରଦା ଟାଣନ୍ତୁ ଯେପରିକି ଘର ଭିତରକୁ ବାହାର ଲୋକ ହଠାତ୍ ଦେଖିପାରିବେ ନାହିଁ ।

୩- ସର୍ବଦା ଦୁଇଟି ଫୋନ ନମ୍ବର ବ୍ୟବହାର କରିବାକୁ ଚେଷ୍ଟା କରନ୍ତୁ ।

୪- ଫ୍ରିଜରେ ସର୍ବଦା ବରଫ ରଖନ୍ତୁ । ହଠାତ୍ କୌଣସି ଆଘାତ ପହଞ୍ଚିଲେ ବରଫ ଲଗାଇବା ଏକ ଉତ୍ତମ ଉପାୟ ।

୫- ଘରେ ଫାଷ୍ଟଏଡ଼ ବକ୍ସ ରଖନ୍ତୁ ଓ ଏଥିରେ ଅତ୍ୟାବଶ୍ୟକୀ ଔଷଧ ରଖିବା ଜରୁରୀ । ତେବେ ବ୍ୟବହାର କଲାପୂର୍ବରୁ କିମ୍ବା ସମୟ ସମୟରେ ଏହି ଔଷଧ ଗୁଡ଼ିକର ଏକ୍ସପାଏରୀ ତାରିଖ ପ୍ରତି ଧ୍ୟାନ ଦିଅନ୍ତୁ ।

୬- କୌଣସି ନିରୋଳା ସ୍ଥାନକୁ ଏକାକୀ ବୁଲିବାକୁ ଯାଆନ୍ତୁ ନାହିଁ ।

୭- ବାହାରକୁ ଗଲାବେଳେ ସଙ୍ଗରେ ଲଙ୍କାଗୁଣ୍ଡ ସ୍ପ୍ରେ, ସେଫ୍ଟିପିନ, କାର ଚାବି ଆଦି ରଖିବା ଭୁଲନ୍ତୁ ନାହିଁ ।

୮. ବାହାରେ ଥିବା ବେଳେ ଫୋନରେ ବ୍ୟସ୍ତ ନରହି ସତର୍କ ରୁହନ୍ତୁ ।

୯. ଏମରଜେନ୍ସି ନମ୍ବରଗୁଡ଼ିକ ମନେ ରଖନ୍ତୁ ।

## ଭଙ୍ଗାମନର ରୋଗ

**ମନ ଥରେ ଭାଙ୍ଗିଗଲେ, ଆଉ ଯୋଡ଼ି ହୁଏନି । ଭଙ୍ଗାମନର ଯନ୍ତ୍ରଣା ଅସହ୍ୟ । ଏହା କେବଳ କଥାରେ କୁହାଯାଏନି, ଏମିତି ଏକ ରୋଗ ମଧ ରହିଛି । ଏହି ରୋଗର ନାଁ ବ୍ରୋକନ୍ ହାର୍ଟ ସିଣ୍ଡ୍ରୋମ୍ । ବ୍ରୋକନ୍ ହାର୍ଟ ସିଣ୍ଡ୍ରୋମରେ ହୃଦ୍‌ଯନ୍ତ୍ରର ଏକ ଭାଗ ଅସ୍ଥାୟୀ ରୂପେ ଦୁର୍ବଳ ହୋଇଯାଏ । ଏହାର ମାଂସପେଶୀରେ ଶିଥିଳତା ଆସେ । ତେଣୁ ହୃଦ୍‌ସ୍ପନ୍ଦନର କ୍ଷମତା କମିଯାଏ । ଏହାକୁ ଷ୍ଟ୍ରେସ୍ କାର୍ଡିଓମାୟୋପାଥି କହନ୍ତି । ମାନସିକ ଅବସାଦ ଅଧିକ ହେଲେ ଏପରି ସମସ୍ୟା ଦେଖାଯାଏ । କୌଣସି ପ୍ରିୟଜନଙ୍କ ଅକାଳ ବିୟୋଗ, ଗୁରୁତ୍ୱର ସ୍ୱାସ୍ଥ୍ୟ ସମସ୍ୟା, ଅସ୍ତ୍ରୋପଚାର ଭୟ, ଗାଡ଼ି ଦୁର୍ଘଟଣା ହେବା, ହଠାତ୍ କୌଣସି ଦୁଃସମ୍ବାଦ କିମ୍ବା ଆର୍ଥିକ ସଙ୍କଟରେ ପଡ଼ିବା ଆଦି ସ୍ଥିତିରେ ଷ୍ଟ୍ରେସ୍ ବା ମାନସିକ ଚାପ ଅଧିକ ରହୁଥିବାରୁ ହୃଦ୍‌ଯନ୍ତ୍ରର ବାମ ନିଳୟ(ଭେଣ୍ଟ୍ରିକ୍‌ଲ)ର ଗୋଟିଏ ଭାଗରେ ମାଂସପେଶୀ ଅସ୍ଥାୟୀ ଭାବେ ଶିଥିଳ ବା ଦୁର୍ବଳ ହୋଇଯାଏ । ଏଥିରେ ସଙ୍କୋଚନଶୀଳତା କମ୍ ହୋଇଯାବାରୁ ରକ୍ତବାହୀ ନଳୀରେ ଅସ୍ଥାୟୀ ହେଲେ ମଧ ସଙ୍କୋଚନ ଯୋଗୁ ହୃଦ୍‌ଯନ୍ତ୍ରକୁ ଅମ୍ଳଜାନ ମିଳେନାହିଁ । ବ୍ୟକ୍ତିଙ୍କର ଛାତି ଯନ୍ତ୍ରଣା ହୁଏ ଯାହା ହୃଦ୍‌ଘାତ ସହିତ ସମାନ ।**



କେମିତି ଜାଣିବେ: ଛାତିରେ ଯନ୍ତ୍ରଣା, ଶ୍ୱାସକ୍ରିୟାରେ ସମସ୍ୟା, ମିଣ୍ଡ ବୁଲାଇଦେବା, ଅଧିକ ଝାଳ ବୋହିବା, ରକ୍ତଚାପ କମ୍ ହୋଇଯିବା, ଭୟ ଲାଗିବା, ହୃତ୍‌ସ୍ପନ୍ଦନ ଅନିୟମିତ ହେବା ପରି ଲକ୍ଷଣ ଦେଖାଗଲେ ତୁରନ୍ତ ଡକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ପ୍ରାୟତଃ ପୁରୁଷଙ୍କ ଅପେକ୍ଷା ମହିଳାଙ୍କଠାରେ ବ୍ରୋକନ୍ ହାର୍ଟ ସିଣ୍ଡ୍ରୋମ ଅଧିକ ଦେଖାଯାଏ । ୫୦ବର୍ଷରୁ ଅଧିକ ବୟସର ମହିଳାଙ୍କଠାରେ ମଧ ଏହି ଲକ୍ଷଣ ଦେଖାଯିବାର ଆଶଙ୍କା ରହିଛି । ମୁଣ୍ଡରେ ଆଘାତ ଲାଗିଥିବା, ଅପସ୍ମାର ରୋଗ, ଉଦ୍‌ବେଗ ତଥା ଅବସାଦ ପରି ମାନସିକ ରୋଗ ଥିବା ବ୍ୟକ୍ତିଙ୍କଠାରେ ବି ବ୍ରୋକନ୍ ହାର୍ଟ ସିଣ୍ଡ୍ରୋମ ଦେଖାଯାଏ ।

ସର୍ବପ୍ରଥମେ ଇସିଜି ପରୀକ୍ଷା ଦ୍ୱାରା ଏହି ରୋଗ ସମ୍ପର୍କରେ ପ୍ରାଥମିକ ସୂଚନା ମିଳେ । କାର୍ଡିଆକ୍ ମାର୍କର୍ସ ବିବି ପରି ରକ୍ତ ପରୀକ୍ଷା ବି ଗୁରୁତ୍ୱପୂର୍ଣ୍ଣ । ଇକୋକାର୍ଡିଓଗ୍ରାଫିରେ ହୃଦ୍‌ଯନ୍ତ୍ରର ଏକ ଭାଗ ଫୁଲିଯାଇଥିବା ଏବଂ ସଙ୍କୁଚିତ ହୋଇଯାଇଥିବା ସ୍ପଷ୍ଟ ଜଣାପଡ଼େ । ଛାତିର ଏକ୍ସ-ରେ କରାଗଲେ ବି ହୃଦ୍‌ଯନ୍ତ୍ରର ଆକାର ବଡ଼ ଦେଖାଯାଏ । ଏହା ହୃଦ୍‌ଯନ୍ତ୍ରର କି ନୁହେଁ ବୋଲି ଜାଣିବା ଲାଗି କରୋନାରୀ ଆଞ୍ଜିଓଗ୍ରାଫି କରାଯାଏ । ସାଧାରଣତଃ ହୃଦ୍‌ଘାତରେ ରକ୍ତନଳୀଗୁଡ଼ିକରେ ବ୍ଲକେଜ୍ ହୋଇଥିଲେ ମଧ ବ୍ରୋକନ୍ ହାର୍ଟ ସିଣ୍ଡ୍ରୋମରେ ଏପରି କିଛି ଦେଖାଯାଏ ନାହିଁ । ଉପଚାର ଲାଗି ଠିକ ସମୟରେ ଲକ୍ଷଣ ଚିହ୍ନଟ କରି ଏହାର ଚିକିତ୍ସା କରିବା ଉଚିତ ।

୧. ଯେଉଁ ବ୍ୟକ୍ତି ଅଧିକ ଟେନସନ୍‌ରେ ରହିଥାନ୍ତି କିମ୍ବା ଅଧିକ ଭାବନାତ୍ମକ ହୋଇଥାନ୍ତି, ସେମାନଙ୍କଠାରେ ଏହି ସମସ୍ୟା ବେଶୀ ଦେଖାଯାଏ । ୬୦ ପ୍ରତିଶତ କ୍ଷେତ୍ରରେ ମହିଳାମାନେ ଏଥିରେ ଆକ୍ରାନ୍ତ ହୋଇଥାନ୍ତି । ୫୦ବର୍ଷ ପରେ ଋତୁସ୍ରାବ ବନ୍ଦ ହୋଇଗଲେ ସେମାନଙ୍କଠାରେ ଏହି ଲକ୍ଷଣ ଦେଖାଯାଇପାରେ ।

୨.ମହିଳାଙ୍କ କ୍ଷେତ୍ରରେ ମାନସିକ ଚାପ ଅଧିକ ହେଲେ ଏଷ୍ଟ୍ରୋଜେନ୍ ହରମୋନ ଯୋଗୁ କ୍ୟାଟେକୋମାଇନ୍‌ସ ଏବଂ ଗ୍ଲୁକୋକର୍ଟିକଏଡ୍‌ସ ଅଧିକ କ୍ଷରଣ ହୋଇଥାଏ । ଏ ଦୁଇଟି ଷ୍ଟ୍ରେସ୍ ହରମୋନ ହୋଇଥିବାରୁ ବ୍ରୋକନ୍ ହାର୍ଟ ସିଣ୍ଡ୍ରୋମର ମୁଖ୍ୟ କାରଣ ପାଲଟନ୍ତି ।

**ଏବର ଯୁଗରେ ଡ୍ରଇଂରୁମ ଅତୀତର ବୈଠକଖାନା ହୋଇ ରହିନାହିଁ । ଏହି କୋଠରି ପରିବାର ତଥା ଗୃହସ୍ୱାମୀଙ୍କ ସ୍ତର, ବ୍ୟକ୍ତିତ୍ୱ ଏବଂ ରୁଚିର ଦର୍ପଣ ସଦୃଶ । ସେଥିପାଇଁ ଲୋକେ ଆଗପଛ ବିଚାର ନକରି ଏହାକୁ ସୁନ୍ଦର ତେବେ ବାସ୍ତୁଦୋଷ ଥିଲେ ଫଳ ଓଲଟା ହୁଏ ଏବଂ ପରିବାର ନାନାଦି ସମସ୍ୟାର ସମ୍ମୁଖୀନ ହୁଏ । ତେଣୁ ବାସ୍ତୁ ନିୟମ ଅନୁସରଣ କରନ୍ତୁ ।**

- ବାୟବ୍ୟ କୋଣ ଡ୍ରଇଁରୁମ ପାଇଁ ଉତ୍ତମ । ତା' ସହିତ ଏହା ମୁଖ୍ୟ ପ୍ରଅବେଶଦ୍ୱାରା ନିକଟରେ ରହିବା ଉଚିତ୍ ।
- ଫର୍ଣ୍ଣିଚର ପାଇଁ କୋଠରିର ଦକ୍ଷିଣ-ପଶ୍ଚିମ ଦିଗ ଭଲ । ଧ୍ୟାନ ଦିଅନ୍ତୁ ବସିବା ଲୋକଙ୍କ ମୁହଁ ଯେମିତି ପୂର୍ବ ଓ ଉତ୍ତର ଦିଗରେ ରହିବ ।
- ଏହାର ପୂର୍ବ-ଉତ୍ତର କୋଣ ଖାଲି ରହିଲେ ଭଲ ।
- ସୂର୍ଯ୍ୟକିରଣ ଯେପରୀ ଅବାଧରେ ପ୍ରବେଶ କରୁଥିବ ସେଥିପ୍ରତି ଦୃଷ୍ଟି ଦେବା ବାଞ୍ଛନୀୟ ।
- କୋଠରିର ଆକାର ଅନୁସାରେ ସୋଫା ରଖନ୍ତୁ, ନା ବଡ଼ , ନା ସାନ ।
- ସୋଫାର ସମ୍ମୁଖ କାନ୍ଥରେ ଘଣ୍ଟା ଲଗାନ୍ତୁ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସାବଧାନତା ଜରୁରୀ...

୨୦୨୦ ବର୍ଷଟି ସାରା କରୋନା ମହାମାରୀ ସଂକ୍ରମଣ ସମଗ୍ର ବିଶ୍ୱକୁ ଆତଙ୍କିତ କରି ରଖି ଆସିଛି। ବର୍ଷ ଶେଷ ହେବାକୁ ଆଉ ମାତ୍ର ଦିନ କେତୋଟି ବାକି ଥିବାବେଳେ ଏହି ମହାମାରୀ ଲୋପ ପାଇବା ଅବା ପ୍ରଶମିତ ହେବା ତ ଦୂରର କଥା, ଏବେ ନୂଆ ରୂପରେ କାୟା ବଦଳାଇ ତା'ର ପ୍ରଭାବ ବିସ୍ତାର କରିବା ଆରମ୍ଭ କରିଛି। ବ୍ରିଟେନ ସମେତ ଆଠଟି ୟୁରୋପୀୟ ରାଷ୍ଟ୍ରରେ ସାର୍ସ-କୋଭିଡ-୧୯ ଭୂତାଣୁର ପରିବର୍ତ୍ତିତ ସ୍ୱରୂପ କେବଳ ଦେଖାଦେଇନାହିଁ, ସେଥିରେ ଶହ ଶହ ଲୋକ ଆକ୍ରାନ୍ତ ହୋଇଛନ୍ତି। ଚିନ୍ତାର ବିଷୟ ଯେ, କରୋନାର ପରିବର୍ତ୍ତିତ ସ୍ୱରୂପ ପ୍ରାରମ୍ଭିକ ସଂକ୍ରମଣଠାରୁ ଆହୁରି ବ୍ୟାପକ ଓ ଘାତକ। ଏବେ ସୁଦ୍ଧା ବିଶ୍ୱର ଲକ୍ଷଲକ୍ଷ ନିରୀହ ଜନତା କରୋନା କବଳରେ ପ୍ରାଣ ହରାଇ ସାରିଲେଣି। ଯଦି ନୂଆ ଭାବେ ଏହି ସଂକ୍ରମଣ ବ୍ୟାପେ, ତେବେ ତାହା ଆଉ କେତେ ଅଧିକଙ୍କୁ ଆକ୍ରାନ୍ତ କରିବ କିମ୍ବା ପ୍ରାଣନାଶ ଘଟାଇବ ତାହା କିଏ କହିବ ? ଚିକିତ୍ସା ବିଜ୍ଞାନୀ ଓ ଗବେଷକମାନେ ଏପର୍ଯ୍ୟନ୍ତ ନିଶ୍ଚିନ୍ତ ହୋଇପାରୁନାହାଁନ୍ତି ଯେ, ଏହାର ଉତ୍ପତ୍ତି କିପରି ହେଲା କିମ୍ବା ନିୟନ୍ତ୍ରଣ କିପରି ହେବ ? ସେଇଭଳି ପ୍ରତିଷେଧକ ଟିକା ବାହାରିବ ପରେ ସୁଦ୍ଧା ଏହା ମୂଳପୋଛ ହେବାକୁ କେତେ ସମୟ ଲାଗିବ ସେ ସଂପର୍କରେ ସଭିଁଏ ଚୁପ୍। କେହି କେହି କହନ୍ତି ଯେ ଏ ବେମାରୀ ଦୂର ହେବାକୁ ଅନ୍ୟୁ ଆଉ ଦଶବର୍ଷ ସମୟ ଲାଗିପାରେ। ପୁଣି ଅନ୍ୟ କିଛି ବିଜ୍ଞାନୀଙ୍କ ଆଶଙ୍କା ଯେ, ମାନବ ସମାଜ ସହ କରୋନା ଭୂତାଣୁ ସବୁଦିନ ପାଇଁ ତିଷ୍ଠି ରହିବ। ଏହାକୁ ନିଶ୍ଚିହ୍ନ କରିହେବ ନାହିଁ। ତେଣୁ ମାନବ ସମାଜକୁ କରୋନା ସହ ସତର୍କତାର ସହ ଜୀବନ ବଂଚିବାକୁ ପଡ଼ିପାରେ। ସତ୍ୟ ଯାହା ହେଉନା କାହିଁକି, ତାହା ସାଧାରଣ ମଣିଷଙ୍କ ଜୀବନରୁ ସ୍ୱାଭାବିକତା ଓ ସ୍ୱଚ୍ଛନ୍ଦ ଛଡ଼ାଇନେବା ପରି ମନେହୁଏ। 'ୟୁକେ ମ୍ୟୁଟାଣ୍ଟ' ଭାବେ ନାମିତ ହୋଇଥିବା ଏହି ନୂତନ ଭୂତାଣୁ ପ୍ରଭାବରେ ବ୍ରିଟେନ ସମେତ କେତେକ ୟୁରୋପୀୟ ରାଷ୍ଟ୍ରରେ ଲକଡାଉନ୍ ଜାରି ହୋଇ ସାରିଛି। ବ୍ରିଟେନକୁ ଏବେ ଭାରତ ସମେତ ବହୁ ରାଷ୍ଟ୍ର ବିମାନ ଚଳାଚଳ ବନ୍ଦ କରିସାରିଛନ୍ତି। ହୁଏତ ଏହା ବହୁଦିନ ପର୍ଯ୍ୟନ୍ତ କାଏମ ରହିପାରେ। କାରଣ, କରୋନାର ନୂଆ ସଂକ୍ରମଣ ନେଇ ଏବେ ସମସ୍ତଙ୍କ ମନରେ ଅହେତୁକ ଆତଙ୍କ ସୃଷ୍ଟି ହୋଇଛି। ଦୀର୍ଘ ନଅ ମାସ ଧଣି ବିଶ୍ୱରେ ଯେତିକି ସଂକଟର ସମ୍ମୁଖୀନ ହେଲାଣି, ଇତିହାସରେ ଏହାର କୌଣସି ତୁଳନୀୟ ଉଦାହରଣ ସୁଦ୍ଧା ନାହିଁ। ବୈଜ୍ଞାନିକମାନଙ୍କ ଅହୋରାତ୍ର ଶ୍ରମ ଓ ସାଧନା ବଳରେ ଏବେ ପ୍ରତିଷେଧକ ଟିକା ମଧ୍ୟ ହାତକୁ ଆସିବାକୁ ଯାଉଛି। ସେତେବେଳେ ଯଦି ପୁଣି ଥରେ ଦୋହରା ବିପଦ ଘନାଏ, ତେବେ କେବଳ ଭଗବାନଙ୍କୁ ଭରସା କରି ଉପରକୁ ହାତ ଟେକିବା ଛଡ଼ା ଅନ୍ୟ କିଛି ଉପାୟ ଉପଲବ୍ଧ ହେବନାହିଁ। ୨୦୨୦ ଯଦି କରୋନା ସଂକ୍ରମଣ ବର୍ଷ ହୁଏ, ତେବେ ୨୦୨୧କୁ ପ୍ରତିଷେଧକ ଟିକାଦାନର ବର୍ଷ ବୋଲି ଗ୍ରହଣ କରିବାକୁ ପଡ଼ିପାରେ। କାରଣ, କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱ ଏବେ କରୋନା ପ୍ରତିଷେଧକ ଟିକା ମୁହାଁ ହୋଇଛି। ନିଜର ସକଳ କାର୍ଯ୍ୟକୁ ପଛ କରି ଟିକା ବିକାଶ, ଟିକା ବିତରଣ ଓ ଜନସାଧାରଣଙ୍କୁ ଟିକାଦାନ ହିଁ ଅଗ୍ରପ୍ରାଧାନ୍ୟ ଲାଭ କରିଛି। କିନ୍ତୁ ଏହା ଯେତିକି ସହଜ ବୋଲି ଚିନ୍ତା କରାଯାଉଛି, ତାହା ସେତିକି ସହଜସାଧ୍ୟ ନୁହେଁ। ଏବେ ସାରା ବିଶ୍ୱ ଏହି ଟିକା ପଛରେ ପଡ଼ିଛି। ଏତେ ପରିମାଣର ଟିକା ଉତ୍ପାଦନ, ପରିବହନ, ସଂରକ୍ଷଣ ଏବଂ ଲୋକମାନଙ୍କୁ ଦିଆଯିବା ଯେତିକି ବ୍ୟୟବହୁଳ ସେତିକି ସମୟସାପେକ୍ଷ। ପୁଣି ଯେଉଁମାନଙ୍କୁ ଟିକା ପ୍ରଦାନ କରାଯିବ, ସେମାନଙ୍କ ଉପରେ କଡ଼ା ନଜର ରଖାଯିବ। କାରଣ, ଯଦି ସେଭଳି ଟିକାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ପରିଲକ୍ଷିତ ହୁଏ, ତେବେ ସେହି ବ୍ୟକ୍ତିଙ୍କର ଚିକିତ୍ସା ଆବଶ୍ୟକ ପଡ଼ିପାରେ। ଭାରତରେ ଏବେ 'ଡାଏ ରନ୍' ପ୍ରାରମ୍ଭିକ ପରୀକ୍ଷାମୂଳକ ଟିକାଦାନ ଆରମ୍ଭ ହୋଇଛି। ଯେହେତୁ ଜନସଂଖ୍ୟା ଦୃଷ୍ଟିରୁ ଭାରତ ପାଇଁ ଏହା ଏକ ବ୍ୟାପକ କାର୍ଯ୍ୟକ୍ରମ ହେବ, ସରକାର ଏ ଦିଗରେ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହାଁନ୍ତି ନାହିଁ। ଆମେରିକା ଏବଂ ୟୁରୋପୀୟ ରାଷ୍ଟ୍ରରେ ମଧ୍ୟ ଏଭଳି ଟିକାଦାନ ଆରମ୍ଭ ହୋଇସାରିଛି। ବହୁ ନାମୀଦାମୀ ଫାର୍ମା କମ୍ପାନୀ ଓ ଗବେଷଣା ସଂସ୍ଥା ଏକସଂଗେ ଏହାର ବିକାଶ ଓ ଉତ୍ପାଦନ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସମସ୍ତଙ୍କ ଧ୍ୟାନ ଟିକାଦାନ ଓ ଏହାର ଫଳାଫଳ ଉପରେ। ଏଭଳି ସମୟରେ ପୁଣି ଥରେ କରୋନାର ନୂଆ ରୂପକୁ ସାମ୍ନା କରିବାକୁ କେହି ଚାହାଁନ୍ତି ନାହିଁ। କିନ୍ତୁ ତାହା ହିଁ ବାସ୍ତବତା ରୂପେ ଉଭା ହୋଇଛି। ତେଣୁ ଟିକା ବିକାଶ ସତ୍ତ୍ୱେ ଏହାକୁ ଭୁଲିଯିବା ଉଚିତ୍ ହେବନାହିଁ ଯେ, ପୂର୍ବବତ୍ ସତର୍କତା ଅବଲମ୍ବନ ହିଁ ହେଉଛି ସୁରକ୍ଷାର ସବୁଠାରୁ ବଡ଼ ଅସ୍ତ୍ର। କରୋନା ଯାଉ ଅବା ରହୁ, ଜୀବନ ଏବେ ସୀମିତ ଓ ସଂକୁଚିତ ହୋଇଛି ଓ ସେହି ବାସ୍ତବତା ମଧ୍ୟରେ ସମସ୍ତଙ୍କୁ ବଂଚିବାକୁ ହେବ।

କବିତା କୋଣାର୍କ

## ଜୀବନ ଯୁଦ୍ଧ...

### ଡିସମ୍ବର ମେହେର

ମୁଣ୍ଡରେ କୋଡ଼ିଏ କିଲୋ ବୋଝ
ଦିନକୁ ଦୁଇଶହ ଥର ଚଢ଼ିବାକୁ ପଡ଼େ
ତଳ ମହଲାରୁ ଉପର ମହଲା
ଶେଷରେ ମିଳେ ଦି ଶହ ଟଙ୍କା।

ଡାହାଣ ହାତରେ ଧରିଲି ଟଙ୍କା
ବାମ ହାତରେ ପ୍ୟାକେଟରୁ
ବାହାରକଲି ଚିଠା
ଦେଖିଲି ଲମ୍ବା ତାଲିକା

ଘରଣୀ, ସାନପୁଅ, ମାଁର ବରାଦ।

ଘରଣୀ ପାଇଁ ଘରକରଣା
ପୁଅ ଖୋଜେ ନାନା ରକମର ଖେଳଣା
ରୋଗିଣା ମାଆକୁ ଔଷଧ
ତାଲିକା ଦେଖିଲେ ଟଙ୍କା ହେଉଛି ଉଣା।

ଆଖିରେ ଲୁହ, ମୁଣ୍ଡରେ ଚିନ୍ତା
ମାଲିକକୁ ମାଗିଲେ ଆଗୁଆ ପାଉଣା
ଗାଳି, ଗୁଲଜ, ନାଲୀ ଆଖି
କେତେ ସହିବାକୁ ପଡ଼େ ଯନ୍ତ୍ରଣା।

ଏ ଜୀବନ ଯୁଦ୍ଧ
କେବେ ହେବ ଅନ୍ତ
ହେବି ବିଜୟ ? ନାଁ ପରାଜୟ
ମନରେ ଆସେ ଅସରନ୍ତି ପ୍ରଶ୍ନ

ମୁଣ୍ଡ ବି ଥକି ଗଲାଣି
କେତେ ଆଉ ସହିବ ବୋଝ ?
ମନର ଦୁଃଖ, ଛାତିର କୋହ
କେମିତି ଜିଇଁବି କୁହ ?

+ଗଣ୍ଡାବାହାଲି, ନୂଆପଡ଼ା

## ମୁଁ ଜଣେ କ୍ଷୁଦ୍ର ଚାଷୀ କହୁଛି !

**ପଙ୍କଜ କୁମାର ପାଣିଗ୍ରାହୀ**

ଅଦୃଶ୍ୟ ଫୁଲର ବରଣମାଳାକୁ ବାକ୍ୟରେ ପିନ୍ଧାଇ

ଅନ୍ନଦାତାର ସମ୍ମାନରେ ସଂଭୂଷିତ ସାମାଜିକ ସମ୍ମାନ,

ସାମୁହିକ ମୁଖବାର୍ତ୍ତାରେ ଛାତି ମୋର କୁଣ୍ଢେ ମୋଟ !

ହେଲେ ମୋ ସନ୍ତପ୍ତ ପରିବାରର ବାସ୍ତବତା କ'ଣ...?!!

ଚାଷ କରେ ଯିଏରେ, ଅନ୍ନ ମୁଠେ ଦିଏରେ, ତାହାଠାରୁ ଦୁନିଆରେ ବଡ ଆଉ କିଏରେ ? କେବଳ ବାକ୍ୟର ପବନ ମଧ୍ୟରେ ସୀମିତ ଏହି ଢ଼ଗଟି ଯେତିକି ଶୃତି ମଧୁର ସେତିକି କାର୍ଯ୍ୟକ୍ଷମ ନୁହେଁ ଆଜିର ଏହି ପ୍ରତାରଣାପୂର୍ଣ୍ଣ ସ୍ୱାର୍ଥବାଦୀ ସମାଜରେ ! ଏହା ମୁଁ କେବଳ କହୁନାହିଁ, ବରଂ ସମସ୍ତେ ଅଳ୍ପ ବହୁତେ ବୁଝିଛନ୍ତି । ମାନବିକ ଚେତନା ବିହୀନ ମଣିଷ ଚାଷ ଆଉ ଚାଷୀର ମହତ୍ୱ ବୁଝିବା ବିପରୀତେ ଚାଷୀଙ୍କୁ ନିଷ୍ପେଷିତ କରି ନିଜସ୍ୱ ସ୍ୱାର୍ଥରେ କାର୍ଯ୍ୟ କରିବା ସମାଜ ପାଇଁ କେତେ ମଙ୍ଗଳ ଦାୟକ ସାଧାରଣ ଲୋକେ ବୁଝିବା ଆବଶ୍ୟକ । ନବୁଝିଲେ ଯେ କେବଳ ଚାଷୀକୁଳ ହନ୍ତସନ୍ତ ହେବେ, ଭାବିବା ଭୁଲ, ବରଂ ସମଗ୍ର ମଣିଷ ସମାଜ ତାହାର ପ୍ରଭାବରେ ପୀଡିତ ହେବେ ସେଇଥିରେ ତିଳେହେଲେ ଦ୍ୱିଧା ନାହିଁ। ସାଧାରଣ ଲୋକଙ୍କ ସମର୍ଥନ ଚାଷୀଙ୍କ ଉଦେଶ୍ୟରେ ନରହିଲେ ସାମାଜିକ ପରିସ୍ଥିତି ଯାହାହେବ ସେଇଥିପାଇଁ ସମସ୍ତେ ଦାୟୀ ରହିବେ। ଆଜି ସମୟରେ ସମସ୍ତେ କେବଳ ମିଥ୍ୟା ନାରା ଦେଇ ନିଜାସ୍ୱ ସ୍ୱାର୍ଥ ହାସଲ କରିବା ଛଡା ବାସ୍ତବତାକୁ ଅନୁଭବ କରିବା ସ୍ୱପ୍ନ । ତଥାପି ଚାଷୀକୁଳ ଅହରହ କାର୍ଯ୍ୟରତ, କିନ୍ତୁ ଭବିଷ୍ୟତ ଅନିଶ୍ଚିତ ! ପୁରୁଷାନୁକ୍ରମିକ ଚାଷ କାର୍ଯ୍ୟରେ ଅଭିଷିକ୍ତ ମୋ ପରିବାରର ସଦସ୍ୟ ସମେତ ମୁଁ ନିଜେ ଶିକ୍ଷାକ୍ଷେତ୍ରର ଦ୍ୱାରଦେଶରୁ ବଂଚିତ ଉପସ୍ଥିତ ଯୌବନରେ ଯେ ସବୁବେଳେ ସବୁ କ୍ଷେତ୍ରରେ, କଥାରେ ମୋତେ କାହାଉପରେ ନିର୍ଭର କରି ସମାଜରେ ବଂଚିବାକୁ ପଡୁଥାଏ ଏହିକଥାରେ ଦ୍ୱିମତ ନାହିଁ । ଯେକୌଣସି ସାମାଜିକ ସ୍ତରରେ ଶିକ୍ଷା, ଜ୍ଞାନ ଅଭାବ ହେତୁ କାହା କଥାରେ ମୁଣ୍ଡ ନୁଆଇଁ କାର୍ଯ୍ୟଧାରା ସମାପନ କରିବାକୁ ପଡିଥାଏ ଅନ୍ଧ ଭଳି । ଅଜ୍ଞାନତାର ସୁଯୋଗ ନେଇ ପ୍ରାୟତଃ ଅନେକ କ୍ଷେତ୍ରରେ ପ୍ରତାରଣା, ଠକାମୀର ଶିକାର ହୋଇ ମୋ ପରିବାର ସଦା ସନ୍ତପ୍ତ ଅବସ୍ଥାରେ ରହିଥା'ନ୍ତି, ଏକଥା ସମସ୍ତେ ବୁଝି ମଧ ଅବୁଝାର ଅଭିନୟ କରିଥା'ନ୍ତି। ବ୍ୟାଙ୍କ ଠାରୁ କୃଷିଋଣ ହେଉ କିମ୍ବା ସାର, କୀଟନାଶକ ବିକ୍ରେତା ଅଥବା ଖାଦ୍ୟ, ଶସ୍ୟ ବ୍ୟବସାୟୀ, ସମସ୍ତେ ଗୋଟିଏ ଲକ୍ଷ୍ୟରେ ରହିଥା'ନ୍ତି ସମୟ ଦେଖି ମୋ ଅଜ୍ଞାନତାର ସୁଯୋଗ ନେଇ ଠକି ନିଜସ୍ୱ ସ୍ୱାର୍ଥ ହାସଲ କରିବା ପାଇଁ । ଜମିକୁ ଜଳସେଚନ ହେଉକି ଫସଲ ସୁରକ୍ଷା କିମ୍ବା ବୀମା ସୁବିଧା ସାଙ୍ଗକୁ ବଜାରରେ ଉପଯୁକ୍ତ ମୂଲ୍ୟାଙ୍କନ କରି ଆଦାୟ ଫସଲକୁ ବିକ୍ରି କରିବାରେ ସରକାରୀ ସୁବିଧା, ସହାୟତା ଅନ୍ୟୁନ ଶୂନ କହିଲେ ଅତ୍ୟୁକ୍ତି ହେବନାହିଁ । ସରକାରୀ ବ୍ୟବସ୍ଥା ଏବଂ ଚାଷୀଙ୍କ ପାଇଁ ପ୍ରଚାର, ପ୍ରସାର ଯେତିକି ହୁଏ ତାହାର ଲାଭ କାହାକୁ ମିଳୁଛି ବୁଝିବା ସାମର୍ଥ୍ୟ ବିହୀନ କ୍ଷୁଦ୍ର ଚାଷୀ ଜଣେ ମୋ ପରିବାର ପେଟ ପୋଷିବା କାରୁଣ୍ୟ ଶୁଣିବା ଦୂରର କଥା ଯେତିକି ଘୃଣ୍ୟ ଆମ ସ୍ଥାନ ସମାଜରେ ସେସବୁ ପ୍ରକାଶ ନକରିବା ଭଲ । ସରକାରୀ ବାବୁଙ୍କ ଭାବନାରେ ପରିଚାଳିତ ଆମ ପାଇଁ ବ୍ୟବସ୍ଥା ଯାହା, କପାଳରେ ଥିଲେ ଦୁଇ ପଇସା ପାଇବୁ ନହେଲେ ବାରଦ୍ୱାର ହୋଇ ଆମ ଜୀବନ ଯନ୍ତ୍ରଣା ଶୁଣିବାକୁ କାହାର ଆଗ୍ରହ ନାହିଁ। ସମସ୍ତଙ୍କ ପାଇଁ ବାକ୍ୟରେ କିନ୍ତୁ ପ୍ରକାଶ୍ୟ ମନ୍ତବ୍ୟ ହୋଇଥାଏ ଯେ ଚାଷୀ ଅତି ମହାନ୍ ! କିନ୍ତୁ କାର୍ଯ୍ୟଧାରା ତାହାର ବିପରୀତ ।

ଦିନରାତି ଏକ କରି ମୁଣ୍ଡ ଝାଳ ତୁଣ୍ଡରେ ମାରି କ୍ଷେତରେ ପରିଶ୍ରମ କରିବା ସାଙ୍ଗକୁ ସମସ୍ତ ଖର୍ଚ୍ଚ ନିଜସ୍ୱ ଜିମାରେ କରି ଉତ୍ତମ ଫସଲ ଆଦାୟ କରିବାପରେ ସେଇଥିରେ ଭାଗିଦାରୀତା ରହିଥାଏ ସମସ୍ତଙ୍କର । ଆମର ଆଦାୟକୁ ଭୋଜନ କରି ବଡ଼ ବଡ଼ କଥାକହି ଆମକୁ ନିଷ୍ପେଷିତ କରି ରଖିବାରେ କାହାର ହେଲେ ଟିକେ କରୁଣା ନଥାଏ ଆମ ଉପରେ ! କୌଣସି କାରଣରୁ ଫସଲ ନଷ୍ଟ ହୋଇଗଲେ ସମ୍ପୂର୍ଣ୍ଣ ନିଜ ଜିମାରେ ସମସ୍ତ କ୍ଷତି ସହନ କରିବାରେ କୌଣସି ଆଶ୍ୱାସନା ନଥାଏ ନିର୍ଦ୍ଦୟ ସାଧାରଣ ମଣିଷ ସମାଜ ହେଉକି ସରକାରୀ କଳର ! କି ବିଚିତ୍ର ଆମ ଏହି ସମାଜ ?! ଯିଏ ବର୍ଷ ତମାମ ଖଟି ଖଟି ସମଗ୍ର ମଣିଷ ସମାଜକୁ ବ୍ୟନ ପ୍ରଦାନ କରିବାରେ ଆନନ୍ଦ ଅନୁଭବ କରୁଥାଏ ତାହାର ସର୍ବନାଶରେ କାହାର ତିଳେହେଲେ ଆହା ପଦଟିଏ ଶୁଣିବାକୁ ମିଳେନାହିଁ, ବରଂ ଆମପ୍ରତି ଯେତିକି ଘୃଣା ସେମାନଙ୍କ ମନରେ କହିଲେ ନସରେ !! କୌଣସି କାରଣରୁ ନିଜ ବଂଚିବା ସହିତ ସମାଜ ପାଇଁ ଆଧାର ଯୋଗାଇଦେବା ଲକ୍ଷ ରଖି କାହାକୁ ଅପେକ୍ଷା ନକରି ଅହରହ କାର୍ଯ୍ୟରତ କୃଷକ ଯଦି ଲମ୍ବା ଛୁଟିରେ ରହିଯାଏ ତାହେଲେ ସବୁଲୋକ ଭୋକ ଉପାଷରେ ଷଢ଼ି ମାରିବେ ବୋଲି କାହାର ଅନ୍ଦାଜ ମଧ ହେଉନାହିଁ ଉପସ୍ଥିତ ସମୟରେ, କାରଣ ଆମେ କର୍ତ୍ତବ୍ୟରେ ନିମଗ୍ନ ! କିନ୍ତୁ ସମସ୍ତ ଚାଷୀ ଯଦି ହଳ ଲଙ୍ଗଳ ଛାଡି ସେହି ଅପ୍ରାକୃତିକ ଅହଂଭାବାପନ୍ନ କୃତ୍ରିମ ବାବୁଙ୍କ ଭଳି ଚୌକିରେ ବସି ନିର୍ଦ୍ଦେଶ ଦେବା ଆରମ୍ଭ କରିବେ ତାହେଲେ ଏହି ଆଳସ୍ୟରେ ବୁଡି ରହି ବିଳାସ ବ୍ୟସନରେ କାଳାତିପାତ କରୁଥିବା କୃତ୍ରିମ ବାବୁଙ୍କ ଅବସ୍ଥା ଯେ କ'ଣ ହେବ ତାହାର ଅନ୍ଦାଜ ନାହିଁ ସେହି ଅଜ୍ଞାନ ଶିକ୍ଷିତଙ୍କ ମାନସିକତାରେ ! ଯେଉଁ ଚାଷୀଙ୍କ ପାଇଁ ପେଟ ଚାଖଣ୍ଡ ପୁରେ ଏବଂ ତାପରେ ସଂସାର ଚାଲେ ତାପାଇଁ ଏତେ ନିର୍ଦ୍ଦୟ ଆମ ସମାଜ କାହିଁକି ମୋ ବୁଝିବା ବାହାରେ ! ତଥାପି ମୁଁ ଜଣେ ଚାଷୀ !

ଦେଶ ସ୍ୱାଧୀନ ହେବାପରେ ବିଭିନ୍ନ ସମୟରେ ସରକାର କୃଷି କ୍ଷେତ୍ରରେ ଯାହାସବୁ ଯୋଜନା କରିଆସୁଛନ୍ତି ଆମଦେଶରେ, ସେସବୁ ଯଦି ବାସ୍ତବିକ କାର୍ଯ୍ୟକାରୀ ହୋଇଥା'ନ୍ତା ତାହେଲେ ହୁଏତ ଆମ ଦେଶ ଆଜି ବିଶ୍ୱ ଦରବାରରେ ସବୁଠାରୁ ଧନଶାଳୀ ରାଷ୍ଟ୍ରରେ ପରିଣତ ହୋଇପାରିଥା'ନ୍ତା ! କାରଣ ପ୍ରକୃତିରୁ ଆଦାୟ କରାଯାଉଥିବା ପ୍ରାକୃତିକ ଉତ୍ସହିଁ ରାଷ୍ଟ୍ରର ବିତ୍ତୀୟ ବିକାଶର ମେରୁଦଣ୍ଡ । କିନ୍ତୁ ସରକାରୀ ଯୋଜନା ବାଟମାରଣା କରି ବାବୁମାନେ ଯେତିକି ସ୍ୱାର୍ଥ ହାସଲ କରନ୍ତି ତାହାର ଦୁଇଗୁଣ କ୍ଷତି ଭରଣା କରିଥା'ନ୍ତି ଚାଷୀକୁଳ ! ସେଇଥିପାଇଁ ଆମଦେଶ ଆଜି ସବୁଠାରୁ ଗରିବ । ଏହିକଥାକୁ ତର୍ଜମା କରିବାକୁ କାହାର ଜ୍ଞାନ ନାହିଁ କି ସମୟ ନାହିଁ କାରଣ ସମସ୍ତେ କେବଳ ବ୍ୟକ୍ତିଗତ ସ୍ୱାର୍ଥରେ ଲିପ୍ତ । ସାମୁହିକ ସ୍ୱାର୍ଥ ବିଡମ୍ବନା ଶୃଷ୍ଟି କରୁଛି ସାଧାରଣ ମଣିଷ ମନରେ ଯାହାର ପରିବର୍ତ୍ତନ ନହେଲେ ଆମ ଦେଶ ଆସନ୍ତା ପିଢ଼ିକୁ ପିଢ଼ି ଏହିଭଳି ଦୁରାବସ୍ଥାରେ ହିଁ ଗତି କରିବା ଛଡା କେବେହେଲେ ଉନ୍ନତିର ରାସ୍ତା ପାଇପାରିବ ନାହିଁ ବୋଲି ମୋର ବିଚାରରେ ଏକ ମତ ହେବାକୁ ହୁଏତ କାହାର ଆଗ୍ରହ ନଥିବ ?!! କିନ୍ତୁ ଏହା ଧ୍ରୁବ ସତ୍ୟ ! ଅଧିକନ୍ତୁ ଚାଷ ଆଉ ଚାଷୀକୁ ସହଯୋଗ ସହାୟତା ଦେବାପାଇଁ ଚିନ୍ତା କରିବା ବିପରୀତେ ତାହାର ଆଦାୟ ଶସ୍ୟକୁ ହେଉ କିମ୍ବା ତାହାର ଜମିକୁ ହଡପ କରିବା ପାଇଁ ଲକ୍ଷ ରଖୁଥିବା ମଣିଷଙ୍କ ଅଭାବ ନାହିଁ ଆମ ସମାଜରେ ! ଆଇନକୁ ବେଆଇନ, ବେଆଇନକୁ ଆଇନରେ ପରିଣତ କରିବା ଆମ ସମାଜର ଏକ ଅନିନ୍ଦିତ କଳା ଚାତୁରୀ ଯାହା ସମୟ ସୁଯୋଗ ଦେଖି କ୍ଷମତାସୀନ ବ୍ୟକ୍ତିବିଶେଷ ନିଜ ସ୍ୱାର୍ଥରେ କରିବାରେ କୌଣସି ସାମାଜିକ ପ୍ରତିବନ୍ଧତା ନଥାଏ ଆମ ଦେଶରେ ! ଚାଷୀକୁଳର ଅଜ୍ଞାନତା ବିଭିନ୍ନ ସମୟରେ ତାହାର ଶିକାର ହେଉଥିବା ସାର୍ବଜନୀନ ହେଉନଥିବା ହେତୁ ସୀମିତ ପରିଧି ମଧ୍ୟରେ ରହିଥିବା କ୍ଷୁଦ୍ର ଚାଷୀଙ୍କ ଗୁହାରି ଶୁଣିବାକୁ ନଥା'ନ୍ତି କେହି । ଅସାମାଜିକଙ୍କ ବିଷଜ୍ୱାଳାରେ କେତେଯେ ମୋ ଭଳି କ୍ଷୁଦ୍ର ଚାଷୀ କେଉଁ ପରିସ୍ଥିତିରେ କେଉଁଠାରେ କିପରି ବଳୀପଡିଥା'ନ୍ତି ତାହାର ହିସାବ ପାଇପାରୁନାହାନ୍ତି ସାଧାରଣ ସଭ୍ୟସମାଜ । ତଥାପି ଚାଷୀକୁଳ ଏକମୁହାଁ ହୋଇ କାର୍ଯ୍ୟରତ। ମେଳିନାହିଁ କି କଳିନାହିଁ, କେବଳ କର୍ମକୁ ହିଁ ଭଗବାନ ବୋଲି ଆଦରିନେଇ ସାମାଜିକ ସେବାରେ ଲିପ୍ତ ଏହି ଚାଷୀକୁଳଙ୍କ ଦୁଃଖ ବୁଝିବା ବିପରୀତେ ସେମାନଙ୍କୁ ପ୍ରତାରଣାର ଶିକାର କରାଯିବା ଲକ୍ଷ ରଖୁଥିବା ମଣିଷ ଗୁଡିକ ଯେ କେବଳ ନରରାକ୍ଷସର ରୂପ ଦିଆଯିବ ତା ନୁହେଁ ବରଂ ସେମାନେ ଦେଶ ତଥା ଜାତିର କଳଙ୍କ, ଦେଶଦ୍ରୋହୀର ଆଖ୍ୟା ପାଇବା ଯୋଗ୍ୟ ବିବେଚିତ ହେବା ଆବଶ୍ୟକ ବୋଲି ମୋର ବିଚାରଧାରାରେ ଆପଣଙ୍କ ମତବ୍ୟକ୍ତ କରିବେ ବୋଲି ଆଶା............!

ଧନ୍ୟବାଦ

+ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ.
ଦୂରଭାଷ.: ୯୪୩୭୩୨୪୯୧୭

## ବାସ୍ତବରେ ଉଦୟ ସାର ଥିଲେ ମୋ ପାଇଁ ଏକ ଖୋଲା ବହି

**ସୁବ୍ରତ କୁମାର ମହାନ୍ତି**



୰ ଉଦୟ କର ଦାସଙ୍କ ଏକାଦଶାହ ଉପଲକ୍ଷେ

ହଁ - ମୁଁ ଧ୍ୱନି ପ୍ରତିଧ୍ୱନି ଖବର କାଗଜର ଆଉ ଜଣେ ନିୟମିତ ପାଠକ ଉଦଳା ସହରର ୱାର୍ଡ଼ ନଂ-୬ର ସ୍ଥାୟୀ ବାସିନ୍ଦା ଅବସରପ୍ରାପ୍ତ ଶିକ୍ଷକ ଉଦୟକର ଦାସଙ୍କ କଥା କହୁଛି । କିଛିଦିନ ପୂର୍ବରୁ ଉଦୟସାରଙ୍କ ସହିତ ଉଦଳା ବଜାର ମଧ୍ୟରେ ସାକ୍ଷାତ ହେଲା । ସାକ୍ଷାତରେ ମୁଁ ସାଇକେଲରୁ ଓହ୍ଲାଇପଡ଼ି ସାର ନମସ୍କାର ବୋଲି କହିଲି । ସେ ମଧ ରାସ୍ତାରେ ଚଳାଇ ଯାଉଥିବା ସ୍କୁଟିର ଷ୍ଟାଟ ବନ୍ଦ କରି ପ୍ରତିନମସ୍କାରଟିଏ ଜଣାଇଲେ, ଆଉ କହିଲେ କେମିତି ଅଛୁ ? ଉତ୍ତରରେ ମୁଁ, ଭଲ ଅଛି ବୋଲି କହିଲି । ଆଉ କହିଲି ଆସନ୍ତା ୨୦ ତାରିଖ ରବିବାର ଦିନ ଧ୍ୱନି ପ୍ରତିଧ୍ୱନି ପାଠକ ମଞ୍ଚର ପଞ୍ଚଦଶତମ ବାର୍ଷିକ ଉତ୍ସବ ନୁଦଢ଼ିହା ଗ୍ରାମ ଅନ୍ତର୍ଗତ ତଳିଆସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ "ଅନ୍ୱେଷଣ"ର ବୈଠକ ଗୃହ ପରିସରରେ ଅନୁଷ୍ଠିତ ହେବ । ଆପଣଙ୍କୁ ନିମନ୍ତ୍ରଣ ନିଶ୍ଚୟ ଆସିବେ । ସାର କହିଲେ ନିଶ୍ଚୟ ଯିବି, ମୁଁ ମୋର ଚାକିରି ଜୀବନ ସେହି ଗ୍ରାମରୁ ଆରମ୍ଭ କରିଥିଲି । ସେଠାରେ ମୋର ବହୁଛାତ୍ର ଛାତ୍ରୀ ଅଛନ୍ତି । ଏମିତି ଦିନ ପରେ ଦିନ ଗଡ଼ିଯିବା ସହିତ ପାଠକ ମଞ୍ଚର ବାର୍ଷିକ ଉତ୍ସବ ପାଖେଇ ଆସୁଥାଏ । ଉତ୍ସବ ଦିନ ମଞ୍ଚରେ ଅତିଥି ମାନେ ବସି ସାରିବା ପରେ, ମଞ୍ଚ ପରିଚାଳକ ସାମ୍ବାଦିକା ପ୍ରମିଳା ପଣ୍ଡା ପ୍ରଥମେ ମୋତେ ମଞ୍ଚର ବିଗତ ଇତିହାସ ବର୍ଣ୍ଣନା କରିବାକୁ କହିଲେ । ମୁଁ ଧ୍ୱନିପ୍ରତିଧ୍ୱନି ପାଠକ ମଞ୍ଚ ସହିତ ଅତିତରେ ଜଡ଼ିତ ଥିବା ଆଉ ଆଜି ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଇ ଯାଇଥିବା ପାଠକ /ପାଠିକା ମାନଙ୍କର ନାମ ଜଣ ଜଣ କରି କହିଲି, ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା ଜଣାଇଲି । କିନ୍ତୁ ଉଦୟ ସାର ଯେ ଠିକ୍ ଆଜି ଦିନରେ ଆମ ଗହଣରୁ ୭୪ ବର୍ଷ ବୟସରେ ସବୁଦିନ ପାଇଁ ବିଦାୟ ନେଇ ଯାଇଛନ୍ତି ଏ ଖବର ଆମର ହସ୍ତଗତ ହୋଇନଥିଲା । ପରେ ସେଦିନ ସନ୍ଧ୍ୟାରେ ଉକ୍ତ ଖବର ଶୁଣିବା ପରେ ଦୁଃଖରେ କିଛି ସମୟ ପାଇଁ ନୀରବ ହୋଇଗଲି । ରାତିରେ ପାଠକ ମଞ୍ଚର ଅନ୍ୟ ସଦସ୍ୟ ମାନଙ୍କୁ ଫୋନ କରି ଏହା ଜଣାଇଦେଲି । ଉଦୟ ସାର ଧ୍ୱନି ପ୍ରତିଧ୍ୱନିର କେବଳ ପାଠକ ନଥିଲେ, ଲେଖା ଲେଖି ମଧ ପଠାଉଥିଲେ । ତାଙ୍କର କିଛି ଲେଖା ଏହି ଖବର କାଗଜରେ ସ୍ଥାନିତ ହୋଇଛି । ଲେଖାଟିଏ ବାହାରିଲେ ସେ ଖୁସି ହେବା ସହିତ ଧ୍ୱନି ପ୍ରତିଧ୍ୱନ ପରିବାରର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଥାନ୍ତି । ସବୁଠାରୁ ବେଶି ଖୁସି ଲାଗେ ଉଦୟ ସାର ଯେତେବେଳେ ତାଙ୍କର ବ୍ୟକ୍ତିଗତ ଅଙ୍ଗେଲିଭା କଥା ବ୍ୟକ୍ତ କରନ୍ତି । ମୁଁ ଅନେକ ସମୟରେ ଏଗୁଡ଼ିକ ଶୁଣିବା ପାଇଁ ସାରଙ୍କ ସହିତ ଘଣ୍ଟା ଘଣ୍ଟା ଗପେ । ସେଥିରୁ କେତୋଟି କଥା ଆଦୌ ଭୁଲି ହେଉ ନାହିଁ । ଥରେ ଉଦୟ ସାର ତାଙ୍କର ପିଲାଦିନର କଥା କହିବାକୁ ଯାଇ କହିଲେ, ମୋର ଜନ୍ମସ୍ଥାନ ରାଢ଼ୋ ଗ୍ରାମରେ । ଏହା ଉଦଳା ସହର ଠାରୁ ୭ କିମି ପୁର୍ବରେ ଅବସ୍ଥିତ । ପାଠ ପଢ଼ିବା ପାଇଁ ମୁଁ ଉଦଳା ଆସିବାକୁ ହେଲେ ପାଦରେ ଚାଲି ଚାଲି ଆସିବାକୁ ହୁଏ । ଆଉ ଆମେ ଏତେ ଗରିବ ଥିଲୁ ଯେ ତାଳିପକା ପ୍ୟାଣ୍ଟ ଓ ଦେହରେ ଗୋଟିଏ ଗଞ୍ଜି ପିନ୍ଧି ଖାଲି ପାଦରେ ଚାଲି ଚାଲି ଆସିବାକୁ ପଡ଼ିଥାଏ । ସେ ସମୟରେ ପେଟପୁରା ଖାଇବାକୁ ମଧ ମିଳୁ ନଥିଲା । ପର ଘରେ ମୁଁ ଟିଉସନ ପଢ଼ାଉଥିଲି କେବଳ ଦୁଇ ଓଳି ଖାଇବା ପାଇଁ । ସାରଙ୍କ ମୁଖରୁ ଏହିସବୁ କଥା ଶୁଣିଲେ ସେ ସମୟରେ ପ୍ରକୃତରେ କେତେ ଦୁଃଖ କଷ୍ଟରେ ପିଲାମାନେ ପାଠ ପଢୁଥିଲେ ତାହା ବେଶ ଭଲ ଭାବରେ ଅନୁଭବ କରି ହେଉଥିଲା ।ସେହିପରି ମାଟ୍ରିକ ପାସ ପରେ ଉଦଳା ମହାବିଦ୍ୟାଳୟରେ ପଢ଼ିବା ପାଇଁ ଉଦୟ ସାର ନାମ ଲେଖାଇଲେ । ସେ ସମୟରେ କଲେଜ ଯିବା ପାଇଁ ଫୁଲ ପ୍ୟାଣ୍ଟ ଟିଏ କାଟିବାକୁ ପାଖରେ ପଇସା ନଥିଲା । ହାପ ପ୍ୟାଣ୍ଟ ପିନ୍ଧି ସେ କଲେଜ ଯାଉଥିଲେ । ପରେ କଲେଜର ଅଧ୍ୟକ୍ଷ ରମେଶଚନ୍ଦ୍ର ଦାଶ, ଦାରିଦ୍ର୍ୟତା ଯୋଗୁଁ ସେ ଫୁଲ ପ୍ୟାଣ୍ଟ କାଟିପାରୁ ନାହିଁ ବୋଲି ଜାଣିପାରି ତାଙ୍କୁ ଏକ ଫୁଲ ପ୍ୟାଣ୍ଟ କାଟି ଦେଇଥିଲେ । ବାସ, ଏହି ଗୋଟିଏ ପ୍ୟାଣ୍ଟ ପିନ୍ଧି ସେ ତାଙ୍କର କଲେଜ ପାଠ ପଢ଼ା ଜୀବନ ସାରି ଦେଇଥିଲେ । ଉଦୟ ସାରଙ୍କ ମୁଖରୁ ଏହିସବୁ କଥା ଶୁଣି ଯେତିକି ଖୁସି ଲାଗେ ସେତିକି କଷ୍ଟ ମଧ ଅନୁଭବ ହୁଏ । ବାସ୍ତବରେ ସାର ତାଙ୍କର ପିଲା ଦିନ କେତେ ଦୁଃଖ କଷ୍ଟରେ କାଟିଛନ୍ତି ।ଖାଲି ସେତିକି ନୁହେଁ ସାର ତାଙ୍କ ବିବାହ କଥା କହିବାକୁ ଯାଇ କହିଲେ, ମୁଁ ପାଦରେ ଚାଲି ଚାଲି ବିବାହ କରିବାକୁ ଯାଇଥିଲି । ଶ୍ୱଶୁର ଘରୁ ସହଧର୍ମିଣୀଙ୍କୁ ସାଙ୍ଗରେ ନେଇ ଲାଇନ ବସ୍‌ରେ ଫେରିଥିଲି । ଉଦଳା ବସ୍‌ଷ୍ଟାଣ୍ଡରୁ ବାଲକା ନାମକ ଏକ ରିକ୍ସା ବାଲା ଆମକୁ ତାର ରିକ୍ସାରେ ବାସଇ ରାଢ଼ୋ ପର୍ଯ୍ୟନ୍ତ ନେଇ ଯାଇଥିଲା । ଆମ ପାଖରେ ପଇସା ନଥିବାରୁ ବାହାଘରରେ ବାଜା ବାଜି ନଥିଲା କି ଭୋଜି ଭାତର ଆୟୋଜନ କରାଯାଇନଥିଲା । ସାରଙ୍କ ମୁଖରୁ ଏହି ସବୁ କଥା ଶୁଣି ମୁଁ କିଛି ସମୟ ସ୍ତବ୍ଧ ହୋଇ ଯାଇଥିଲି । ବାସ୍ତବରେ ଉଦୟ ସାର ମୋ ପାଇଁ ଥିଲେ ଏକ ଖୋଲା ବହି । ତେବେ ଆଜିର ଏକାଦଶାହରେ ଆମେ ପାଠକ ମଞ୍ଚର ସମସ୍ତ ସଦସ୍ୟ ଈଶ୍ୱରଙ୍କ ନିକଟରେ ଉଦୟସାରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ରହୁଛୁ ।

+ଆବାହକ, ଧ୍ୱନି ପ୍ରତିଧ୍ୱନି
ପାଠକ ମଞ୍ଚ, ଉଦଳା
ମୋ-୯୮୬୮୨୪୩୨୨

କବିତା କୋଣାର୍କ

## ସଂପର୍କ...

### ଧ୍ରୁବଚରଣ ବେହେରା



ଭଉଣୀର ସ୍ନେହ ଅମାପ ଅମୂଲ୍ୟ
ମାପି ହେବ ନାହିଁ କେବେ
ଶୁଭ ଚିନ୍ତକ ସେ ଭାଇ ପାଇଁ ସଦା
ତା'ପରି ଅଛି କେ ଭବେ।
ପାଦେ ଗୋଡ଼ କାଢ଼ି ଗଲେ ମୁଁ କୁଆଡ଼େ
ଭାଳି ହେଉଥାଇ ବସି
କାହିଁକିରେ କୁନା କେଉଁ ଆଡ଼େ ଗଲୁ
ତୋ ବିନା ନାହିଁ ମୋ ଖୁସି।
କିଏ ଅଳି କରି ମାଗିବ ଖାଇବା
ଜିଦ୍ କରି ବସିଥିବ
ଅଧିକା ଖାଇବି ଏକା ମୁହିଁ ଦିଦି
ତୋ ମୁହଁ କେ ଧୋଇ ଦେବ।
ତୋ ପାଇଁ ଜୀବନ ଲାଗଇ ଅଧୁରା
ସୁନା ଭାଇ ଆରେ ମୋର
ତୋ ଅନୁପସ୍ଥିତ ଦିଏ ବଡ଼ ବାଧା
ସୁଖ ବି ଲାଗେ ଜହର।
ଭାଇ ଭଉଣୀର ପବିତ୍ର ବନ୍ଧନ
କ୍ଷୀର ନୀର ଠାରୁ ବଳି
ବଡ଼ ଦେଉଳରେ ହସୁଛନ୍ତି ବସି
ଭଗ୍ନୀ, ବଡ଼, ବନମାଳୀ।
ରଥାରୂଢ଼ ହୋଇ ପ୍ରଭୁ ଜଗନ୍ନାଥ
ବରଷେ ଆସନ୍ତି ବୁଲି
ସାଥେ ବଳଭଦ୍ର ସୁନାନାକୀ ଧରି
ଚାଲୁଥାନ୍ତି ଝୁଲି ଝୁଲି।
ନିଆରା ସଂପର୍କ ନିଆର ବନ୍ଧନ
ଭାଇ ସାଥେ ଭଉଣୀର
ଘର ନୁହେଁ ସେତ ସ୍ନେହ ତୀର୍ଥ ସ୍ଥଳୀ
ଲାଗଇ ପୁରୀ ମନ୍ଦିର।
ଭୁଲିବାନି ଭାଇଭଉଣୀ ମାନଙ୍କୁ
ବଡ଼ ଅଭାଗିନୀ ସେହି
ଆମ ସୁଖ ଚିନ୍ତା ଝୁରି ଝୁରି ସିଏ
ନିତିଦିନ କାଟୁଥାଇ।

+କେନ୍ଦ୍ରୀୟ ପୋଲିସ ରିଜର୍ଭ ବଳ
ଝାଡ଼ଖଣ୍ଡ
ମୋ:୮୩୨୮୯୩୦୫୫୪

## ଲକ୍ଷ୍ୟପଥ...

### ରାଜେନ୍ଦ୍ର କୁମାର ତ୍ରିପାଠୀ

ସଦା ହସ ହସ କଅଁଳ କଥା
ଦେଖେଇବାକୁ ପାରିଦର୍ଶିତା।
ନିଜକୁ ପାଠୁଆ କରିବା ପାଇଁ
ବହିପତ୍ର ଧରି ବସି ପଢ଼ଇ।
ଗୃହ କର୍ମ ସବୁ କରିବା ପାଇଁ
ଖାତା କଲମ ସବୁ ସଜାଡ଼ି ଦେଇ।
କ'ଣ ଲେଖିବ ମନେ ଭାଳଇ
ତା ମୁଣ୍ଡକୁ କିଛି ଜୁଟଇ ନାହିଁ।
ମୁଣ୍ଡ ହୁଏ ତାର ଝାଇଁ ଝାଇଁ
ସମୟ ଅପେକ୍ଷା କରେ ନାହିଁ।
ଉଦାସ ମନରେ ନିରାଶ ହୋଇ
ପ୍ରଭୁଙ୍କ ପାଖରେ ପ୍ରାର୍ଥନା କରଇ।
ଆଶିଷ ଦିଅ ମୋତେ ପଢ଼ିବି ପାଠ
ହେଉ ପଛେ ଯେତେ ଦୁଃଖ କଷ୍ଟ।
ପାଠ ପଢ଼ି ମୁହିଁ ହେବି ମହାନ
ଗୁରୁଙ୍କ ଉପଦେଶ କରି ସ୍ମରଣ।
ଅଟେ ଗୁରୁବାଣୀ ଅରୁଣ କିରଣ
ସଦା ଯିଏ କରେ ମନରେ ସ୍ମରଣ।
କ୍ଷଣେ କ୍ଷଣେ କରି ନିରୀକ୍ଷଣ
ମୂର୍ଖ ଦୋଷ ତାର ହୁଏ ଅପହରଣ।
ପଶୁ ତୁଲ୍ୟ ଲକ୍ଷ୍ୟ ବିହୀନ ଜୀବନ
ନାବିକ ବିହୀନ ଜାହାଜ ସମାନ।
ତେଣୁ ହୃଦରେ ତାର ଜାଗେ କମ୍ପନ
ଲକ୍ଷ୍ୟ ରଖି ସାକାର କରିବ ଜୀବନ।
ଶତ ଝଡ଼ଝଂଜା ସହି ଜୀବନରେ
ଆଗେଇ ଯିବ ସେ ଲକ୍ଷ୍ୟ ପଥରେ।
ଭଲ ପାଠପଢ଼ି ବଡ଼ ମଣିଷ ହେବ
ନିଜେ ଶିକ୍ଷିତ ହୋଇ ଅନ୍ୟକୁ କରାଇବ।
ଠିଆ ହୋଇବ ସିଏ ନିଜ ଗୋଡ଼ରେ
ନିର୍ଭର ନକରିବ ଅନ୍ୟ ଉପରେ।
ତାର ବାପ ମାଆ'ର ନାଁ ରଖିବ
ଉଚ୍ଚ ଆଶା ନେଇ ଆଗେଇଯିବ।
ଅସମ୍ଭବ ବୋଲି ନାହିଁ କିଛି ସଂସାରେ
ଅଭ୍ୟାସ ବଳରେ ସବୁ ହୋଇପାରେ।
ସ୍ୱପ୍ନକୁ ତାର ପୂରଣ କରିବ
ଲକ୍ଷ୍ୟପଥରୁ ବିଚ୍ୟୁତ ନ ହେବ।
ଚାକିରୀ କରିବା ଆଶ ସେ ନ ରଖିବ
ଚରିତ୍ର ଗଠନ ତାର ମୂଳ ଲକ୍ଷ୍ୟ ହେବ।
ମୁଣ୍ଡ ପୋତି ଭାବୁଥିଲା
ସେ ନିରାଶ ମନେ
ସଂକଳ୍ପ ନେଲା ପହଂଚିବ
ଲକ୍ଷ୍ୟସ୍ଥଳରେ ଦିନେ।

ସହକାରୀ ଶିକ୍ଷକ, ଉତ୍କଳ ବିଦ୍ୟାପୀଠ
ସରକାରୀ ଉଚ୍ଚ ବିଦ୍ୟାଳୟ, ଲାଠୀ, ଗଂଜାମ
ମୋ:୯୫୮୩୫୦୯୭୫୮

# ଭାରତ ବର୍ଷରେ ଜଳବାୟୁ ପରିବର୍ତ୍ତନ

ଶ୍ରୀକୃଷ୍ଣ ସାମଲ
ଶ୍ରୀକୃଷ୍ଣ ନିବାସ
କରଞ୍ଜିଆ, ମୟୂରଭଂଜ
ମୋ-୯୪୩୭୩୨୦୬୭୯

ଏବେ ଦେଖା ଯାଉଛି ଭାରତବର୍ଷକୁ ଷଡରତୁ ଠିକ୍ ଭାବରେ ଆସୁ ନାହିଁ । ଗ୍ରୀଷ୍ମ ପରେ ବର୍ଷା, ଶରତ, ହେମନ୍ତ, ଶୀତ ଓ ବସନ୍ତ ପ୍ରାୟ ଅନୁଭୂତ ହେଉ ନାହିଁ । ଗ୍ରୀଷ୍ମରେ ପ୍ରବଳ ବାରିପାତ ସହିତ ବର୍ଷାରତୁରେ ପ୍ରଚଣ୍ଡ ରୌଦ୍ର ତାପ ଅନୁଭୂତ ହେଉଛି । ଠିକ୍ ସେମିତି ଶରତ, ହେମନ୍ତ, ଶୀତ ଓ ବସନ୍ତ ରତୁରେ ମଧ ଘୋର ବ୍ୟତିକ୍ରମ ସୃଷ୍ଟି ହେଉଛି । ପ୍ରବଳ ଘଡଘଡି ସହ ବର୍ଷା ବ୍ୟୁତ୍ପାତ ଘଟୁଛି । ହଠାତ୍ ବାୟୁମଣ୍ଡଳରେ ଉଷ୍ମତା ଅନୁଭୂତ ହେଉଛି । ରାତ୍ରିର ତାପମାତ୍ରା ସମାନ ରହୁ ନାହିଁ । କେତେବେଳେ ଉଷ୍ମତା ଅନୁଭୂତ ହେଉଛି ତ କେତେବେଳେ ଶୀତଳତା ଅନୁଭୂତ ଅନୁବୂତ ହେଉଛି । ପାଗରେ ସବୁବେଳେ ବିଷମତା ରହୁଛି । ଏଥିପାଇଁ ଜନସାଧାରଣ ପ୍ରମାଦ ଗଣିଲେଣି । ସେମାନଙ୍କର ମନରେ ପ୍ରଶ୍ନ ଉଠେ ? ପ୍ରକୃତିର ପରିବର୍ତ୍ତନ ଏବଂ ଭୂ-ପୃଷ୍ଠରେ ତଥା ଜଳବାୟୁ ଭିତରେ ବିଜ୍ଞାନର ବିଭିନ୍ନ ପରୀକ୍ଷା ନିରୀକ୍ଷା ହିଁ ଏଥିପାଇଁ ଦାୟୀ । ଜଙ୍ଗଲ କ୍ଷୟ, ଅସୁମାରୀ କୋଠାବାଡି ନିର୍ମାଣ, ସିମେଣ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ, ଗାଁ ଗହିରୀ ପୋତି ହୋଇ ଯିବା ସହିତ ଗାଁର ତୋଟାମାଳ ଧ୍ୱଂସ, କଳକାରଖାନର ଧୂଆଁ, ଯାନବାହାନ ମାନଙ୍କର ଧୂଆଁ, ଶସ୍ୟକ୍ଷେତ୍ରରେ ବିପୁଳ ପରିମାଣରେ କୀଟନାଶକ ଔଷଧ ଓ ରାସାୟନିକ ସାରର ପ୍ରୟୋଗ, ଆକାଶ ମାର୍ଗରେ ଚଳପ୍ରଚଳ କରୁଥିବା ବାୟୁଯାନର ଧୂଆଁ, ସମୁଦ୍ର ଗର୍ଭରେ ପରୀକ୍ଷା ନିରୀକ୍ଷା ହେଉଥିବା ଗୋଳା ବାରୁଦର ପ୍ରଭାବ, ନଦୀବନ୍ଧ ଯୋଜନା ଦ୍ୱାରା ତଳ ପଟରେ ନଈ ସବୁ ଶୁଷ୍କ ହୋଇଯିବା, ଘରେ ବାହାରେ ବହୁଳ ବୈଦ୍ୟୁତିକ ଯନ୍ତ୍ରପାତିର ବ୍ୟବହାର, ଭୂ-ପୃଷ୍ଠର ଉପରକୁ ବୈଦ୍ୟୁତିକ ସରାବରାହ ତଥା ବଡ ବଡ ବୈଦ୍ୟୁତିକ କ୍ଷେସନର ପ୍ରଭାବ, ବିଭିନ୍ନ ଟାୱାର ନିର୍ମାଣ କରାଯାଇ ବାର୍ତ୍ତା ସରାବରାହ, ଖଣି ଖାଦାନ ଓ ରାସ୍ତାଘାଟ ନିର୍ମାଣ ନିମନ୍ତେ ପଥର ବ୍ଲାଷ୍ଟିଂ, ନଦୀ ନାଳ, ଜଳାଶୟ ଓ ପୁସ୍କରିଣୀ ମାନଙ୍କର ଜଳ ପ୍ରଦୂଷଣ, ମଣିଷ ଜୀବଜନ୍ତୁଙ୍କ ଦ୍ୱାରା ପରିବେଶ ପ୍ରଦୂଷଣ; ବିଡି, ସିଗାରେଟ୍, ହୁକା ଇତ୍ୟାଦିର ଧୂଆଁ, ମଦଭାଟି ଓ ଇଟାଭାଟିର ବର୍ଯ୍ୟବସ୍ତୁ ଓ ଧୂଆଁ, ପାନ, ଗୁଟକା, ଛେପ, ସାରା ଦେଶରେ ଗଢି ଉଠିଥିବା ରାସ୍ତା କଡର ଢାବା ମାନଙ୍କ ବର୍ଯ୍ୟବସ୍ତୁ ଓ ଧୂଆଁ; ଜାଳେଣି ଗ୍ୟାସ ଓ ସାରା ଦେଶରେ ଥିବା ପେଟ୍ରୋଲ ପମ୍ପରୁ ନିର୍ଗତ ହେଉଥିବା ବିଷାକ୍ତ ଗ୍ୟାସ ଇତ୍ୟାଦି ଜଳବାୟୁ ପରିବର୍ତ୍ତନ ନିମନ୍ତେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ଦାୟୀ ।

ଅତୀତରେ ଅନବାଦୀ ସରକାରୀ ଜମି ମାନଙ୍କରେ ସବୁଜ ବନିକରଣ ନିମନ୍ତେ ୟୁକାଲିପଟାସ ଓ କାଜୁବାଦାମ ବଗିଚ୍ଚ ସୃଷ୍ଟି କରାଯାଉଥିଲା । ହେଲେ ଏହା ଭୂତଳ ଜଳଉତ୍ସ ଓ ବାୟୁ ମଣ୍ଡଳର ସଠିକ୍ ସନ୍ତୁଳନ ରକ୍ଷା କରି ପାରିଲା ନାହିଁ । ଫଳରେ ବର୍ତ୍ତମାନ ଏ ସବୁର ପୁନରାବୃତ୍ତି କରା ନ ଯାଇ ଶାଳ, ପିଆଶାଳ, ଚନ୍ଦନ, ଶିଶୁ, ଅଶନ, ଓ ଅଶୋକ ବୃକ୍ଷର ସୃଷ୍ଟି ନିମନ୍ତେ ସରକାରଙ୍କ ବନବିଭାଗ ଦୃଢ ପରିକର । ଏହା ହେଲେ ବାୟୁମଣ୍ଡଳର ସନ୍ତୁଳନ ରକ୍ଷା ହୋଇ ଜଳବାୟୁ ପରିବର୍ତ୍ତନର ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବ ନାହିଁ । ତେବେ ସରକାରଙ୍କ ସବୁଜ ବନୀକରଣ, ସଜଳ ଧାରା ଓ ସବୁଜ ବିପ୍ଳବ ଭଳି ଯୋଜନାମାନ ନିଶ୍ଚିତ ଭାବେ ଜଳବାୟୁର ସନ୍ତୁଳନ ରକ୍ଷା କରି ଜଳବାୟୁକୁ ପରିବର୍ତ୍ତନ କରାଇ ଦେବ ନାହିଁ । ତଥାପି ବୈଜ୍ଞାନିକମାନେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରି ଏହାର କାରଣ ଖୋଜି ଜନସାଧାରଣଙ୍କୁ ଅବଗତ କରାଇବା ସହ ଏହାର ନିରାକରଣ ପନ୍ଥା ମଧ ସୂଚାଇ ହେବା ଉଚିତ୍ ।

# ସ୍ମୃତି ଶକ୍ତି ବଢ଼ାଏ ମାଛ







*ମାଛରେ ଭରପୂର ମାତ୍ରାରେ ଓମେଗା-୩ ଫ୍ୟାଟି ଏସିଡ୍ ରହିଥାଏ । ଯାହା ହୃଦୟ ଏବଂ ଧମନୀକୁ ମଜଭୂତ କରିବାରେ ସାହାଯ୍ୟ କରିଥାଏ । ଏହି ଫ୍ୟାଟି ଏସିଡ୍ ଭଲ କୋଲଷ୍ଟୋଲକୁ ବଢ଼ାଇବା ସହ ଧମନୀରେ ରକ୍ତକୁ ଜମାଟ ବାନ୍ଧିବାକୁ ଦିଏନାହିଁ । ଏକ ଗବେଷଣା ଅନୁସାରେ, ଯେଉଁ ଲୋକମାନେ ସପ୍ତାହକୁ ଦୁଇଥର ମାଛ ଖାଇଥାନ୍ତି ସେମାନଙ୍କର ହୃଦରୋଗ ଆଶଙ୍କା ୩ଗୁଣ କମିଯାଏ । ପ୍ରତିଦିନ ମାଛ ଖାଇଲେ ସ୍ମୃତିଶକ୍ତି ମଧ ବଢ଼ିଥାଏ । ଯେଉଁମାନଙ୍କୁ ଉଚ୍ଚରକ୍ତଚାପର ସମସ୍ୟା ରହିଛି, ସେମାନେ ମାଝ ଖାଇବା ଉଚିତ୍ । କାରଣ ମାଛରେ ଥିବା ତେଲ ରକ୍ତଚାପକୁ କମ କରିଥାଏ ।*

- ମାଛ, ଶରୀରର ଚର୍ବି ଅଂଶକୁ ଜମାଟ ବାନ୍ଧିବାରୁ ରୋକିଥାଏ । ତେଣୁ ମାଛରେ ଥିବା ତେଲ ଖାଇବା ସହ ନିୟମିତ ବ୍ୟାୟାମ କଲେ ମୋଟାପଣର ସମସ୍ୟା ଖୁବଶୀଘ୍ର ଦୂର ହୋଇଥାଏ ।
- ମାଛ ଖାଇଲେ ମୋତିଆବିନ୍ଦୁ ଏବଂ ଆଖିରେ ଶୁକେତା ଭଳି ସମସ୍ୟା ଦୂର ହୋଇଥାଏ । ସପ୍ତାହକୁ ଦୁଇଥର ମାଛ ଖାଇଲେ ଓମେଗା-୩ ଫ୍ୟାଟି ଏସିଡ୍ ଶରୀରକୁ ପର୍ଯ୍ୟାପ୍ତ ପରିମାଣରେ ମିଳିଥାଏ । ଯାହାଯୋଗୁଁ ଆଖିରେ ଶୁଷ୍କତା ଭଳି ସମସ୍ୟା କମ ହେବା ସହ ମାଂସପେଶୀ ମଜଭୁତ ହୋଇଥାଏ ।
- ମାଛ ଖାଇବା ଦ୍ୱାରା ଶରୀରରେ କୁଞ୍ଚିତ ରେଖା ଦେଖାଯାଇନଥାଏ । ଯାହାଫଳରେ ବାର୍ଦ୍ଧକ୍ୟ ଜଲଦି ଆସିନଥାଏ । ଏହାସହ ଆମ ତ୍ୱଚାକୁ ସୂର୍ଯ୍ୟକିରଣରୁ ହେଉଥିବା କ୍ଷତିରୁ ରକ୍ଷା କରିଥାଏ ।
- ମାଛରେ ଥିବା ଓମେଗା-୩ ଅବସାଦ ଓ ଚିନ୍ତା ଭଳି ସମସ୍ୟାକୁ ଦୂର କରିଥାଏ । ଏହାସହିତ ମାଛ ଛୋଟ ଶିଶୁଙ୍କର ସ୍ମରଣଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ।

# ୱେଷ୍ଟ କୋଟ୍




ୱେଷ୍ଟକୋଟର ଚାହିଦା ଆଗରୁ ଥିଲା, ଆଜି ବି ରହିଛି । ପାଶ୍ଚାତ୍ୟ ରାଷ୍ଟ୍ରରେ ମହିଳାମାନେ ବହୁ ପୂର୍ବରୁ ୱେଷ୍ଟକୋଟ୍ ପରିଧାନ କରୁଥିଲେ ଗତ କିଛି ବର୍ଷ ହେବ ଏହି ଫେସନ ଭାରତକୁ ଆସିଛି । ବିଶେଷ କରି କର୍ମଜୀବୀ ମହିଳାମାନଙ୍କ କ୍ଷେତ୍ରରେ ଏହା ବେଶ୍ ଆଦୃତ । ୱେଷ୍ଟକୋଟ୍ ମହିଳାମାନଙ୍କୁ ସ୍ଲିମ୍, ଟ୍ରିମ ଲୁକ୍ ପ୍ରଦାନ କରେ । ତା ସହିତ ଏହାକୁ ସାର୍ଟ, କୁର୍ତ୍ତି, ୱାନପିସ ପରି ବିଭିନ୍ନ ଆଉଟଫିଟ୍ସରେ ଆପଣ ପିନ୍ଧି ପାରିବେ । ନିଜ ଲୁକ୍କୁ ଯଦି ଫର୍ମାଲ ଟଚ୍ ଦେବାକୁ ଚାହୁଁଛନ୍ତି, ତାହେଲେ ଜିନ୍ ବା ଫର୍ମାଲ ପ୍ୟାଣ୍ଟ ସହିତ ସାର୍ଟ ଏବଂ ତା ଉପରେ ୱେଷ୍ଟକୋଟ ପିନ୍ଧନ୍ତୁ । ଧଳା ସାର୍ଟ; ଉପରେ କଳା କିମ୍ବା ଗାଢ଼ ବା ଫିକା ନୀଳ ରଙ୍ଗର ୱେଷ୍ଟକୋଟ ଆପଣଙ୍କ ବ୍ୟକ୍ତିତ୍ୱକୁ ଆହୁରି ଆକର୍ଷଣୀୟ କରିବ । ପାର୍ଟି ବା ଉତ୍ସବକୁ ଯାଉଥିବା ବେଳେ ଆପଣ ଚମକଦାର ଆଉଟଫିଟ୍ସ ଉପରେ ରାଜସ୍ଥାନୀ ୱେଷ୍ଟକୋଟ ପିନ୍ଧନ୍ତୁ, ଦେଖିବେ ବ୍ୟକ୍ତିତ୍ୱର ଚମକ ଆସିଯିବ । ଫର୍ମାଲ ଓ ରାଜସ୍ଥାନୀ ସହିତ ଆଜିକାଲି ବଜାରରେ ଡେନିମ, ଫ୍ଲୋରାଲ, ଟ୍ରାଇବାଲ, ଜ୍ୟାମେଟ୍ରିକ୍, ଏଥନିକ ପ୍ରଭୃତି ବିଭିନ୍ନ ଡିଜାଇନର ୱେଷ୍ଟକୋୟ ଉପଲବ୍ଧ । ଚେହେରା ଓ ବ୍ୟକ୍ତିତ୍ୱକୁ ସୁହାଇଲା ପରି ଆପଣ ନିଜ ପାଇଁ ମନପସନ୍ଦର ୱେଷ୍ଟ କୋଟ ବାଛି ପାରିବେ । ବର୍ତ୍ତମାନ ଡେନିମ ଏବଂ ରାଜସ୍ଥାନୀ ୱେଷ୍ଟକୋଟ ଚାହିଦା ବେଶୀ । କାରଣ ଏହାର ସଫ୍ଟ ଫେବ୍ରିକ ଶରୀରକୁ ଖରାଦାଉରୁ ରକ୍ଷା କରିଥାଏ ।

# ଉଚ୍ଚ ରକ୍ତଚାପ: ଏକ ନିରବ ଘାତକ




ଭାରତରେ ସମୁଦାୟ ଲୋକସଂଖ୍ୟାର ଶତକଡ଼ା ୪୦ ଭାଗ ରକ୍ତଚାପରେ ଆକ୍ରାନ୍ତ । ଏମାନଙ୍କ ମଧ୍ୟରୁ ଶତକଡ଼ା ୧୦ ଭାଗ ପ୍ରକୃତରେ ଚିକିତ୍ସା ପାଇଥିବାବେଳେ ଆଉ ୨୦ ଭାଗ ରୋଗ ଅଛି ବୋଲି ଜାଣନ୍ତି ନାହିଁ । କାରଣ, କେବେ ବି ତାଙ୍କର ବ୍ଲଡପ୍ରେସର ମାପନ ହୋଇନଥା, । ଅନ୍ୟମାନଙ୍କର ମାନସିକତା ଅସଦଭୁତ । ସେମାନଙ୍କର ଯେହେତୁ କିଛି ଶାରୀରିକ ଅସୁସ୍ଥତା ଦେଖାଦେଉ ନପାହିଁ, ସେଥିପାଇ ଚିକିତ୍ସା ପ୍ରତ୍ୟାଖ୍ୟାନ କନ୍ତି । ଆଉ କେତେଜଣ ଚିକିତ୍ସିତ ହେଉଥିଲେ ମଧ ଠିକଠାକ୍ ଓଷଧ ଖାଆନ୍ତି ନାହିଁ । ଏମାନଙ୍କ ମଧ୍ୟରୁ ମାତ୍ର ଶତକଡ଼ା ୫ଭାଗ ଲୋକ ପ୍ରତିଦିନ ଔଷଧ ଖାଆନ୍ତି । ଏକ ପରିସଂଖ୍ୟାନରୁ ଜଣାପଡ଼ିଛି, ବିଶ୍ୱରେ ବର୍ଷକୁ ୭୫ଲକ୍ଷ ଲୋକ ରକ୍ତଚାପରେ ମୃତ୍ୟୁବରଣ କରୁଛନ୍ତି ଓ ମୃତ୍ୟୁର କାରଣମାନଙ୍କ ମଧ୍ୟରେ ଉଚ୍ଚରକ୍ତଚାପଜନିତ ହୃଦଘାତ ଓ ମସ୍ତିଷ୍କଘାତ ସବୁଠାରୁ ଅଧିକ । ସଚେତନତା ଉନ୍ନତମାନର ଚିକିତ୍ସା ଦ୍ୱାରା କାନାଡ଼ା, ଅଷ୍ଟ୍ରେଲିଆ ଓ ୟୁରୋପ ମହାଦେଶର ରକ୍ତଚାପ ରୋଗୀଙ୍କ ସଂଖ୍ୟା କ୍ରମଶଃ କମିବାରେ ଲାଗିଛି ।

*ଉଚ୍ଚ ରକ୍ତଚାପ ସହ ଜଡ଼ିତ କେତେକ କାରଣ:*
ସ୍ଥାନ ପରିବର୍ତ୍ତନ ଆଫ୍ରିକାରୁ ଅନେକ ଲୋକ ଆମେରିକା ଆସି ବାସ କରୁଥିବାବେଳେ ସେମାନଙ୍କ ଖାଦ୍ୟ ଶୈଳୀରେ ବ୍ୟାପକ ପରିବର୍ତ୍ତନ ଆସିଛି । ପାଶ୍ଚାତ୍ୟ ଲୋକଙ୍କ ଭଳି ଅଧିକ ଲୁଣ, ତେଲ ଓ ଚର୍ବି ଜାତୀୟ ଖାଦ୍ୟର ପ୍ରଚଳନ ଶାରୀରିକ ପରିଶ୍ରମ ହ୍ରାସ, ଧୂମପାନ ଓ ମଦପାନର ଅଭ୍ୟାସ ଆପଣାଇଛନ୍ତି । ନିଜ ଭିଟାମାଟି ଛାଡ଼ି ଅନ୍ୟତ୍ର ଖାପଖୁଆଇ ଚଳିବାଜନିତ ମାନସିକ ଚାପ ରକ୍ତଚାପ ବଢ଼ାଉଛନ୍ତି । ପ୍ରବାସୀ ଭାରତୀୟଙ୍କ କ୍ଷେତ୍ରରେ ବି ସେହି କଥା ।

*ବୟସ ଭିତ୍ତିରେ:*
୦ରୁ୧୮ ବର୍ଷ ବୟସ ମଧ୍ୟରେ ଏହି ରୋଗର ଦେଖିବାକୁ ମିଳେ ନାହିଁ । ୧୯-୪୦ ବର୍ଷ ବୟସ ମଧ୍ୟରେ ସାଧାରଣ ଭାବରେ ଦେଖିବାକୁ ମିଳିଥା, ।

*ମେଦବହୁଚଳତା:* ମେଦବହୁଳତାକୁ ହାଇ ବ୍ଲଡପ୍ରେସରରର ଏକ ଗୁରୁତ୍ୱପୂର୍ଣ୍ଣ ଆଶଙ୍କା ବା କାରଣ ଭାବେ ଗ୍ରହଣ କରାଯାଏ ।

*ଲିଙ୍ଗଭିତ୍ତିକ:*
ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ଯଦିଚ ଏହା ସମାନ ପରିମାଣରେ ଦେଖାଯାଏ, ତଥାପି କମ ବୟସର ପୁରୁଷ ଓ ଅଧିକ ବୟସର ମହିଳାଙ୍କ ମଧ୍ୟରେ ବେଶି ଦେଖାଦେଇଥାଏ ।
ଅନିୟନ୍ତ୍ରିତ ଖାଦ୍ୟ:- ଚଟପଟି ଖାଦ୍ୟ, ଡବା ଖାଦ୍ୟ, ଅଧିକ ଲୁଣ ଓ ଚର୍ବିଚାତୀୟ ଖାଦ୍ୟ ଏଥିପାଇଁ ଅନେକାଂଶରେ ଦାୟୀ ।

*ଶାରୀରିକ ପରିଶ୍ରମର ଅଭାବ:*
ଆଧୁନିକ ଜୀବନଶୈଳୀରେ ଏହା ସାଧାରଣ କଥା ହୋଇଯାଇଛି । ଏପରି ସ୍ଥିତିରେ ଅନେକ ମେଦବହୁଳତାର ଶିକାର ହୋଇଥାଆନ୍ତି । ମାନସିକ ଓ ଶାରୀରିକ ଚାପ ଏଥିପାଇଁ ଏକ ବଡ଼ କାରଣ ବୋଲି ଜଣାପଡ଼ିଛି ।

*ବଂଶାନୁକ୍ରମିକ:*
ପରିବାର ମଧ୍ୟରେ ଏହା ବହୁଳ ଭାବେ ଦେଖାଯାଉଥିବାରୁ ଏହା ବଂଶାନୁକ୍ରମିକ ଭାବେ ଗ୍ରହଣ କରାଯାଇଛି ।

# ଚପଲ ପିନ୍ଧିବା ମନା



ଖରା ହେଉ କି ବର୍ଷା ବିନା ଚପଲରେ ବାହାରକୁ ଯିବା ଲାଗି ମନ ହୁଏ ନାହିଁ । ଏଠାରେ କିନ୍ତୁ ଗ୍ରାମବାସୀ ଗାଁ ଭିତରେ ଆଦୌ ଚପଲ ପିନ୍ଧନ୍ତି ନାହିଁ । ଏଥିପାଇଁ ଧନୀ- ଦରିଦ୍ରର ବାଛବିଚାର ନଥାଏ । ଏପରିକି ବାହାରର କେହି ଲୋକ ତାଙ୍କ ଗାଁ ଭିତରକୁ ଚପଲ ପିନ୍ ଚାଲିଆସିଲେ ବି ସେମାନେ ବିରକ୍ତ ହୋଇଥାନ୍ତି । ତାମିଲନାଡୁର ମଦୁରାଇଠାରୁ ୨୦କିଲୋମିଟର ଦୂରରେ ଏହି ଗାଁ ରହିଛି । ଗାଁର ନାମ କଲିମାୟନ । ବର୍ଷ ବର୍ଷ ଧରି ଗାଁର ଛୋଟଠାରୁ ବୁଢ଼ା ପର୍ଯ୍ୟନ୍ତ କେହି ବି ଚପଲ ପିନ୍ଧି ଗାଁ ଭିତରେ ଚାଲନ୍ତି ନାହିଁ । କେହି ଏହି ନିୟମର ଅବମାନନା କଲେ ତାଙ୍କୁ କଠୋର ଦଣ୍ଡ ମିଳିଥାଏ । ଗ୍ରାମବାସୀମାନେ କାହିଁ କେଉଁକାଳରୁ ଅପାଛି ନାମକ ଦେବତାଙ୍କୁ ପୂଜା କରିଆସୁଛନ୍ତି । ଏହି ଦେବତା ସମଗ୍ର ଗ୍ରାମର ସୁରକ୍ଷା କରୁଛନ୍ତି ବୋଲି ସେମାନଙ୍କର ଦୃଢ଼ ବିଶ୍ୱାସ । ଦେବ୍‌ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା ଲାଗି ଗ୍ରାମ ସୀମା ମଧ୍ୟରେ ଜୋତା, ଚପଲ ପିନ୍ଧିବା ବାରଣ କରାଯାଇଛି । ପିଢ଼ି ପରେ ପିଢ଼ି ସେମାନେ ଏହି ପରମ୍ପରା ପାଳନ କରିଆସୁଥିବା ବେଳେ ଯଦି ବାହାରକୁ ଯିବାକୁ ହୁଏ, ତେବେ ଗ୍ରାମର ସୀମା ବାହାରକୁ ଯିବା ପରେ ହିଁ ସେମାନେ ସାଙ୍ଗରେ ନେଇ ଥିବା ଜୋତା କି ଚପଲ ପିନ୍ଧିଥାନ୍ତି ।

# ବାଲୁକା ହୋଟେଲ





ପିଲାବେଳେ ବାଲିରେ ଖେଳୁ ଖେଳୁ ଆମେ ଗଢ଼ିଥାନ୍ତି କେତେ ଘର, କେତେ ମହଲ । ଏହାରି ଭିତରେ ଟିକେ ଶାଇପଡ଼ିବାକୁ ମନ ହୋଇଥାଏ । କିନ୍ତୁ ଏହି ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯାଏ ମୁହୂର୍ତ୍ତକରେ । ପିଲାବେଳର ସେହି ସ୍ୱପ୍ନ ଏବେ ପୂରଣ କରୁଛି ଡଚ୍ ବାଲୁକା ଶିଳ୍ପୀଙ୍କ 'ବାଲୁକା ଦୁର୍ଗ ହୋଟେଲ' । ଡଚ୍ ସହର ଓସରେ ନିର୍ମିତ ଏହି ହୋଟେଲ ପାଇଁ ପ୍ରେରଣା ମିଳିଥିଲା ଫିନଲ୍ୟାଣ୍ଡ ଓ ସ୍ୱିଡ଼େନର ବରଫ ହୋଟେଲରୁ । ସ୍କାଣ୍ଡିନେଭିଆନ ବରଫ ହୋଟେଲ ପରି ବାଲୁକା ହୋଟେଲ ବି କ୍ଷଣସ୍ଥାୟୀ । ଏହା ଗ୍ରୀଷ୍ମ ଶେଷକୁ ଭାଙ୍ଗିଯିବ । ଅନିସନ୍ଧିତ୍ସୁ ଓ ଯୁବ ପର୍ଯ୍ୟଟକଙ୍କୁ ଆଖିରେ ଏହି ହୋଟେଲ ତିଆରି ହୋଇଛି । ଡଚ୍ ମେକାନିକ ଇରୱିନ କହିଛନ୍ତି, ସେ କିଛି ବିଶେଷ କରିବାକୁ ଚାହୁଁଥିଲେ । ବାଲୁକା ଦୁର୍ଗରେ ଶୋଇବାକୁ ତାଙ୍କର ପିଲା ଦିନର ସ୍ୱପ୍ନ ଥିଲା ଯାହା ଏବେ ପୂରଣ ହୋଇପାରିଛି । ଏହି ହୋଟେଲରେ ବଡ଼ବଡ଼ କକ୍ଷ ସହ ଖୁବ ସୁନ୍ଦର ବାଥରୁମ ରହିଛି । ହୋଟେଲରେ ଗୋଟିଏ ରାତି କାଟିବାକୁ ୧୬୭ ଡଲାର ଖର୍ଚ୍ଚ କରିବାକୁ ପଡ଼ିଥାଏ । ଓସ ବ୍ୟତୀତ ଡଚର ଆଉ ଏକ ସହର ସ୍ନିକରେ ମଧ୍ୟ ବାଲୁକା ହୋଟେଲ ତିଆରି ହୋଇଛି । ବାଲୁକା ହୋଟେଲ ହୋଇଥିଲେ ବି ଆପଣଙ୍କ ଚପଲ କିମ୍ବା ବିଛଣାରେ ଟିକିଏ ବାଲି ଲାଗିବାର ସମ୍ଭାବନା ନଥାଏ । ଏହା କୌଣସି ବିଳାସପୂର୍ଣ୍ଣ ହୋଟେଲ ଠାରୁ କୌଣସି ଗୁଣରେ କମ୍ ନୁହେଁ ବୋଲି କହିଛନ୍ତି ମ୍ୟାନେଜର ମଡ଼ ଭାନ ଲୁୱେନ । କକ୍ଷଗୁଡ଼ିକ ପ୍ରଥମେ କାଠ ଓ ତା'ପରେ ବାଲିରେ ତିଆରି ହୋଇଛି । ଚଟାଣରେ ପାଉଁଶିଆ ମ୍ୟାଟ ପକାଯାଇ ଏହାକୁ ପ୍ରାକୃତିକ ରୂପ ଦିଆଯାଇଛି ।

# ଛିଙ୍କ ଶୁଭଙ୍କର

ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ଏବେ ବି ଅନେକେ ଅନ୍ଧବିଶ୍ୱାସକୁ ଧରି ରଖିଛନ୍ତି । କୌଣସି କାମ ଆରମ୍ଭ କରିବା ପୂର୍ବରୁ ଶୁଭ ଏବଂ ଅଶୁଭ ସୂଚନାକୁ ଜଗି ଚଳୁଛନ୍ତି । ଏହି କ୍ରମରେ ଛିଙ୍କିବା ଏକ ଅଶୁଭ ଲକ୍ଷଣ ବୋଲି ସେମାନଙ୍କ ମନରେ ବସା ବାନ୍ଧି ରହିଛି । ତେବେ ଜ୍ୟୋତିଷ ଶାସ୍ତ୍ରରେ ଛିଙ୍କିବା ସବୁବେଳେ ଅଶୁଭ ବୋଲି କୁହାଯାଇନାହିଁ । କୌଣସି ଜରୁରୀ କାମରେ ବାହାରକୁ ଯାଉଥିବାବେଳେ କେହି ପଛରୁ ଛିଙ୍କିଦେଲେ କାମରେ ସହଜରେ ସଫଳତା ମିଳିବ ବୋଲି ଜାରିବେ । ନୂଆ ପୋଷାକ ପିନ୍ଧୁଥିବା ବେଳେ କେହି ଛିଙ୍କିଲେ ଏହା ଦ୍ୱିଗୁଣ ଖୁସି ମିଳିବାର ସଙ୍କେତ ଦେଇଥାଏ । ଅର୍ଥାତ୍ ଖୁବ ଶୀଘ୍ର ଆଉ ଏକ ନୂଆ ପୋଷାକ ମିଳିପାରେ । ଶୁଭ କାମ କରିବା ସମୟରେ ଛିଙ୍କ ଆସିଲେ କାମ ସମ୍ପୂର୍ଣ୍ଣ ହେବାରେ ବାଧା ସୃଷ୍ଟିର ଆଶଙ୍କା ଆସେ । ଯଦି ଗୋଟିଏ ଛିଙ୍କ ପରେ ଆଉ ଗୋଟିଏ ଛିଙ୍କ ଆସେ, ଏହା ଶୁଭ ବୋଲି ଧରାଯାଏ । ଚିକିତ୍ସା ପାଇଁ ଡାକ୍ତରଖାନା ଯାଉଥିଲା ବେଳେ ଛିଙ୍କ ଆସିଲେ ଏହା ଶୁଭ ଏବଂ ତୁରନ୍ତ ଆରୋଗ୍ୟ ହେବାର ସୂଚନା । ଖାଦ୍ୟ ଖାଇବାର ଠିକ୍ ପୂର୍ବରୁ ନିଜେ କିମ୍ବା ଅନ୍ୟ କେହି ଛିଙ୍କିଲେ ସ୍ୱାଦିଷ୍ଟ ଓ ମନପସନ୍ଦର ଖାଦ୍ୟ ମିଳିପାରେ ।

# ୧୬୧ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ଅନୁଷ୍ଠିତ

## ରାଜ୍ୟର ସାମଗ୍ରିକ ଆର୍ଥିକ ବିକାଶ ପାଇଁ ବ୍ୟାଙ୍କମାନଙ୍କୁ ସକ୍ରିୟ ଭୂମିକା ଗ୍ରହଣ କରବାକୁ ଆହ୍ୱାନ

ଭୁବନେଶ୍ୱର,୨୯।୧୨ (ନି.ପ୍ର): ଆଜି ୧୬୧ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ସର୍ବଦା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛନ୍ତି । କୋଭିଡ୍୧୯ ମହାମାରୀ ସହ ଦୀର୍ଘ ଦିନଧରି ଚାଲୁ ରହିଥିବା ସଂଘର୍ଷରେ ରାଜ୍ୟର ଆର୍ଥିକ କ୍ଷେତ୍ରକୁ ମଜଭୂତ୍ କରିବାରେ ବ୍ୟାଙ୍କଗୁଡ଼ିକ ନିରବଚ୍ଛିନ୍ନ ସେବା ଯୋଗାଇ ଆସିଛନ୍ତି ବୋଲି ଆଜିର ବୈଠକରେ ଯୋଗଦେଇ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ମତବ୍ୟକ୍ତ କରିଛନ୍ତି ।

କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏହି ତିନୋଟି ମୁଖ୍ୟକ୍ଷେତ୍ରକୁ ବ୍ୟାଙ୍କଗୁଡ଼ିକ ଅଗ୍ରାଧିକାର ଭିତିରେ ଋଣ ଯୋଗାଇ ଦେବା ପାଇଁ ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱ ଦେଇଥିଲେ । ରାଜ୍ୟର ବାର୍ଷିକ ଋଣ ଯୋଜନାରେ ଚଳିତ ନଭେମ୍ବର ୩୦ ତାରିଖ ସୁଦ୍ଧା ସ୍ୱୟଂ ସହାୟକ ଗୋଷ୍ଠୀ ୬୫ ପ୍ରତିଶତ ସଫଳତା ପାଇଥିବାବେଳେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ୬୦ ପ୍ରତିଶତ ଏବଂ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ୪୬ ପ୍ରତିଶତ ସଫଳତା ପାଇଛନ୍ତି । ପର୍ଯ୍ୟାୟ କ୍ରମେ ବାର୍ଷିକ ଋଣ ଯୋଜନାରେ ଲକ୍ଷ୍ୟ ହାସଲ ପାଇଁ ଆମ ସମସ୍ତଙ୍କର ଉଦ୍ୟମ ଜାରି ରହିଲେ ରାଜ୍ୟରେ ସାମଗ୍ରିକ ଆର୍ଥିକ ବିକାଶ ସମ୍ଭବ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଥିଲେ ।

ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ରାଜ୍ୟର ଆର୍ଥିକ ପୁନରୁଦ୍ଧାର ପାଇଁ ବ୍ୟାଙ୍କମାନେ ଅର୍ଥ ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛନ୍ତି । କୋଭିଡ୍-୧୯ ମୁକାବିଲାରେ ଜନସାଧାରଣଙ୍କୁ ସହଯୋଗ କରିବାକୁ ଆଗେଇ ଆସି ବ୍ୟାଙ୍କମାନେ ସମୟୋପଯୋଗୀ କର୍ତବ୍ୟ କରିଛନ୍ତି । କୃଷି ଉତ୍ପାଦନ କମିଶନର ରାଜ୍ୟକୁମାର ଶର୍ମା କୃଷି କ୍ଷେତ୍ରରେ ହିତାଧିକାରୀ ଏବଂ ଭାଗଚାଷୀମାନଙ୍କୁ ଚିହ୍ନଟ କରି ଋଣ ଯୋଗାଇ ଦେବା ପାଇଁ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେଇଥିଲେ । କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ଶସ୍ୟ ଋଣ ପ୍ରଦାନ କ୍ଷେତ୍ରରେ ରବି ଶସ୍ୟ ଋଣ କ୍ଷେତ୍ରର ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇଥିବାବେଳେ ଆସନ୍ତା ଖରିଫ୍‌ରେ ୨୦୨୧ରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ ହୋଇପାରିବ ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଏବଂ ବଳରାମ ଯୋଜନାରେ ଚାଷୀମାନଙ୍କୁ ଋଣ ସହାୟତା ଯୋଗାଇ ଦେବା ପାଇଁ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀମାନଙ୍କୁ ଦୃଷ୍ଟି ଦେବାକୁ କହିଥିଲେ ।

ଆଜିର ଏହି ବୈଠକରେ ଯୋଗଦେଇ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଏ.କେ. ମୀନା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଏବଂ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ଠିକ୍ ସମୟରେ ଋଣ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ଗତ ୨୨ ତାରିଖରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ବ୍ୟାଙ୍କମାନଙ୍କୁ ଦେଇଥିବା ପରାମର୍ଶ ଆଧାରରେ ବ୍ୟାଙ୍କର୍ସମାନେ କାର୍ଯ୍ୟକରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ । ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟିର ସବ୍‌କମିଟିମାନେ ପ୍ରତି ଏସ୍‌ଏଲ୍‌ବିସି ବୈଠକ ବସିବା ପୂର୍ବରୁ ଋଣ ଯୋଗାଣ ସଂପର୍କରେ ତଦାରଖ କରିବା ଆବଶ୍ୟକ । ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ୯୦,୩୯୫.୬୯ କୋଟି ଟଙ୍କାର ବାର୍ଷିକ ଋଣ ପ୍ରଦାନ ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୨୦୨୦ ନଭେମ୍ବର ୩୦ ସୁଦ୍ଧା ୪୧,୨୨୭,୯୬ କୋଟି ଟଙ୍କାର ଋଣ ଲକ୍ଷ୍ୟ ହାସଲ ହୋଇଛି, ଯାହାକି ୪୫.୬୧ ପ୍ରତିଶତ । ମତ୍ସ୍ୟ ଚାଷ ଏବଂ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ରାଜ୍ୟରେ ବହୁ ସମ୍ଭାବନା ରହିଥିଲେ ମଧ୍ୟ ଏସବୁ କ୍ଷେତ୍ରରେ ଆବଶ୍ୟକୀୟ ଉନ୍ନତି ହୋଇପାରିନାହିଁ । ନଗଦ ଜମା ଅନୁପାତ କ୍ଷେତ୍ରରେ ପାଂଚଟି ଜିଲ୍ଲା ୬୦ ପ୍ରତିଶତ ଲକ୍ଷ୍ୟ ହାସଲ କରିଥିବାବେଳେ ଅନ୍ୟ ୯ଟି ଜିଲ୍ଲା ୪୦ ପ୍ରତିଶତରୁ କମ୍ ଲକ୍ଷ୍ୟ ହାସଲ କରିଛନ୍ତି । ଏ ଦିଗରେ ସେମାନେ ବିହିତ ପଦକ୍ଷେପ ନେଇ ନଗଦ ଜମା ଅନୁପାତ ବୃଦ୍ଧି ପାଇଁ ଚେଷ୍ଟା କରନ୍ତୁ । ଷ୍ଟାଣ୍ଡ ଅପ୍ ଇଣ୍ଡିଆ ମାର୍ଗଦର୍ଶିକା ଅନୁଯାୟୀ ପ୍ରତି ସିଡ୍ୟୁଲ୍ ବ୍ୟାଙ୍କ ଜଣେ ଜଣେ ଅନୁସୂଚିତ ଜନଜାତି/ଅନୁସୂଚିତ ଜାତିର ମହିଳାଙ୍କୁ ଋଣଯୋଗାଇ ଦିଅନ୍ତୁ । ଏ କ୍ଷେତ୍ରରେ ସବୁ ଆବେଦନକାରୀଙ୍କ ଦରଖାସ୍ତ ଗ୍ରହଣ କରି ଋଣ ଯୋଗାଇ ଦେବା ପାଇଁ ବ୍ୟାଙ୍କମାନଙ୍କୁ ପ୍ରମୁଖ ଶାସନ ସଚିବ ଶ୍ରୀ ମୀନା ପରାମର୍ଶ ଦେଇଥିଲେ ।

ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ କହିଥିଲେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ରାଜ୍ୟ କିଛି ସଫଳତା ପାଇଥିଲେ ମଧ୍ୟ ସଂପୂର୍ଣ୍ଣ ଲକ୍ଷ୍ୟ ହାସଲ ହୋଇନାହିଁ । ଦକ୍ଷିଣାଂଚଳର ଜିଲ୍ଲାମାନଙ୍କୁ ବ୍ୟାଙ୍କମାନେ ବିଶେଷ ଭାବେ ଦୃଷ୍ଟି ଦେବା ପାଇଁ ସେ ପ୍ରକାଶ କରିବା ସଙ୍ଗେ ସଙ୍ଗେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ଅଧିକା ହିତାଧିକାରୀମାନଙ୍କୁ ସାମିଲ କରିବା ପାଇଁ ବ୍ୟାଙ୍କଗୁଡ଼ିକର ଦୃଷ୍ଟି ଆକର୍ଷଣ କରିଥିଲେ । ମିଶନ ଶକ୍ତି ନିର୍ଦ୍ଦେଶିକା ସୁଜାତା କାର୍ତିକେୟନ ବୈଠକରେ ଉପସ୍ଥିତ ରହି କହିଥିଲେ ଗ୍ରାମ୍ୟ ଅର୍ଥନୀତିର ବିକାଶରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ସକ୍ରିୟ କାର୍ଯ୍ୟ କରିଆସୁଛନ୍ତି ।

# ସାଂସଦ ଅପରାଜିତାଙ୍କ ୱାର୍ଡ଼ ପରିକ୍ରମା



ଭୁବନେଶ୍ୱର,୨୯।୧୨ (ନି.ପ୍ର): ୱାର୍ଡ଼ ନଂ-୫୭, ପାଣ୍ଡବ ନଗର (ଗୁମ୍ଫା) ବରଗଡ଼ ବ୍ରିଟ କଲୋନୀରେ ମାନସ ଦାସ ଓ ବିନ୍ଦୁ ବଳିଆରସିଂଙ୍କ ସହଯୋଗରେ ସୁଜିତ ଜେନା, ଦେବାଶିଷ ନାୟକଙ୍କ ନେତୃତ୍ୱରେ ସାଂସଦ ଅପରାଜିତ ଷଡ଼ଙ୍ଗୀ ୱାର୍ଡ଼ ପରିକ୍ରମା କରିଥିଲେ । ଏଥି ସହିତ ୱାର୍ଡ଼ର ବିଭିନ୍ନ ସମସ୍ୟା ବୁଝିବା ସହିତ ପୋଷ୍ଟ ଅଫିସ୍ ଗୃହ ନିର୍ମାଣ କରିବା, ଖେଳ ପଡ଼ିଆ, ଏସ୍.ସି/ଏସ୍‌ଟି ମହିଳା ଗ୍ରୁପ ତିଆରି କରିବା ସହ ମୁଖ୍ୟ ନଳା ପ୍ରଶସ୍ତି କରଣ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ ୱାର୍ଡ଼ର ବିଭିନ୍ନ ଉନ୍ନୟନ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଓ ସଂଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଲେ ।

# ୪୦.୬ ଲିଟର ମଦ ଜବତ : ୬ ଗିରଫ

## ୩୮ ହଜାର ଟଙ୍କା ଜୋରିମାନା ଆଦାୟ

ଗଞ୍ଜାମ,୨୯।୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୋଲିସ ପକ୍ଷରୁ ଗତ ୨୭ ତାରିଖ ସକାଳ ଠାରୁ ୨୮ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ କୋଭିଡ୍ କଟକଣା ଉଲ୍ଲଘଂନକାରୀ, ବେପରୁଆ ଗାଡି ଚାଳକ ଓ ବେଆଇନ ମଦ କାରବାର ଉପରେ ଚଢ଼ଉ କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଘଂନ କରିଥିବା ବେପରୁଆ ଗାଡ଼ି ଚାଳକଙ୍କ ଠାରୁ ୩୮ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଅନୁରୂପ ଭାବେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ମଦ ବ୍ୟବସାୟୀଙ୍କ ଉପରେ ଚଢ଼ଉ କରାଯିବା ସହିତ ଏସବୁ ସ୍ଥାନରୁ ୪୦.୬ ଲିଟର ମଦ ଜବତ ହୋଇଛି । ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଛି । ଏ ସଂକ୍ରାନ୍ତରେ ପୃଥକ୍ ପୃଥକ୍ ୬ଟି ଅବକାରୀ ମାମଲା ଥାନାରେ ରୁଜୁ କରାଯାଇଛି । ଏହା ବ୍ୟତୀତ ପୋଲିସ ପକ୍ଷରୁ ଚଢ଼ଉ କରାଯାଇ ୩୦ ହଜାର ଗଞ୍ଜେଇ ଗଛ କାଟି ନଷ୍ଟ କରାଯାଇଛି । ଏ ସଂକ୍ରାନ୍ତରେ ଏନଡିପିଏସ ଆକ୍ଟରେ ଏକ ମାମଲା ରୁଜୁ କରାଯାଇଛି ।

# ଯମଧର ସୋସାଇଟିରେ ଜିଲ୍ଲା ସ୍ତରୀୟ ଧାନ ମଣ୍ଡି ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,୨୯।୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ନିୟନ୍ତ୍ରିତ ବଜାର କମିଟି ମୁଖ୍ୟ କାର୍ଯ୍ୟାଳୟ ପରିସର ରେ ଜିଲ୍ଲା ସ୍ତରୀୟ ଧାନକ୍ରୟ ମଣ୍ଡି ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାପାଳ ସମର୍ଥ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ପ୍ରଶାସନର ନିଷ୍ପତି କ୍ରମେ ୨୦୨୦-୨୧ ନିମନ୍ତେ ଜିଲ୍ଲା ଯୋଗାଣ ବିଭାଗ ଜରିଆରେ ୧୧୮ ଗୋଟି କୃଷି ପ୍ରାଥମିକ ସମବାୟ ସମିତି ମାଧ୍ୟମରେ ଧାନକ୍ରୟ ମଣ୍ଡିମାନ ଖୋଲା ଯାଇଅଛି । ସଂପୃକ୍ତ ଅଂଚଳର ଚାଷୀମାନେ ଟୋକନ ସଂଗ୍ରହ କରି ଧାନ ବିକ୍ରୟ କରି ପାରିବେ । ଏହି ମଣ୍ଡିରେ ପ୍ରଥମ କରି ୨୧ ଜଣ ଚାଷୀ ଟୋକନ ହାସଲ କରି ଧାନ ବିକ୍ରୟ କରିଥିଲେ ।

# ଉଠା ଦୋକାନୀ ୱେଲ୍‌ଫେୟାର ବୋର୍ଡ଼ ଗଠନ ପାଇଁ ସରକାରଙ୍କ ପାଖରେ ପ୍ରସ୍ତାବ ଦିଆଯିବ : ଅନନ୍ତ ନାରାୟଣ ଜେନା

ଭୁବନେଶ୍ୱର,୨୯।୧୨ (ନି.ପ୍ର): ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ସୁରକ୍ଷା ଟ୍ରଷ୍ଟର ବାର୍ଷିକ ଉତ୍ସବ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ବ । ସ ଭ ବ ନ ରେ ମହାସମାରୋହରେ ପାଳିତ ହୋଇଯାଇଛି । ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ପ୍ରତାପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମଧ୍ୟ ବିଧାୟକ ଅନନ୍ତ ନରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କେକ୍ କାଟିବା ସହିତ ଉଠାଦୋକାନୀମାନଙ୍କୁ ବହୁ ଗୁରୁତ୍ୱପୂର୍ଣ୍ଣ ଉପଦେଶ ଦେଇଥିଲେ । ଶ୍ରୀ ଜେନା କହିଲେ ଯେ, ରାଜ୍ୟ ସରକାର ପ୍ରଥମ କରି ଉଠାଦୋକାନୀମାନଙ୍କୁ ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ କରିବା ସହ ଅଧିକ ଭେଣ୍ଡିଂଜୋନ ତିଆରି କରିବା, ସମସ୍ତ ଉଠାଦୋକାନୀମାନଙ୍କୁ ଥଇଥାନ କରଯିବ ଏବଂ ଉଠାଦୋକାନୀ ୱେଲଫେୟାର ବୋର୍ଡ଼ ଗଠନ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ପ୍ରସ୍ତାବ ଦିଆଯିବ । ଏଥି ସହିତ ସମସ୍ତ ଉଠାଦୋକୀମାନେ ଯେପରି 'ଲେଟର ଅଫ ରେକୋମଣ୍ଡେସନ' ପାଇପାରିବେ, ସେ ବିଷୟରେ ବିଏମ୍‌ସି କମିଶନରଙ୍କ ସହିତ ଆଲୋଚନା କରାଯିବ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମୋ ପରିବାରର ରାଜ୍ୟ ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର, ପୂର୍ବତନ କର୍ପୋରେଟର ନବକିଶୋର ବେହେରା, ଧନେଶ୍ୱର ବାରିକ, ସୁରେଶ ପଟ୍ଟନାୟକଙ୍କ ସମେତ ୯୦ଟି ସଂଗଠନର କର୍ମକର୍ତାମାନେ ଯୋଗ ଦେଇଥିଲେ ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବିଜ୍ଞାପନରେ ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ପ୍ରତାପ ଷଡଙ୍ଗୀ

ଭୁବନେଶ୍ୱର,୨୯।୧୨ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ 'ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା'ର ବିଜ୍ଞାପନ ବିଷୟବସ୍ତୁରେ ଆବଶ୍ୟକୀୟ ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖିଛନ୍ତି । ଏ ନେଇ ସେ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ସେ ମୁଖ୍ୟମନ୍ତ୍ରୀଙ୍କ ପତ୍ର ଦ୍ୱାରା ଅନୁରୋଧ କରୁଛନ୍ତି ଯେ କେନ୍ଦ୍ର ସରକାରଙ୍କ ଆନୁପାତିକ ଅଂଶ ସହିତ 'ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା'ର ବିଜ୍ଞାପନ ବିଷୟବସ୍ତୁରେ ଆବଶ୍ୟକୀୟ ସଂଶୋଧନର ନିହାତି ଆବଶ୍ୟକତା ରହିଛି । ଏକ ବିରାଟ ବିଭ୍ରାନ୍ତିକର ବିଜ୍ଞାପନ ପାଇଁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ସଂପୃକ୍ତ ଅଧିକାରୀଙ୍କୁ ଆପଣ ନିଶ୍ଚିତ ଭାବେ ଏହି ଭୁଲର ସଂଶୋଧନ ନିମନ୍ତେ ନିର୍ଦ୍ଦେଶନାମା ଜାରି କରିବେ ବୋଲି ତାଙ୍କର ଦୃଢ ଆଶା ଓ ବିଶ୍ୱାସ ଅଛି । ପ୍ରଧାନମନ୍ତ୍ରୀ ମୋଦି ୨୦୨୨ ସୁଦ୍ଧା 'ସମସ୍ତଙ୍କ ପାଇଁ ଗୃହ'ର ଯେଉଁ ପରିକଳ୍ପନା ରଖିଛନ୍ତି ଏହା ସାକାର କରିବାରେ ମୁଖ୍ୟମନ୍ତ୍ରୀଙ୍କର ବ୍ୟକ୍ତିଗତ ହସ୍ତକ୍ଷେପ ଏବଂ ବିଭାଗୀୟ ସମନ୍ୱୟ ପାଇଁ ସେ ଶ୍ରୀ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି ।

# ଭୁବନ-ଢେଙ୍କାନାଳ ପୂର୍ତ୍ତବିଭାଗ ରାସ୍ତାରେ ବେଆଇନ ହମ୍ପ୍‌ସ ଯୋଗୁଁ ଦୁର୍ଘଟଣା ବୃଦ୍ଧି

ଭୁବନ,୨୯।୧୨ (ନି.ପ୍ର): ଭୁବନରୁ କପିଳାସ ଦେଇ ଜିଲ୍ଲା ହେଡକ୍ୱାଟର ଢେଙ୍କାନାଳକୁ ସଂଯୋଗ କରୁଥିବା ପୂର୍ତ ବିଭାଗ ରାସ୍ତାରେ ବେଆଇନ ହମ୍ପ୍‌ସ ଯୋଗୁଁ ଦୁର୍ଘଟଣା ବୃଦ୍ଧି ପାଉଛି । ବେଆଇନ ହମ୍ପ୍‌ସ ଯୋଗୁଁ ବାଇକ ଆରୋହୀ, କାର, ବସ ଚାଳକ ଙ୍କ ସମେତ ଜନସାଧାରଣ ମଧ୍ୟ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି । ଭୁବନରୁ ଢେଙ୍କାନାଳ ସମୁଦାୟ ୪୫ କିମ ରାସ୍ତାରେ ହାରାହାରି ୯୦ ଟି ବେଆଇନ ହମ୍ପ୍‌ସ ନିର୍ମାଣ ହୋଇଛି । ବିଶେଷ କରି ମନ୍ଦାର, ଷଡଙ୍ଗୀ,ଗଁନ୍ଦିଆ,କାଇମାଟି ରେ ଅତ୍ୟଧିକ ବେଆଇନ ହମ୍ପ୍‌ସ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ରାସ୍ତାକଡ ଦୋକାନୀ ଓ ଘର ମାଲିକ ରାତାରାତି ନିଜ ଦୋକାନ/ଘର ସାମନାରେ ଆଣ୍ଠୁଏ ଉଚ୍ଚାର ହମ୍ପ୍‌ସ ତିଆରି କରିଦେଉଛନ୍ତି । ଫଳରେ ପଥଚାରୀ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ହମ୍ପ୍‌ସ ଗୁଡିକରେ କୌଣସି ସତର୍କ ସୂଚନା ଦିଆଯାଉନଥିବାରୁ ଲୋକମାନେ ଦୁର୍ଘଟଣାର ଶୀକାର ମଧ୍ୟ ହେଉଛନ୍ତି । ଗତ ମାସକ ପୂର୍ବେ ରାଜ୍ୟପାଳ ବିଶ୍ୱପ୍ରସିଦ୍ଧ ମହିମାଗାଦି ଯୋରନ୍ଦା କୁ ଆସିଥିବା ବେଳେ ଢେଙ୍କାନାଳରୁ ଯୋରନ୍ଦା ପର୍ଯ୍ୟନ୍ତ ରାତାରାତି ସମସ୍ତ ହମ୍ପ୍‌ସକୁ ଉଠାଇ ଦିଆଯାଇଥିଲା । ବର୍ତମାନ ପୁଣି ବେଆଇନ ହମ୍ପ୍‌ସ ନିର୍ମାଣ ହୋଇଛି,ଏଥିଯୋଗୁଁ ଜନଅସନ୍ତୋଷ ଦେଖାଦେଇଛି । ବାରମ୍ବାର ଅଭିଯୋଗ ସତ୍ୱେ ବିଭାଗୀୟ ଅଧିକାରୀ ଏଥିପ୍ରତି ନଜର ଦେଉନଥିବାରୁ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ପୂର୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ବେଆଇନ ହମ୍ପ୍‌ସ ଉଚ୍ଛେଦର ବ୍ୟବସ୍ଥା କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।

# ଯୋଗ ଦେଲେ ରାଉରକେଲା ନୂଆ ଏସପି

ରାଉରକେଲା,୨୯।୧୨ (ନି.ପ୍ର): ନିକଟରେ ରାଜ୍ୟ ସରକାର ଆଇପିଏସ ମାନଙ୍କର ବଦଳି କରିଥିବା ବେଳେ ରାଉରକେଲା ଏସପି ଭାବେ ମୁକେଶ କୁମାର ଭାମୋଙ୍କୁ ରାଉରକେଲା ବଦଳି କରିଥିଲେ । ସେ ରାଉରକେଲାରେ ଗତ ଶନିବାର ପହଁଚି ସମସ୍ତ କଥା ବୁଝିବା ପରେ ପୁର୍ନତନ ଏସପି କେ ଶିବା ନିଜ ଦାୟିତ୍ୱ ଦେଇଥିବା ଅତିରିକ୍ତ ଏସପିଙ୍କ ଠାରୁ ରବିବାର ଦିନ ଦାୟିତ୍ୱ ନେଇଥିବା ଖବର ମିଳିଛି ।ଏହାପରେ ସେ ପୁଲିସ ବିଭାଗ ପକ୍ଷରୁ ହେଉଥିବା ଆଇପିଏସ ସମ୍ମିଳନୀ ମଧ୍ୟ ଭିଡିଓ କନଫରେନ୍ସ ରେ ଭାଗନେଇଥିବା ଜଣାପଡିଛି । ରାଉରକେଲା ରେ ମାତ୍ର ୭ମାସ,୧୨ମାସ,୧୫ ମାସରେ ଏସପି ମାନଙ୍କର ବଦଳି ହେବା ଓ୪ବର୍ଷରେ ୩ଏସପି ଜିବା ନେଇ ଅନେକ କଥା ଆଲୋଚନା ହେଉଥିବା ବେଳେ ଏଠାରେ ପେଟ୍ରୋଲିଂ ନହେବା ଥାନା ଗୁଡିକ ଏକ ପ୍ରକାର ନିୟନ୍ତ୍ରଣ ବାହାରକୁ ଚାଲିଜିବା,ଲୋକ ସଂପର୍କ ନରହିବା,ଆସୁଥିବା ଏସପି ମାନେ ସ୍ଥାନୀୟ ପୁଲିସି ବିଷୟରେ ବାହାରୁଥିବା ଖବରକୁ ଭାଷା ।ଗତ ସମସ୍ୟା ଲାଗି ପଢିନପାରିବା ଓ କେତେକ ସ୍ୱାର୍ଥ ପର ଦୁର୍ନୀତି ଖୋର ଅଫିସରଙ୍କ କଥାରେ ବାବୁ ମାନେ ଚାଲିବା ଭଳି ସମସ୍ୟା ଲାଗି ବାରମ୍ବାର ଏଭଳି ବଦଳି ହେଉଥିବା ନେଇ ଆଲୋଚନା ଚାଲିଛି । ରାଜ୍ୟ ସରକାର ଙ୍କ ଆମ ପୁଲିସି ବ୍ୟବସ୍ଥା ଏଠାରେ ପୁରା ଫେଲ ମାରିଛି ବୋଲି କହିଲେ ଅତ୍ୟକ୍ତ ହେବ ନାହିଁ । ବଡ କତା ହଲେ କିଛି ଥାନା ବାବୁ ଏତେ ନିର୍ଭୟ ହୋଇଗଲେ ଯେ ସଂଧ୍ୟା ୭ଟା ପରେ ଥାନା ଗୁଡିକୁ କୁଆଡେ ରଂଗୀନ ବାର ରେ ପରିଣ କରିବା ଖବର ବେଶ ଚର୍ଚ୍ଚାର ବିଷୟ ହୋଇଗଲା । ତେବେ ନୁତନ ଏସପି ଜଣେ ପାରିବାର ଅଫିସର ବୋଲି କୁହାଯାଉଛି, ଦେଖାଯାଉ ସମୟ ଅନୁଶାରେ କେଉଁ ପାଣି କୁଆଡକୁ ଯାଉଛି ତାହା ସମୟହିଁ କହିବ ।

## ବିନା ନୋଟିସ୍‌ରେ ସର୍କଲଚେକର ମାନଙ୍କ ଦରମା କାଟ୍ ଘଟଣା—

# ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଲା ସଂଘ

କନ୍ଧମାଳ,୨୯।୧୨ (ନି.ପ୍ର): କେନ୍ଦୁପତ୍ର କାର୍ଯ୍ୟରେ ସିଜିନାଲ କର୍ମଚାରୀ ମାନେ ସମସ୍ତ କାର୍ଯ୍ୟ ସମ୍ପାଦନ କରୁଥିଲେ ମଧ୍ୟ ଚଳିତ ଆର୍ଥିକ ବର୍ଷରେ ସେମାନଙ୍କ ପ୍ରତି ଅତ୍ୟନ୍ତ ଅନ୍ୟାୟ ଅବିଚାର କରାଯାଇଛି । ସରକାରଙ୍କୁ ଲାଭ ଦେଖାଇବା ପାଇଁ ଚେକର ମାନଙ୍କର ପ୍ରାପ୍ୟ ଦିଆଯାଉନାହିଁ । ଦରମା ପ୍ରଦାନ ପାଇଁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ଆଜି ପର୍ଯ୍ୟନ୍ତ ସଂଘର ଦାବିକୁ ଫୁଲବାଣୀ ବନଖଣ୍ଡ ଅଧିକାରୀ କୌଣସି ପ୍ରକାର ଗୁରୁତ୍ୱ ଦେଇ ନାହାନ୍ତି । ଗତ ୨୪.୧୧.୨୦୨୦ ରିଖରେ ସର୍କଲ ଚେକର ମାନଙ୍କର କାଟିଥିବା ଦରମା ୨୦ ଦିନ ମଧ୍ୟରେ ଦେବାପାଇଁ ସମସ୍ତ ସର୍କଲ ଚେକର ମାନଙ୍କ ପକ୍ଷରୁ ଦାବି କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଅଧିକାରୀ ଏହାକୁ ଗୁରୁତ୍ୱ ଦେଇ ନାହାନ୍ତି । ଏଭଳି ସ୍ଥଳେ ଆସନ୍ତା ୧୫ ଦିନ ମଧ୍ୟରେ ବିଭିନ୍ନ ପଦବୀରେ କାର୍ଯ୍ୟ କରିଥିବା ସିଜନାଲ୍ ଷ୍ଟାଫ୍ ମାନଙ୍କ ପ୍ରାପ୍ୟ ପ୍ରଦାନ କରାନଯାଏ, ତାହାହେଲେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ କନ୍ଧମାଳ ଶାଖା ପକ୍ଷରୁ ଆସନ୍ତା ୨୮.୧୨.୨୦୨୦ ରିଖ ଠାରୁ ଦରମା ପାଇବା ପର୍ଯ୍ୟନ୍ତ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ରିଲେ ଅନଶନ କରାଯିବା ସହିତ ଆବଶ୍ୟକ ସ୍ଥଳେ ସଂଘ ପକ୍ଷରୁ ଅଫିସ୍ ଘେରାଉ କରାଯାଇ ଦରମା ଦିଆନଯିବା ପର୍ଯ୍ୟନ୍ତ ତାଲା ପକାଇ ଅଚଳ କରିଦିଆଯିବ ବୋଲି ଗତ ୧୪ ତାରିଖରେ ସଂଘ ପକ୍ଷରୁ ଲିଖିତ ଭାବେ ବନଖଣ୍ଡ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ବନଖଣ୍ଡ ଅଧିକାରୀ ସଂଘର କର୍ମକର୍ତା ମାନଙ୍କ ସହିତ ଆଲୋଚନା କରିବା ସହିତ ୧୫ ଦିନ ମଧ୍ୟରେ ଦାବି ପୂରଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ଯାହା ସମ୍ଭବ ତାହାକୁ ପୁରଣ କରିବା ସହିତ ଅନ୍ୟ ସମସ୍ତ ଦାବି ନେଇ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ଲିଖିତ ଭାବେ ଜଣାଇବା ପରେ ଆଜିଠାରୁ ଯେଉଁ ଆନ୍ଦୋଳନ ଡ଼ାକରା ଦିଆଯାଇଥିଲା ତାହାକୁ ସ୍ଥଗିତ ରଖାଗଲା ବୋଲି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଡ଼ିଭିଜନ୍ ସମ୍ପାଦକ ସରୋଜ କର୍ଣ୍ଣ ଏକ ପ୍ରେସ୍ ବିବୃତିରେ ଜଣାଯାଇଛନ୍ତି । ତେବେ ଯଦି ଲିଖିତ ପ୍ରତିଶ୍ରୁତି ଅନୁସାରେ ଦାବି ପୂରଣ ନହୁଏ ତାହାହେଲେ ସଂଘ ପକ୍ଷରୁ ପୂର୍ବ ନିଷ୍ପତି ପ୍ରକାରେ ଆନ୍ଦୋଳନ ଜାରି ରହିବ ବୋଲି ମଧ୍ୟ ସତର୍କ କରାଇଛନ୍ତି ।

# ଜୟପୁରରେ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

ଜୟପୁର,୨୯।୧୨ (ନି.ପ୍ର): ଜୟପୁର ଜିଲା କଂଗ୍ରେସ ଭବନ ଠାରେ ଆଜି କଂଗ୍ରେସର ପ୍ରତିଷ୍ଠା ଦିବସ ପାଳନ ହୋଇଛି । ଜିଲା କଂଗ୍ରେସ ଭବନ ଠାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ପତକା ଉତୋଳନ କରିଥିବା ବେଳେ ମହାତ୍ମଗାନ୍ଧୀ ଙ୍କ ଫଟୋଚିତ୍ର ରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଉଦବୋଧନ ଦେଇ ବିଧାୟକ ବାହିନିପତି ରାଜ୍ୟ ଓ କେନ୍ଦ୍ର ଉପରେ ମଧ୍ୟ ବର୍ଷିଥିଲେ । କେନ୍ଦ୍ର ସରକାର କୃଷି ମାରଣ ବିଲ ପ୍ରଣୟନ କରିଥିବାରୁ ଆଗାମୀ ଦିନରେ ଚାଷିଙ୍କୁ ନେଇ ଆନ୍ଦୋଳନ ହେବ ବୋଲି କହିଥିଲେ । ଦେଶ ଓ ରାଜ୍ୟ ଯାହାବି ବିକାଶ ହୋଇଛି ତାହା କଂଗ୍ରେସ ଅମଳରେ ହିଁ ହୋଇଛି । ରାଜ୍ୟ ସରକାର ନିବାଚନ ସମୟରେ ୨ ଲକ୍ଷ ବେକାରିଙ୍କୁ ନିଯୁକ୍ତି ଦେବା କଥ ଘୋଷଣା କରିଥିଲେ କାହିଁ ସେ ସେ ନିଯୁକ୍ତି ବୋଲି ବିଧାୟକ ବାହିନିପତି ପ୍ରଶ୍ନ କରିଥିଲେ । ରାଜ୍ୟରେ ପିଅନ ଠାରୁ ଆରମ୍ଭ କରି ଶିକ୍ଷକ, ଡାକ୍ତର, ଯନ୍ତ୍ରୀ ସବୁ ପଦ ପଦବୀ ଖାଲି ପଡିଛି । ସବୁ ଆଉଟ ସୋର୍ସିଙ୍ଗରେ ଚାଲିଛି । ବିଧାୟକ ବାହିନିପତି କହିଥିଲେ ଯେ ଜୟପୁର ର ବିକାଶ ଜାରୀ ରହିଛି । ବୋରିଗୁ ?ମା ଏନଏସିର ମାନ୍ୟତା ଶେଷ ପଯ୍ୟାୟରେ ପହଂଚିଛି । ଜୟପୁର ରେ ଆଇଟି ପାର୍କ, ସାଇନସ୍ ପାର୍କ କାଯ୍ୟ ଜାରି ରହିଛି । ଭିଡି କଲେଜ କୁ ବିଶ୍ୱାବିଦ୍ୟାଳୟ କରିବା ଉଦ୍ୟମ ଜାରି ରହିଛି । ତାହା ମଧ ହେବ । ସହରର ରାସ୍ତା, ଘାଟର ବିକାଶ ହେବାକୁ ଯାଉଛି ।

ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ବିଧାୟକ ହେବା ପୁବରୁ ଜୟପୁର ଉପଖଣ୍ଡ ଚିକିତ୍ସାଳୟରେ ୮ ରୁ ୯ ଜଣ ଡାକ୍ତର ଥିବା ବେଳେ ଏବେ ଜିଲା ଚିକିତ୍ସାଳୟ କରାଯାଇ ୪୦ ଜଣ ଡାକ୍ତର ଅଛନ୍ତି । ଏହା ସହ ନୁତନ ଚିକିତ୍ସାଳୟ ବିଲିଡିଙ୍ଗ ମଧ କାଯ୍ୟ ଆରମ୍ଭ ହେବ । ବିକ୍ରମ ଦେବ କଲେଜରେ ୪ ଟି ପିଜି ପାଠ୍ୟକ୍ରମ ଥିବା ବେଳେ ଏବେ ୧୨ରୁ ଅଧିକ ପିଜି ପାଠ୍ୟକ୍ରମ ଖୋଲାଯାଇଛି । କଲେଜର ଓଭର ବ୍ରିଜ କାଯ୍ୟ ଆରମ୍ଭ ହୋଇଛି । କଲେଜ ଲାବ୍ରାରି ଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ବିକାଶ ହୋଇଛି ବୋଲି ବାହିନିପତି କହିଛନ୍ତି । ଜିଲା କଂଗ୍ରେସର ଆହ୍ୱାନରେ ଆୟୋଜିତ କାଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ମଦନ ନାୟକ ସଭାପତିତ୍ୱ କରିଥିବା ବେଳେ, ଦୁର୍ଗା ସଙ୍କର ସାହୁ, ଶିବ ପଟ୍ଟନାୟକ, ହସନ ମଦାନି, ରାମ ନାୟକ ଜିଲା ମହିଳା ସଭାନେତ୍ରୀ ନଳିନି ରଥ, ଜିଲା ଯୁବ ସଭାପତି ସୁକାନ୍ତ ପଟ୍ଟନାୟକ, ବ୍ରଜ ନାଗ, କାନ୍ତ ପାଢୀ, ପ୍ରଫୁଲ ଭତ୍ରା ,ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଆଜିର ଦିବସ ଉପରେ ମତବ୍ୟକ୍ତ କରିଥିଲେ ।

# ୧୩୬ତମ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ : କଂଗ୍ରେସ ଏକ ଦଳ ନୁହେଁ ଏକ ବିଚାରଧାରା

ଭଦ୍ରକ,୨୯।୧୨ (ନି.ପ୍ର): ଭାରତର ସର୍ବପୁରାତନ ରାଜନୈତିକ ଦଳ କଂଗ୍ରେସ ଦଳର ୧୩୬ତମ ପ୍ରତିଷ୍ଠା ଦିବସ ଆଜି ଭଦ୍ରକ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବର ପ୍ରାରମ୍ଭରେ କାର୍ଯ୍ୟାଳୟ ପରିସରରେ ଦଳୀୟ ପତାକା ଶ୍ରୀ ଦାସ ଉତୋଳନ କରିଥିଲେ । ପରେ କେକ୍ କଟାଯାଇ ବ ନ ହେବା ପରେ ସଭାକାର୍ଯ୍ୟ ଓ ଆଲୋଚନଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଉଦ୍‌ବୋଧନ ଦେଇ ଶ୍ରୀ ଦାସ କହିଥିଲେ କି ୧୮୮୫ ମସିହା ଆଜିର ଦିନରେ ମାତ୍ର ୧୨ଜଣଙ୍କୁ ନେଇ ଗଠିତ ହୋଇଥିବା ଦଳ ଆଜି ଦେଶର ସର୍ବ ବୃହତ ଦଳ ହୋଇ ରହିଛି । ଏହି ଦଳର ସୁରକ୍ଷା, ଶକ୍ତି ବୃଦ୍ଧି ପାଇଁ ସମସ୍ତଙ୍କର ପ୍ରଗାଢ ପରିଶ୍ରମର ଫଳ ଆଜି ଆମ୍ଭମାନଙ୍କ ଆଗରେ ରହିଛି । ଯେଉଁ ମହାମନିଷୀମାନେ ଦେଶ ରକ୍ଷାର ଚିନ୍ତାଧାରା ନେଇ ଦଳ ଗଠନ କରିଥିଲେ ସେହିମାନେ ଆମ୍ଭମାନଙ୍କର ଚିର ନମସ୍ୟ । ସେହିମାନଙ୍କ ସ୍ୱପ୍ନକୁ ସାକାର କରିବା କଂଗ୍ରେସ ଦଳର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । କଂଗ୍ରେସ ଏକ ଦଳ ନୁହେଁ ଏକ ପରିବାର । ଆମେ ସମସ୍ତେ ଗୋଟିଏ ପରିବାରର ସଦସ୍ୟ । ଦଳର ମୁଖ୍ୟ ପରିବାର ମୁଖ୍ୟ ସଦୃଶ । କଂଗ୍ରେସ ଏପରି ଏକ ଦଳ ଯେଉଁ ଦଳ କି ପରିବାରର ମୁଖ୍ୟ ନିର୍ଦ୍ଦେଶରେ ପରିଚାଳିତ ହୋଇଥାଏ । ସେଥିଲାଗି ଏହି ଦଳର ଆଦର୍ଶ, ଚିନ୍ତାଧାରା, ବିଚାରଧାରା, ଶୃଙ୍ଖଳା ସବୁ କିଛି ଅନ୍ୟ ଦଳମାନଙ୍କ ଠାରୁ ଭିନ୍ନ ବୋଲି ଶ୍ରୀ ଦାସ କହିଥିଲେ । ଆଲୋଚନାରେ ଭାଗ ନେଇ ଭଦ୍ରକ ବିଧାନସଭା ନେତା ନଳିନୀକାନ୍ତ ମହାନ୍ତି କହିଥିଲେ ଯେ କଂଗ୍ରେସ ଭଳି ଏକ ସର୍ବପୁରାତନ ଦଳରେ ରହି କାର୍ଯ୍ୟ କରିବାର ଅର୍ଥ ନିଜକୁ ଭାଗ୍ୟବାନ ମନେ କରିବା । ଏହି ଦଳ ପ୍ରତି ଆନୁଗତ୍ୟର ଅର୍ଥ ଦେଶପ୍ରତି ଆନୁଗତ୍ୟ । ସେହିପରି ଏକ ସର୍ବପୁରାତନ ଦଳରେ ରହି ଦଳକୁ ସୁଦୃଢ କରିବା ଏହାର ସୁନାମକୁ ଅକ୍ଷୁଣ୍ଣ ରଖିବା ଆମ୍ଭ ସମସ୍ତଙ୍କର ମୂଳ ଧର୍ମ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ପଂଚାନନ ମଣ୍ଡଳ, ବରିଷ୍ଠ ସଦସ୍ୟ ଅବଦୁଲ ମୁକିତ ଖାଁ, ଦିଲିପ ନାୟକ, ପ୍ରଫୁଲ୍ଲ ସାମଲ, ଦେବେନ୍ଦ୍ର ମହାନ୍ତି, ନରନାରାୟଣ ଜେନା, ପଂଚାୟତିରାଜ ସଂଗଠନ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ଦାସ, ଟାଉନ ସଭାପତି ବିଜୟ ବାରିକ, ପୀତବାସ ଧଳ, ରତ୍ନାକର ବାରିକ, ତ୍ରୈଲୋଚନ ପଣ୍ଡା, ରବି ରାୟ, ସେକ୍ ପାପା, ସେକ୍ ଲାଲୁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ।

## ଜିଲ୍ଲାସ୍ତରୀୟ ଆଇ.ସି.ଟି ଓ ୫ଟି କମ୍ପ୍ୟୁଟରିକରଣ ସମୀକ୍ଷା

ଭଦ୍ରକ,୨୯।୧୨ (ନି.ପ୍ର): ଜିଲ୍ଲାରେ କାର୍ଯ୍ୟକ୍ଷମ ଥିବା ଆଇ.ସି.ଟି. ଓ ସରକାରଙ୍କ ୫ଟି ଯୋଜନା ଅନ୍ତର୍ଗତ କମ୍ପ୍ୟୁଟରିକରଣ କାର୍ଯ୍ୟର ସମୀକ୍ଷା ଜିଲ୍ଲାପାଳ ଡ. ଜ୍ଞାନ ଦାସଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି। ଓଡ଼ିଶା ସରକାରଙ୍କ ଉପମହାନିର୍ଦ୍ଦେଶକ ଓ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ ଅଧିକାରୀ କବିତା ରାୟ ଦାସ, ସହ ଉପ ମହାନିର୍ଦ୍ଦେଶକ ସାମ୍‌ସଦ୍ ଅହମ୍ମଦ ଖାନ୍ ଏହି ସମୀକ୍ଷା ବୈଠକରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ୫ଟି ଯୋଜନାରେ କମ୍ପ୍ୟୁଟରିକରଣ କାର୍ଯ୍ୟ ଆଇ.ସି.ଟି. (ଇନ୍‌ଫର୍‌ମେସନ କମ୍ୟୁନିକେସନ ଟେକ୍ନୋଲୋଜି) ମାଧ୍ୟମରେ ଲୋକମାନେ ଯେପରି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେ ଦିଗରେ ଦୃଷ୍ଟି ଦେବାକୁ କହିଥିଲେ। ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ବିଜୟ କୁମାର ମିଶ୍ର ସରକାରଙ୍କ ୫ଟି ଅଧିନରେ ଯେଉଁସବୁ ବିଭାଗ ରହିଛି, ସେହି ବିଭାଗମାନଙ୍କରେ ସାଧାରଣ ଲୋକ କରୁଥିବା ଅଭିଯୋଗ, ଆପତ୍ତି, ଆବେଦନ ଆଦିର ସ୍ଥିତି କିପରି ଘରେ ନିଜେ ଜାଣିବାକୁ ସକ୍ଷମ ହେବେ ସେ ଦିଗରେ ଇଣ୍ଟରନେଟ ମାଧ୍ୟମରେ ସମସ୍ତ ତଥ୍ୟ ଉପଲବ୍ଧ କରାଯାଉଛି। ଏହି ତଥ୍ୟକୁ ଜାଣିବାରେ ଜିଲ୍ଲାରେ ଚାଲିଥବା ଆଇ.ସି.ଟି.ର ବ୍ୟବହାର କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଏବଂ ଏହାର ନିରାକରଣ ସମ୍ପର୍କରେ ଜଣାଇଥିଲେ। ଆଗାମୀ ଦିନରେ ଲୋକେ ଆହୁରି ସୁବିଧାରେ କିପରି ଆଇ.ସି.ଟି. କମ୍ପ୍ୟୁଟରିକରଣ ବ୍ୟବସ୍ଥାର ସଦୁପଯୋଗ ହୋଇ ପାରିବ ସେ ଦିଗରେ ଧ୍ୟାନ ଦେବାକୁ ଅଧିକାରୀଗଣ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ବିପିୟୁଟି ଡ଼ିପ୍ଲୋମା ଛାତ୍ରସଂଘ

ଭୁବନେଶ୍ୱର,୨୯।୧୨ (ନି.ପ୍ର): ରାଜ୍ୟ କ୍ୟାବିନେଟରେ ସରକାରୀ ସ୍କୁଲ୍‌ରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆସନ୍ତା ଶିକ୍ଷାବର୍ଷ ଠାରୁ ଇଂଜିନିୟରିଂ ଓ ମେଡିକାଲ କଲେଜରେ ସଂରକ୍ଷଣ ଲାଗୁ କରିବା ନିଷ୍ପତିକୁ ଐତିହାସିକ ବୋଲି ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ପାର୍ଥସାରଥୀ ମୁଦୁଲି କହିଛନ୍ତି। ଏହା ଫଳରେଯେଉଁ ଗରିବ ପିଲାମାନେ 'ନିଟ୍' ଓ 'ଜେଇ' ପରୀକ୍ଷାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ ସେମାନେ ଏହା ଫଳରେ ଉପକୃତ ହୋଇପାରିବେ। ମଙ୍ଗଳବାର ଦିନ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ ଛକଠାରେ ବିଜୁ ଯୁବ ଛାତ୍ର ଜନତା ଦଳ ସହ ଓଡ଼ିଶା ବିପିୟୁଟି ଡ଼ିପ୍ଲୋମା ଛାତ୍ରସଂଘର କର୍ମକର୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

# କୋଭିଡ଼ ପର ସ୍ଥିତିର ସମୀକ୍ଷା କଲେ ପ୍ରମୁଖ ଶାସନ ସଚିବ

## ଭଦ୍ରକ ମେଡିକାଲ ମଧ୍ୟରେ ୩୨ ବେଡ କୋଭିଡ ହସ୍‌ପିଟାଲ କାର୍ଯ୍ୟକ୍ଷମ

ଭଦ୍ରକ,୨୯।୧୨ (ନି.ପ୍ର): ଭଦ୍ରକ ଜିଲ୍ଲାରେ କୋଭିଡ଼ ପରବର୍ତ୍ତୀ ସ୍ଥିତିର ସମୀକ୍ଷା ପାଇଁ ଭଦ୍ରକ ଜିଲ୍ଲା କୋଭିଡ଼ ପରିଚାଳନାର ପ୍ରମୁଖ ଦାୟିତ୍ୱରେ ଥିବା ରାଜ୍ୟ ବାଣିଜ୍ୟ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢୀ ଆଜି ଭଦ୍ରକ ଗସ୍ତରେ ଆସିଥିଲେ। ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସମୀକ୍ଷା ବୈଠକରେ ଯୋଗ ଦେଇ କୋଭିଡ଼ ନିୟନ୍ତ୍ରଣାଧୀନ ହୋଇଥିବା ବେଳେ ଏହା ପରବର୍ତ୍ତୀ ଜୀବନଜୀବିକା କିପରି ଚାଲିଛି ସେ ନେଇ ପଚାରି ବୁଝିଥିଲେ। ଭଦ୍ରକରେ କୋଭିଡ ହସ୍‌ପିଟାଲ ଥିବା ସାଳନ୍ଦୀ




ହସ୍‌ପିଟାଲକୁ ବନ୍ଦ କରାଯାଇ ଏକ ୩୨ ଶଯ୍ୟା ବିଶିଷ୍ଟ କୋଭିଡ ହସ୍‌ପିଟାଲ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟକ୍ଷମ ହୋଇଥିବା ନେଇ ସନ୍ତୋଷ ପ୍ରକଟ କରିଥିଲେ। କୋଭିଡ଼ ପରେ ଲୋକେ ଯେପରି ସ୍ୱାଭାବିକ ଜୀବନ ଜୀବିକାକୁ ଫେରି ପାରି ସେ ନେଇ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକର ସଫଳ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାର କୃଷି ଉତ୍ପାଦନ ବୃଦ୍ଧି, ଛତୁଚାଷ, ମାଛ ଚାଷ, କୁକୁଡା ଚାଷ, କୃଷି ଉଦ୍ୟୋଗରେ ଚାଷୀଙ୍କୁ ଋଣ ଯୋଗାଣ, ମନରେଗା ମାଧ୍ୟମରେ ଅଧିକ ଶ୍ରମଦିବସ ସୃଷ୍ଟି କରି ଅଧିକରୁ ଅଧିକ ଶ୍ରମିକଙ୍କୁ କାର୍ଯ୍ୟ ଯୋଗାଇବା ଉପରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ବଳରାମ ଯୋଜନାରେ ଭାଗଚାଷୀମାନଙ୍କୁ ପ୍ରୋତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ। ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ କାର୍ଯ୍ୟକୁ ଆଗେଇ ନେବାକୁ ପ୍ରମୁଖ ଶାସନ ସଚିବ ଶ୍ରୀଯୁକ୍ତ ପାଢୀ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ର, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ମୟୂରଭଞ୍ଜ ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ !

ବାରିପଦା,୨୯।୧୨ (ନି.ପ୍ର): ରାଜ୍ୟରେ ସରକାରୀ ହାଇସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ଦିନ ରାଜ୍ୟ କ୍ୟାବିନେଟ୍ ବୈଠକରେ ମୁର କରାଯାଇଅଛି। ଏହା ଫଳରେ ରାଜ୍ୟର ସରକାରୀ ବିଦ୍ୟାଳୟରେ ପଢୁଥିବା ଲକ୍ଷଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହେବା ସହିତ ଗ୍ରାମାଂଚଳ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି ହେବ। ଓଡିଶାର ଲୋକପ୍ରୀୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଏହି ପଦକ୍ଷେପକୁ ଦୃଢ ସମର୍ଥନ ଜଣାଇବା ପାଇଁ ଆଜି ମୟୂରଭ ବିଜୁ ଯୁବ ଜନତା ଦଳ ସଭାପତି ଅରୁଣ



ବରାଡ ଓ ଛାତ୍ର ସଭାପତି ସୁନୀଲ ନାୟକଙ୍କ ନେତୃତ୍ୱରେ ଶତାଧିକ ଯୁବ ଛାତ୍ର ଛାତ୍ରୀ ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ଜୁନିୟର କଲେଜ ସମ୍ମୁଖରେ ଏକତ୍ରୀତ ହୋଇ ସମର୍ଥନ ଜ୍ଞାପନ ପୂର୍ବକ ପ୍ରଦର୍ଶନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ ସମ୍ପାଦକ ରାଜୀବ ଜେନା ଜୋନାଲ ଛାତ୍ର ସଭାପତି ଅବଦୁଲ ହବୀବ, ରାଜ୍ୟ ଛାତ୍ର ସମ୍ପାଦକ ରାଜୀବ ଜେନା, ଜୋନାଲ ଛାତ୍ର ସଭାପତି ଅବଦୁଲ ହବିବ, ରାଜ୍ୟ ଛାତ୍ର ସଂପାଦକ ଅଭୟ ସିଂ ଓ ଦିବ୍ୟବ୍ରତ ମହାନ୍ତି, ଜିଲ୍ଲା ଯୁବ ସମ୍ପାଦକ ଗୋବିନ୍ଦ ବେହେରା, ମଙ୍ଗଳ ସିଂ,ଲକ୍ଷ୍ମଣ ମାରାର୍ଣ୍ଡି, ସଂଜୀବ ପ୍ରଧାନ, ମନୋରଂଜନ ମୁଖୀ, ଦୀପକ ଘୋଷ, ବାରିପଦା ନଗର ସଭାପତି ସରୋଜ ଶତପଥିଙ୍କ ସହିତ ଛାତ୍ରନେତା ଆଭାସ ଦେ, ଅନନ୍ତ ସ୍ୱାଇଁ, ଜୀତ ପଟ୍ଟନାୟକ, ସୁଶିଲ ସେଠୀ, ଭବାନୀ ଶଙ୍କର ଧଡା, ଅମିତ ବୈଠା, ଆର୍ଶୀବାଦ ଦାସ, କାମିନୀକାନ୍ତ ପରିଡା,ସେକ୍ ଆଜାଦ୍ ସିଦ୍ଦିକି, ଶିବାନନ୍ଦ ସାହୁ, ଧିରାଜ ଦାସ, ଅକ୍ଷୟ ସିଂ, ଅଭିନାଶ ବେରା, ଦେବରାଜ ଦେହୁରୀ, ବାପୁନ ଦାସ, ସୁନୀଲ ହେମ୍ବ୍ରମ, ଦିଲ୍ଲୀପ ଚୌଧୁରୀ, ସରୋଜ ନାଏକ, ଅଭିଶେଖ ଦାସ, ଶରତ ମୁର୍ମୁ, ଦୀପକ ମଡୁଆଳ, ବିକାଶ ବାରିକ, ଦୀପକ ସାହା, ଗାୟତ୍ରୀ ନାଏକ, ସରିତା ମହାନ୍ତ, ପ୍ରତିଭା ନାଏକ, ବିକ୍ରମ ଆଦିତ୍ୟ ଭଦେଓ, ରିଙ୍କୁ ଦାସ, ରବିଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଦର ଅଧ୍ୟକ୍ଷ ଭାବେ ବିନିତ୍ କୁମାରଙ୍କ ଦାୟିତ୍ୱ ଗ୍ରହଣ

ପାରାଦୀପ,୨୯।୧୨ (ନି.ପ୍ର): ପାରାଦୀପ ବନ୍ଦର ନୂତନ ଅଧ୍ୟକ୍ଷ ଭାବେ ଶ୍ୟାମ ପ୍ରସାଦ ମୁଖାର୍ଜୀ (କଲିକତା) ବନ୍ଦରର ଅଧ୍ୟକ୍ଷ ବିନିତ୍ କୁମାର ମଙ୍ଗଳବାର ଦିନ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ବନ୍ଦରର ପଣ୍ୟ କାରବାର ସମୀକ୍ଷା କରିଥିଲେ ନୂତନ ଅଧ୍ୟକ୍ଷ । କାର୍ଯ୍ୟରେ ଯୋଗଦାନ ଅବସରରେ ପରମ୍ପରା ଅନୁଯାୟୀ ବନ୍ଦର ପ୍ରଶାସନ ଭବନ



କାର୍ଯ୍ୟାଳୟ ପରିସରରେ ବନ୍ଦର ସିଆଇଏଫ୍ ପକ୍ଷରୁ ଅଧ୍ୟକ୍ଷ ବିନିତ୍ କୁମାରଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ଏହା ପରେ ସେ ବନ୍ଦର ପରିଦର୍ଶନ କରି ଡକ୍ ଅଂଚଳରେ ଅପରେସନ୍ ବୁଲି ଦେଖିଥିଲେ। ଏଠାରେ ସୁଚନା ଥାଉକି, ବନ୍ଦର ପୂର୍ବତ୍ତନ ଅଧ୍ୟକ୍ଷ ରିଙ୍କେଶ ରାୟଙ୍କ କାର୍ଯ୍ୟକାଳ ଗତ ଡିସେମ୍ବର ୨୩ତାରିଖରେ ଶେଷ ହୋଇଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ନୀଳଗିରି ଛାତ୍ର ବିଜେଡି




ନୀଳଗିରି,୨୯।୧୨ (ନି.ପ୍ର): ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ସରକାରୀ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀମାନେ ମେଡିକାଲ ଓ ଇଂଜିନିୟରିଂ ପ୍ରବେଶିକା ପରୀକ୍ଷାରେ ସ୍ଥାନ ସଂରକ୍ଷଣ ଘୋଷଣା ପରେ ନୀଳଗିରି ଛାତ୍ର ବିଜେଡି ପକ୍ଷରୁ ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ଏକତ୍ରିତହୋଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଛାତ୍ର ଛାତ୍ରୀମାନଙ୍କ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏପରି ଏକ ଐତିହାସିକ ନିଷ୍ପତି ନେଇଥିବାରୁ ନୀଳଗିରି ଛାତ୍ର ବିଜେଡି ସଭାପତି ଫ୍ରାନସିସ୍ ବ୍ରେକେନ ସ ସମେତ ଛାତ୍ର ନେତା ଜଗତଜ୍ୟୋତି ମହାନ୍ତି, ତପନ ନାୟକ, ରାଜେଶ ବେହେରା, ଉମାଶଙ୍କର ରାଉତ, ମନିଷ ପରିଡ଼ା, ଦୀନେଶ ସ, ସମୀର ପାତ୍ର , ପ୍ରୀତମ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ, ରାଜ୍ୟ ଯୁଗ୍ମ ସଂପାଦକ ଗତିକୃଷ୍ଣ ନନ୍ଦ, ଶିଶିର ରାଉତ, ସବ୍ୟସାଚୀ ମହାପାତ୍ର, ଅଭିଷେକ ବେହେରା ଉପସ୍ଥିତ ଥିଲେ।

## ଯାଜପୁରରେ ଗତ ୨୪ ଘଂଟାରେ ୪୧୫ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୯।୧୨ (ନି.ପ୍ର): ଯାଜପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା, ସାମାଜିକ ଦୂରତ୍ୱ ନିୟମକୁ ନ ମାନିବା, ବାହାରେ ଛେପ ପକାଇବା ଓ ମୋଟର ଯାନ ଆଇନ ଭାଙ୍ଗିବା ଅଭିଯୋଗରେ ୪୧୫ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସେମାନଙ୍କ ଠାରୁ ୨,୧୪,୫୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ବେଳେ ୧ ଜଣଙ୍କର ଡ୍ରାଇଭିଂଗ ଲାଇସେନ୍ସକୁ ନିଲମ୍ବିତ କରା ଯାଇଛି। ଯାଜପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ବ୍ରିଟେନ୍ ଫେରନ୍ତା ....

ହେଲେ ଆମେ ନୂଆ ଷ୍ଟ୍ରେନ ନେଇ କେନ୍ଦ୍ରର ଏସଓପି ପାଳନ କରୁଛୁ। ଯେଉଁ ୮ ରୁ ୧୦ ଦେଶରେ ନୂଆ ଷ୍ଟ୍ରେନ ଦେଖାଯାଇଛି, ସେଠି ମୃତ୍ୟୁ ସଂଖ୍ୟା ବିଶେଷ ନାହିଁ ବୋଲି ସେ କହିଛନ୍ତି । ସେହିପରି ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି ଯେ ଫରେନ୍ ଫୋନ ନମ୍ବର ଯୋଗୁ କିଛି ବ୍ରିଟେନ ଫେରନ୍ତାଙ୍କ ତଥ୍ୟ ମିଳି ପାରୁନି। ଆମେ ତାଙ୍କ ଘରକୁ ଆରଆରଟି ପଠାଇଛୁ। ବାକି ଯେଉଁମାନେ ଟ୍ରେସ ହେଲେଣି, ସେମାନଙ୍କ ପରୀକ୍ଷା କରୁଛୁ। କିଛି ଘରୋଇ ହସ୍ପିଟାଲରେ ନିଜେ ଟେଷ୍ଟ କରିଛନ୍ତି। ଆମେ ମୋବାଇଲ୍ ମେଡ଼ିକାଲ ଟିମ ପଠାଇଛୁ। ଉଲ୍ଲେଖ୍ୟଯୋଗ୍ୟ ଯେ ନଭେମ୍ବର ୩୦ ତାରିଖ ଡିସେମ୍ବର ୨୧ ତାରିଖ ପର୍ଯ୍ୟନ୍ତ ଲଣ୍ଡନରୁ ୧୮୧ଜଣ ଯାତ୍ରୀ ଓଡ଼ିଶାକୁ ଫେରିଛନ୍ତି। ୧୧୯ ଜଣଙ୍କ ପତା ମିଳିଛି ଏବଂ ସେମାନଙ୍କର ପରୀକ୍ଷଣ କରାଯାଇଛି। ବ୍ରିଟେନରୁ ଫେରିଥିବା ୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କିନ୍ତୁ ବାକି ୬୨ଜଣ ଭୁଲ୍ ନମ୍ବର ଓ ଠିକଣା ଦେଇଥିବାରୁ ସେମାନଙ୍କ ସମ୍ପର୍କରେ ସୂଚନା ମିଳିନାହିଁ।

## ମହିଳା କମିଶନରେ ....

ଆଲୋଚନା ନୂଆ ଆଲୋକ ଦେଖାଇବ ବୋଲି ଆଶାବ୍ୟକ୍ତ କରିଛନ୍ତି ଶ୍ରୀମତୀ ବେହେରା। ସୂଚନାଯୋଗ୍ୟ ଯେ ପାରିବାରିକ ବିବାଦ ଓ ଘରୋଇ ହିଂସା ଅଭିଯୋଗ ଆଣି ବର୍ଷା ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। କମିଶନ ଅନୁଭବ, ବର୍ଷା, ଅନୁଭବଙ୍କ ବାପା ଓ ମାଆଙ୍କୁ ହାଜର ପାଇଁ ନୋଟିସ କରିଥିଲେ। ନୋଟିସ୍ ମୁତାବକ ଆଜି ପ୍ରଥମେ ବର୍ଷା ଓ ପରେ ଅନୁଭବ ଆସିଥିଲେ।

## ଓବିସି ଓ ପଛୁଆବର୍ଗଙ୍କୁ ....

ସମ୍ବିଧାନର ଧାରା ୧୫(୪) ଓ ୧୬(୪) ବଳରେ କେନ୍ଦ୍ର ସରକାର ଓବିସି ବର୍ଗଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ସୁବିଧା ଦେଇଛନ୍ତି । ଏହାକୁ ଉଚ୍ଚତମ ନ୍ୟାୟାଳୟ ମଧ୍ୟ ବୈଧ ଘୋଷଣା କରିଛନ୍ତି । ମାତ୍ର ଦେଶରେ ଦୀର୍ଘ ୩୦ ବର୍ଷ ଧରି ଏହା ଲାଗୁ ହେଲା ପରେ ମଧ୍ୟ ଓଡିଶା ସରକାର ଓବିସିଙ୍କୁ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଓ ଏସଇବିସିଙ୍କୁ ଶିକ୍ଷା କ୍ଷେତ୍ରରେ କ'ଣ ପାଇଁ ସଂରକ୍ଷଣ ଦେଉନାହାନ୍ତି ? ଦେଶର ସବୁ ରାଜ୍ୟ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଅନ୍ୟୁନ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ କରିଥିବା ବେଳେ କର୍ଣ୍ଣାଟକ, ତାମିଲନାଡୁ, କେରଳ ଓ ବିହାର ଆଦି ରାଜ୍ୟ ସେସବୁ ରାଜ୍ୟ ଗୁଡିକରେ ଏହି ଜାତି ଗୁଡିକର ଜନସଂଖ୍ୟାରେ ଅଧିକ ଭାଗ କାରଣରୁ ଅଧିକ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି । ତାମିଲନାଡୁ ଭଳି ରାଜ୍ୟରେ ୫୯ ପ୍ରତିଶତ ସ୍ଥାନ ସଂରକ୍ଷିତ ଥିବା ବେଳେ ଏଥିରୁ ୫୦ପ୍ରତିଶତ ପଛୁଆ ଜାତିଙ୍କ ପାଇଁ ସଂରକ୍ଷିତ ରହିଛି । ମାତ୍ର ଓଡିଶା ଜନସଂଖ୍ୟାରେ ଓବିସି ଓ ଏସଇବିସି ସଂଖ୍ୟା ଯଥେଷ୍ଟ ଅଧିକ ଥିବାବେଳେ ଜନସଂଖ୍ୟା ଅନୁସାରେ ସେମାନେ ସଂରକ୍ଷଣ ସୁବିଧାରୁ କାହିଁକି ବଂଚିତ ରହିଛନ୍ତି ବୋଲି ଡ.ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି । ରାଜ୍ୟରେ ୧୯୯୩ ମସିହା ଠାରୁ ଓଡିଶା ଷ୍ଟେଟ୍ କମିଶନ ଫର୍ ବ୍ୟାକୁଆର୍ଡ କ୍ଲାସେସ୍ ଆକ୍ଟ ପାସ୍ ହୋଇଥିବା ପରେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇନାହିଁ । ତୁରନ୍ତ ଏହି ବ୍ୟାକୁଆର୍ଡ କ୍ଲାସ୍ କମିଶନ ଗଠନ କରି ବୈଜ୍ଞାନିକ ଓ ତଥ୍ୟ ସମ୍ବଳିତ ରିପୋର୍ଟ ଆଧାରରେ ଜନସଂଖ୍ୟାରେ ଭାଗ ଅନୁସାରେ ଅଧିକ ପ୍ରତିଶତ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଅଧିକ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପାଇଁ ଡ.ସାମନ୍ତସିଂହାର ଦାବି କରିଛନ୍ତି । ତେବେ ଏହାର ଜବାବରେ ଆଜି ବିଜେଡି ମୁଖପାତ୍ର ଏଲିନା ଦାସ ଏକ ସମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ, ଏମିତି ଏକ ଐତିହାସିକ ନିଷ୍ପତ୍ତିକୁ ବିଜେପି ଭଳି ଏକ ଜାତୀୟ ଦଳ ବିରୋଧ କରୁଛି କେମିତି ? ଆମକୁ ଲାଗୁଛି ଲେଖାଶ୍ରୀଙ୍କ ଏହା ଏକ ବ୍ୟକ୍ତିଗତ ମତ । ଏହି ଅବସରରେ ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା ଓ କୃଷକ ମୋର୍ଚ୍ଚା ସାଧାରଣ ସଂପାଦକ ସୁରଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଇଣ୍ଡିଆନ ଅଏଲର ୮ଟି ....

୯ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟରେ ଏହି ରିମୋଟ ମନିଟରିଂ ଏବଂ ଅପରେସନ ସେଂଟର ନିର୍ମିତ । ଏହି ରିମୋଟ୍ ନିୟନ୍ତ୍ରିତ କାର୍ଯ୍ୟ ଗୁଡ଼ିକ ଦ୍ୱାରା ଦେଶରେ ଇଣ୍ଡିଆନ ଅଏଲର ୮ଟି ରିଫାଇନାରୀ ତଥା ଦିଗବୋଇ, ବୋଙ୍ଗାଇଗାଁ, ପାରାଦୀପ, ପାନିପଥ, ଗୁଜୁରାଟ, ମଥୁରା, ବାରାଉଣି ଏବଂ ହଳଦିଆରେ ଥିବା ବିଶୋଧନାଗାରର କାର୍ଯ୍ୟକ୍ଷମ ନିର୍ଭରଶୀଳତା, ଉତ୍ପାଦନ ଏବଂ ଉତ୍ତମ ପରିବେଶ ସୃଷ୍ଟି କରିବାରେ ପ୍ରୋତ୍ସାହନ ପ୍ରଦାନ କରିବ। ସେ କହିଛନ୍ତି ବିଶୋଧନାଗାରର ସମସ୍ତ ଗ୍ୟାସ ଟର୍ବାଇନର ରିମୋଟ୍ ମନିଟରିଂ ମଧ୍ୟ ହେବ । ଦେଶର ସମଗ୍ର ଉର୍ଜା କ୍ଷେତ୍ରରେ ଡ଼ିଜିଟାଲ ଇନୋଭେସନରେ ବଡ଼ ପଦକ୍ଷେପ ବୋଲି ସେ କହିଛନ୍ତି । ଆଜିର ଉଦଘାଟନ ଇଣ୍ଡିଆନ ଟେକ୍ନୋଲୋଜିରେ ବଳିଷ୍ଠ ପ୍ରମାଣ । ଏହି ରିମୋଟ ମନିଟରିଂ ଏବଂ ଅପରେସନ ସେଂଟର ପ୍ରଧାନମନ୍ତ୍ରୀଙ୍କ ବୃହତ ଦୃଷ୍ଟିକୋଣରେ ଥିବା ଆତ୍ମନିର୍ଭର ଭାରତ ଦିଗରେ ବଡ଼ ପଦକ୍ଷେପ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ଉଦ୍ୟମ ପାଇଁ ଶ୍ରୀ ପ୍ରଧାନ ଇଣ୍ଡିଆନ ଅଏଲ ଏବଂ ଭେଲ ଓ ଜେଇର ଯୌଥଉଦ୍ୟୋଗ ବିଜିଜିଟିଏସକୁ ଶୁଭେଚ୍ଛା ଜଣାଇଛନ୍ତି ।

## ୬୧ତମ ପ୍ରତିଷ୍ଠା ଦିବସ ...

ଏ ବର୍ଷ ୩୫ କୋଟି ଟଙ୍କା ବ୍ୟୟରେ ବହୁତଳ ବିଶିଷ୍ଟ ମଟରଯାନ ରହଣି ସ୍ଥଳ, ୫ କୋଟି ଟଙ୍କା ବ୍ୟୟରେ ଶିଶୁ ରେଳଗାଡ଼ିର ପୁନରୁଦ୍ଧାର କାର୍ଯ୍ୟ ଚାଲୁରହିଛି। ୨୦ ଲକ୍ଷ ଟଙ୍କା ବ୍ୟୟରେ ପର୍ଯ୍ୟଟକମାନଙ୍କ ପାଇଁ ନୂତନ ପ୍ରସ୍ଥାନ ବାଟ ଓ ୭୪ ଲକ୍ଷ ଟଙ୍କା ବ୍ୟୟରେ ନୂତନ ସଫାରୀ ବସ୍ ଷ୍ଟାଣ୍ଡ ନିର୍ମାଣ କରାଯାଇଛି । ଆଗାମୀ ଦିନରେ ଅନ୍ୟାନ୍ୟ ଚିଡ଼ିଆଖାନାରୁ ଗଧିଆ, ବଳିଆ କୁକୁର, ଜିରାଫ, ଜେବ୍ରା, ଗଣ୍ଡା, ଆସାମୀ ମାଙ୍କଡ଼, ପିଗ୍‌ଟେଲ୍ ମାଙ୍କଡ଼, ଷ୍ଟମ୍ପଟେଲ୍ ମାଙ୍କଡ଼, ବବୁନ୍ ମାଙ୍କଡ଼, ଗିବନ୍ ଇତ୍ୟାଦି ଅଣାଯିବ ବୋଲି ମନ୍ତ୍ରୀ ଶ୍ରୀ ଆରୁଖ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର (ଉତର) ବିଧାୟକ ଶ୍ରୀ ସୁଶାନ୍ତ କୁମାର ରାଉତ, ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଜଙ୍ଗଲ ଓ ପରିବେଶ) ଡ. ମୋନା ଶର୍ମା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ସନ୍ଦୀପ ତ୍ରିପାଠୀ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଶ୍ରୀ ହରିଶଂକର ଉପାଧ୍ୟାୟ, ନନ୍ଦନକାନନ ନିର୍ଦ୍ଦେଶକ ଶ୍ରୀ ଶଶୀ ପଲ୍, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓଡିଶା ସର୍କଲର ମୁଖ୍ୟ ମହାପ୍ରବନ୍ଧକ ରୁମା ଦେ, ଜିନ୍ଦଲ ଷ୍ଟିଲ୍‌ର ଆସୋସିଏଟ୍ ଭାଇସ୍ ପ୍ରେସିଡେଂଟ ଶ୍ରୀ ରାକେଶ ମିଶ୍ର ପ୍ରମୁଖ ଯୋଗ ଦେଇ ନନ୍ଦନକାନନର ଶ୍ରୀବୃଦ୍ଧି ଉପରେ ସୁଚିନ୍ତିତ ମତାମତ ଦେଇଥିଲେ।

## ଶ୍ରୀରାମ ଜନ୍ମଭୂମି ମନ୍ଦିର ....

ସ୍ୱାମୀ ପ୍ରାଣରୂପାନନ୍ଦ ସରସ୍ୱତୀ, ଶ୍ରୀଶ୍ରୀ ଅଭିରାମ ସରସ୍ୱତୀ, ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଶ୍ରୀ ଅଜୟ କୁମାର ଦାସ ଆଦି ଅନେକ ସାଧୁ ସନ୍ଥ ଉପସ୍ଥିତ ଥିଲେ । ୪୯୨ ବର୍ଷର ସଂଘର୍ଷ ପେର ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଶ୍ରୀରାମ ଜନ୍ମଭୂମିରେ ଭଗବାନ ରାମଙ୍କ ଭବ୍ୟମନ୍ଦିର ନିର୍ମାଣ ହେବାକୁ ଯାଉଅଛି । ରାଷ୍ଟ୍ରୀୟ ମର୍ଯ୍ୟାଦାର ପ୍ରତୀକଏହି ମନ୍ଦିର ୨୦୨୪ ମସିହା ସୁଦ୍ଧା ପୂର୍ଣ୍ଣ ହୋଇଯିବ । ଏହାର ଶିଖର ଭାଗେର ଗୈରୀକ ପତାକା ଉଡିବାକୁ ଲାଗିବ । ଏହି ସନ୍ଥ ସମ୍ମିଳନୀରେ ଯୋଗ ଦେଇ ବିଶ୍ୱ ହିନ୍ଦୁ ପରିଷଦ କ୍ଷେତ୍ର ସଂଗଠନ ମନ୍ତ୍ରୀ ସ୍ୱପନ ମୁଖାର୍ଜୀ କହିଛନ୍ତି ଏହି ମନ୍ଦିର ବିଶ୍ୱର ସମସ୍ତ ରାମଭକ୍ତଙ୍କୁ ଜୋଡିବା ପାଇଁ ଏକ ସେତୁ ପରି କାମ କରିବ । ଏଥି ପାଇଁ ନିଶ୍ଚିନ୍ତି ହୋଇଅଛି ମକର ସଂକ୍ରାନ୍ତି ଠାରୁ ମାଘ ପୂର୍ଣ୍ଣିମା ପର୍ଯ୍ୟନ୍ତ ସଂପୂର୍ଣ୍ଣ ଦେଶକୁ ଯୋଡିବା ପାଇଁ ୧୫ ଜାନୁୟାରୀରୁ ୨୭ ଫେବୃୟାରୀ ପର୍ଯ୍ୟନ୍ତ ସଂପର୍କ ଅଭିଯାନ ଚାଲିବ । ଏହି କ୍ରମରେ ଓଡିଶାରେ ଜାନୁୟାରୀ ୧୫ ତାରିଖରୁ ଜାନୁୟାରୀ ୩୦ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ ।

## ୨୬୧ ସୁଲଭ ମୂଲ୍ୟ ଦୋକାନରୁ ....

ଯାଂଚ ସମୟରେ ଅଧିକାରୀମାନେ ଉପସ୍ଥିତ ଥିବା ଖାଉଟିମାନଙ୍କୁ ଓଜନ ଯନ୍ତ୍ରର ସଠିକତା ଓ ଏଥିରେ ସରକାରୀ ମୋହର ଓ ପ୍ରାମାଣିକତା ସଂପର୍କରେ ସଚେତନ କରାଇବା ସହିତ ଗ୍ରାହକମାନେ ସର୍ବଦା ଜିନିଷ କଣିବା ପୂର୍ବରୁ ଓଜନ ମାପ ଯନ୍ତ୍ରକୁ ଭଲ ଭାବେ ପରୀକ୍ଷା କରାଇବା ଉପରେ ଗୁରୁତ୍ୱ ଦେଇଥିଲେ । ଓଜନ ମାପ ଯାଂଚ ପ୍ରକ୍ରିୟା ନିୟମିତ ଚାଲୁରହିଛି ବୋଲି ବୈଧ ମାପ ବିଜ୍ଞାନ ନିର୍ଦ୍ଦେଶକ ଶ୍ରୀ ସତ୍ୟନାରାୟଣ ଦାଶ କହିଛନ୍ତି ।

# ଜିଲ୍ଲା ପରିଷଦର ଦଶମ ବୈଠକ : କୃଷି, ସ୍ୱାସ୍ଥ୍ୟ, ସାଧାରଣ ବଣ୍ଟନ ବିଭାଗର ଆଲୋଚନା

ଭଦ୍ରକ,୨୯।୧୨ (ନି.ପ୍ର): ଭଦ୍ରକ ଜିଲ୍ଲାପରିଷଦର ଦଶମ ବୈଠକ ଆଜି ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭଦ୍ରକ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଡ. ବ୍ୟୋମକେଶ ରାୟ, ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ଭଣ୍ଡାରିପୋଖରୀ ବିଧାୟକଙ୍କ ପ୍ରତିନିଧି ଙ୍କ ପ୍ରୟାସକାନ୍ତି ସାମଲ, ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ଧାମନଗର ବିଧାୟକଙ୍କ ପ୍ରତିନିଧି ବୁଦ୍ଧଦେବ ଜେନା, ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ପ୍ରମୁଖ ଯୋଗ ଦେଇ ଜିଲ୍ଲାର କୃଷି, ସ୍ୱାସ୍ଥ୍ୟ ଓ ସାଧାରଣ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। କୃଷି ଓ କୃଷକ




ସଶକ୍ତିକରଣ କ୍ଷେତ୍ରରେ ଚଳିତ ଖରିଫ ୨୦୨୦ ଚାଷକାର୍ଯ୍ୟର ଧାର୍ଯ୍ୟ ଲକ୍ଷ୍ୟ ଓ ଅଗ୍ରଗତିରେ ଧାନଚାଷ ୧ଲକ୍ଷ ୬୧ହଜାର ୯୨ ହେକ୍ଟର, ପନିପରିବା ଚାଷ ୮୧୦୨ ହେକ୍ଟର, ତନ୍ତୁ ଜାତୀୟ ଫସଲ ୧୪୬ ହେକ୍ଟର, ମସଲା ଜାତୀୟ ୧୪୨୩ ହେକ୍ଟର ଓ ଧାନଆଦି ଶସ୍ୟ ୧ଲକ୍ଷ ୬୧ହଜାର ୧୬୪ ହେକ୍ଟରକୁ ମିଶାଇ ମୋଟ ୧ଲକ୍ଷ ୭୦ ହଜାର ୮୩୫ ହେକ୍ଟର ଜମିରେ ଫସଲ କରାଯାଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଥିଲା। ଚାଷୀଙ୍କୁ ସଲଖ ରିହାତି ମାଧ୍ୟମରେ ମୋଟ ୭୫୯୧.୮ କୁଇଣ୍ଟାଲ ବିହନ ଚାଷୀଙ୍କୁ ଯୋଗାଣ ହୋଇଛି। ସେହିପରି ରବି ଋତୁ ପାଇଁ ମୋଟ ୪୧ ହଜାର ୩୩୨ ହେକ୍ଟର ଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ୫୧୧୮ ହେକ୍ଟର ଜମିରେ ଚାଷ ହୋଇଛି। ସେହିପରି ରବି ଋତୁ ପାଇଁ ମୋଟ ୨୨୪.୨୫ କୁଇଣ୍ଟାଲ ସଲଖ ରିହାତି ପ୍ରଦାନ ମାଧ୍ୟମରେ ବିହନ ଯୋଗାଣ ହୋଇଛି। କୃଷି ବିଭାଗ ପକ୍ଷରୁ ଗ୍ରାମ ପଞ୍ଚାୟତଓ୍ୱାରୀ ଅଗ୍ରଣୀ ଚାଷୀଙ୍କ ହ୍ୱାଟ୍‌ସଅପ୍ ଗ୍ରୁପ୍ କରି ତାହା ମାଧ୍ୟମରେ କୃଷି ତଥା ଆନୁସଙ୍ଗିକ ବିଭାଗର ବୈଷୟିକ ଜ୍ଞାନ ଲିଫ୍‌ଲେଟ୍ ଏବଂ ଭିଡିଓ ମାଧ୍ୟମରେ ପ୍ରଦାନ କରି ଅବଗତ କରାଯାଉଥିବା ସୂଚନା ଦିଆ ଯାଇଥିଲା। ବଳରାମ ଯୋଜନାରେ ଭୂମିହୀନଙ୍କୁ ଅର୍ଥ ଯୋଗାଣକାରୀ ସଂସ୍ଥା ମାଧ୍ୟମରେ ଋଣ ଦେବାର ବ୍ୟବସ୍ଥା ହୋଇଛି ବୋଲି କୁହାଯାଇଥିଲା। ଚଳିତ ବର୍ଷ ଧାନ କିଣା କ୍ଷେତ୍ରରେ ଚାଷୀ ଯେପରି ସୁରୁଖୁରୁରେ ଧାନ ବିକ୍ରି କରିବେ ଏବଂ ଠିକ୍ ସମୟରେ ସେମାନଙ୍କ ପ୍ରାପ୍ୟ ପାଇ ପାରିବେ ସେ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ସ୍ୱାସ୍ଥ୍ୟ ବିଭାଗ ଆଲୋଚନାରେ ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗରେ ମୋଟ ୨୧୫ ପଦରୁ ୧୧୭ ପଦ ଖାଲି ପଡିଥିବା ନେଇ କହିଥିଲେ। ଆଗାମୀ ଜାନୁଆରୀ ମାସରେ ଜିଲ୍ଲାକୁ କୋଭିଡ଼ ଭାକ୍ସିନ ଆସିବାକୁ ଥିବା ବେଳେ ଏହାର ସଫଳ ଉପଯୋଗ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହିତ ଆଲୋଚନା କରାଯାଇଥିଲା। ଯୋଗାଣ ବିଭାଗର ଆଲୋଚନାରେ ଜିଲ୍ଲାରେ ମୋଟ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ୪୫,୮୫୭ କାର୍ଡରେ ୧ଲକ୍ଷ ୪୧ହଜାର ୭୦୪ ହିତାଧିକାରୀ ଓ ଜାତୀୟ ଖାଦ୍ୟ ଯୋଜନାରେ ୩ଲକ୍ଷ ୧୫ହଜାର ୪୯୨ କାର୍ଡରେ ୧୧ଲକ୍ଷ ୩୩ହଜାର ୫୯୮ଜଣ ହିତାଧିକାରୀ ଉପକୃତ ହେଉଥିବା କୁହାଯାଇଥିଲା। ଏ ବିଷୟରେ ସମସ୍ତ ବିଭାଗୀୟ ଅଧିକାରୀମାନେ ଆଲୋଚନା କରିଥିଲେ। ଶେଷରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ସମସ୍ତ ଜିଲ୍ଲାପରିଷଦର ସଭ୍ୟ ସଭ୍ୟା, ବ୍ଲକ ଅଧ୍ୟକ୍ଷ ଅଧ୍ୟକ୍ଷା, ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## 'ବି ଏସ୍ ପ୍ରଡ଼କ୍ସନ'ର ନୂଆବର୍ଷ ଟେଲିଫିଲ୍ମ 'କସମସ କରୋନା'

ବାଲେଶ୍ୱର,୨୯।୧୨ (ନି.ପ୍ର): ନୂଆବର୍ଷ ଉପଲକ୍ଷେ ବାଲେଶ୍ୱରର ବୈଦ୍ୟୁତିକ ଗଣମାଧ୍ୟମ 'ବି ଏସ୍ ପ୍ରଡ଼କ୍ସନ' ପକ୍ଷରୁ ଚଳିତ କରୋନାକୁ ନେଇ ଏକ ଟେଲି ଫିଲ୍ମ ପ୍ରସ୍ତୁତ କରିଛନ୍ତି। ଯାହାର ନାମ ରହିଛି କସମସ୍ କରୋନା। ଏହାକୁ ନାଟ୍ୟକାର ହେବେନ୍ଦ୍ର ମହାପାତ୍ର ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ବ୍ରହ୍ମ ରଥ। କ୍ୟାମେରା ବରିଷ୍ଠ କ୍ୟାମେରା ପରିଚାଳକ ବ୍ରଜ ଷଡ଼ଙ୍ଗୀ ଓ ଉଜ୍ଜ୍ୱାଳ ଚାନ୍ଦ ପରିଚାଳନା କରିଲେ। ଏଥିରେ ସଂଗ୍ରାମ ମହାନ୍ତି, ଅଜୟ ଆଚାର୍ଯ୍ୟ, ସୁଲଳିତ କର, ଶ୍ୟାମରାୟୀ କର, ସଞ୍ଜୟ ଦାସ ପ୍ରମୁଖ ଅଭିନୟ କରୁଛନ୍ତି।ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଜୟନ୍ତ ବେହେରା। ଗାଇଛନ୍ତି ସ୍ୱାଗତିକା ଓ ଦିବ୍ୟ ସାଇ। ନାଚ୍ ଡ଼୍ୟାନ୍ସଗ୍ରୁପର ପିଲାମାନେ ଏଥିରେ ନୃତ୍ୟ କରିଥିବା ବେଳେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ରୋନାଲିସା ପଣ୍ଡା ଓ ସେଖ ରାଜା। ଆସନ୍ତା ୩୧ ତାରିଖ ସନ୍ଧ୍ୟାରେ ଏହା ଜିଲ୍ଲାର ସମସ୍ତ କେବୁଲ ନେଟଓ୍ୱାର୍କ ତଥା ସମସ୍ତ ସୋସିଆଲ ମେଡ଼ିଆରେ ପ୍ରସାରିତ ହେବ ବୋଲି ଏସ୍ ପ୍ରଡ଼କ୍ସନର ମୁଖ୍ୟ ସୁତନୁ ଫୌଜଦାର ଜଣାଇଛନ୍ତି।

ବୁଧବାର, ୩୦ ଡିସେମ୍ବର ୨୦୨୦

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ତ୍ୟାଗଭୂମି ମହୋତ୍ସବ ଉଦ୍‌ଘାଟିତ

ଭଦ୍ରକ,୨୯।୧୨ : ଭଦ୍ରକୀୟ ଅସ୍ମିତାର ପ୍ରତୀକ ତଥା ଜିଲ୍ଲା ମହୋତ୍ସବର ଆଦ୍ୟସୌରଭ ତ୍ୟାଗଭୂମି - ୨୦୨୦ ଉଦ୍‌ଘାଟିତ ହୋଇ ଯାଇଛି। କରୋନା କଟକଣା ହେତୁ ତିନି ଦିନ ପାଳିତ ହେବାକୁ ଥିବା ଏହି ଉତ୍ସବର ଆଦ୍ୟ ଦିବସରେ ରକ୍ତତୀର୍ଥ ଇରମ୍ ଏବଂ ଶହୀଦ୍ ପୀଠ ଲୁଣିଆରୁ ଆସିଥିବା ଭଦ୍ରକୀୟ ସଂଗ୍ରାମର ଅମର ପ୍ରତୀକ ମଶାଲକୁ ଭଦ୍ରକ ସହରର ପ୍ରବେଶ ଦ୍ୱାର ମହତାବ ଗୋଲେଇରୁ ଶୋଭାଯାତ୍ରାରେ ଅଣାଯାଇ ତ୍ୟାଗଭୂମି ପୀଠରେ ସ୍ଥାପନ କରାଯାଇଛି। ମଶାଲ ଶୋଭାଯାତ୍ରାକୁ ସ୍ୱାଗତ ପୂର୍ବକ ଜିଲ୍ଲାପାଳ ଡ. ଜ୍ଞାନ ଦାସ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଫେସର ରାଜକିଶୋର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମହୋତ୍ସବର ସାନ୍ଧ୍ୟ ଅଧିବେଶନରେ ମୁଖ୍ୟଅତିଥି ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଓ ମୁଖ୍ୟବକ୍ତା ଅଧ୍ୟାପକ ବିଶ୍ୱରଂଜନ ଦାସ ଯୋଗଦେଇ 'ଡିଜିଟାଲ ଶିକ୍ଷା ବ୍ୟବସ୍ଥା ଓ ଦେଶର ଭାଗ୍ୟ' ଶୀର୍ଷକ ବିତର୍କରେ ବିଚାର ଉପସ୍ଥାପନ କରିଥିଲେ। ଶିକ୍ଷା ଯେପରି ହେଉ, ବିଦ୍ୟାର୍ଥୀର ଅଧ୍ୟୟନ, ନିଷ୍ଠା ଓ ସଂକଳ୍ପ ହିଁ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିପାରିବ। ବୈଷୟିକ ଯୁଗରେ ଡିଜିଟାଲ ଶିକ୍ଷା ହିଁ ଆଗାମୀ ପିଢି ପାଇଁ ଗୁରୁତ୍ୱ ବହନ କରିବ, ଏହା ନିଶ୍ଚିତ ବୋଲି ମତ ପ୍ରକାଶ ପାଇଥିଲା। ତ୍ୟାଗଭୂମିର ବରିଷ୍ଠ ସଦସ୍ୟ ପ୍ରଫେସର ଡ. ପ୍ରଫୁଲ୍ଲ ସାହୁଙ୍କ ରଚିତ ତ୍ୟାଗଭୂମି ସଂଗୀତ ସଭାମଞ୍ଚକୁ ବିଭୋର କରିଥିବା ବେଳେ କାନ୍ତକବିଙ୍କ ରଚିତ ମନମୋହନ ପରିଷଦ ଦ୍ୱାରା ପରିବେଷିତ ବନ୍ଦେ ଉତ୍କଳ ଜନନୀ ଗାନ ହେବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ତ୍ୟାଗଭୂମି ପତ୍ରିକାର ଅନ୍ୟତମ ସମ୍ପାଦକ ଡ. ଅଭୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ଅଜୟ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ମହୋତ୍ସବର ଆଗାମୀ ଯୋଜନା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। କରୋନା ମହାମାରୀରେ ଦିବଂଗତ ହୋଇଥିବା ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଦସ୍ୟ ସୁଧାକର ରାଉତ ଅତିଥିମାନଙ୍କ ଉଦ୍ଦେଶ୍ୟରେ ମଞ୍ଚାୟନ ବକ୍ତବ୍ୟ ରଖିଥିବା ବେଳେ ଅଧିବକ୍ତା ଗଦାଧର ବଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାକୁ ସ୍ୱାଗତ :ସରକାରଙ୍କ ଐତିହାସିକ ନିଷ୍ପତ୍ତିକୁ ବାଲେଶ୍ୱରେ ପ୍ରଶଂସା




ବାଲେଶ୍ୱର,୨୯।୧୨ (ନି.ପ୍ର): ସରକାରୀ ସ୍କୁଲଗୁଡିକରେ ଛାତ୍ରଛାତ୍ରୀଙ୍କ ସଂଖ୍ୟାବୃଦ୍ଧି ଏବଂ ଡ୍ରପ ଆଉଟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇଁ ରାଜ୍ୟ ସରକାର ନୂତନ ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ସରକାରୀ ସ୍କୁଲରେ ପଢିବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ ସରକାରୀ ହାଇସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ଡାକ୍ତରୀ ଓ ଇଞ୍ଜିନିୟରିଂ କଲେଜ ଭଳି ବୈଷୟିକ ଶିକ୍ଷାନୁଷ୍ଠାନରେ ସ୍ଥାନ ସଂରକ୍ଷଣ କାରିବାକୁ ରାଜ୍ୟ କ୍ୟାବିନେଟ ବୈଠକରେ ନିଷ୍ପତି ନିଆଯାଇଛି। ଏହି ନିଷ୍ପତି କ୍ୟାବିନେଟରେ ମଞ୍ଜୁର ହେବା ପରେ ବାଲେଶ୍ୱରରେ ଏହାକୁ ବ୍ୟାପକ ସ୍ୱାଗତ କରାଯାଇଛି । ସୋମବାର ସନ୍ଧ୍ୟାରେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଏହି ନିଷ୍ପତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ରାଜ୍ୟ ସରକାରଙ୍କ ଐତିହାସିକ ତଥା ନୂତନ ଶିକ୍ଷାନୀତି ନିଷ୍ପତି ସରକାରୀ ସ୍କୁଲକୁ ବଂଚାଇ ରଖିବାରେ ସହାୟକ ହେବ ବୋଲି କହିଥିଲେ । ସରକାରୀ ସ୍କୁଲରେ ମେଧାବୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇଚାଲିଛି । ଏହା ଚିନ୍ତାର କାରଣ ପାଲଟିଥିବା ବେଳେ ଉପସ୍ଥାନ କମ ଥିବାରୁ ବହୁ ସ୍କୁଲକୁ ବନ୍ଦ କରାଯିବା ନିମନ୍ତେ ରାଜ୍ୟସରକାରଙ୍କ ପାଇଁ ନିଷ୍ପତି ନେବାକୁ ବାଧ ହୋଇଛନ୍ତି । ତେବେ ବୈଷୟିକ ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ବ୍ୟବସ୍ଥାର ନୂତନ ନିଷ୍ପତି ଫଳରେ ସରକାରୀ ସ୍କୁଲ ପ୍ରତି ପିଲାମାନେ ଆକୃଷ୍ଟ ହେବେ ବୋଲି ବିଧାୟକ ଶ୍ରୀ ଦାସ ଆଶାପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ଡ. ପ୍ରଫୁଲ୍ଲ କୁମାର ସାହୁ, ଜିଲ୍ଲା ବିଜ୍ଞାନ ପରିଦର୍ଶକ କୃଷ୍ଣ ମୋହନ ସିଂହଙ୍କ ସମେତ ବହୁ ଶିକ୍ଷକ, ଶକ୍ଷୟତ୍ର. ଛାତ୍ରଛାତ୍ରୀ ଓ ଅଭିଭାବକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରାଜ୍ୟସରକାରଙ୍କୁ ଧନ୍ୟବାଦ ଜଣାଇଥଲେ । ରାଜ୍ୟ ସରକାରଙ୍କ ନିଷ୍ପତି ପାଇଁ ବାଲେଶ୍ୱରର ଛାତ୍ର ବିଜୁ ଜନତା ଦଳ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଜିଲ୍ଲା ସଭାପତି ସିମନ ଦାସ ମହାପାତ୍ରଙ୍କ ନେତୃତ୍ୱରେ ବହୁ ଛାତ୍ରନେତା ଓ କର୍ମୀ ଫକୀରମୋହନ କଲେଜ ସମ୍ମୁଖରେ ଏକତ୍ରିତ ହୋଇ ସମବେତ ଭାବେ କୃତଜ୍ଞତା ଜଣାଇଥିଲେ ।ଏଥିରେ ସଦର ବିଧାୟକ ସ୍ୱରୂପ କୁମାର ଦାସ, ପୂର୍ବତନ ପୌରଉପାଧକ୍ଷ ମନୋଜ କୁମାର ରାଉ. ବିଜୁ ଛାତ୍ର ଜନତା ଦଳ ଟାଉନ ସଭାପତି ବ୍ରଜ କିଶୋର ପ୍ରଧାନ ପ୍ରମୁଖଙ୍କ ସମେତ ମନୋରଞ୍ଜନ ମହାରଣା, ବିଜୟ ଜେନା, ଦେବଶ୍ରୀ ମହାନ୍ତି, ଶୁଭମ ସାଇ ମହାପାତ୍ର, ରାହୁଲ ନାୟକ, କିରଣ ନାଥ, ବ୍ରଜରାଜ ଦାସ, ସୁଶୀଲ ପଣ୍ଡା, ସାଜିଦ କାଦ୍ରୀ, ପ୍ଲାବନ ଦାସ, ଜୀବନ ସଂଗ୍ରାମ ମିଶ୍ର ପ୍ରମୁଖ ଛାତ୍ରନେତା ଯୋଗଦେଇ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ଓ ସାମୟପୋଚିତ ନିଷ୍ପତି ରାଜ୍ୟର ସରକରୀ ସ୍କୁଲରେ ପଢୁଥିବା ଅଗଣିତ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପଢିବାରେ ସହାୟକ ହେବ ବୋଲି ଛାତ୍ରନେତାମାନେ କହିଥିଲେ । ଆଗାମୀ ଦିନରେ ସରକାରୀ ସ୍କୁଲରେ ପାଠ ପଢିବା ପାଇଁ ଛାତ୍ରଛାତ୍ରମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ସେମାନେ କହିଥିଲେ । ଅନୁରୂପ ଭାବେ ରାଜ୍ୟ ସରକାରଙ୍କ ନିଷ୍ପତିକୁ ସ୍ୱାଗତ ଜଣାଇ ବାଲେଶ୍ୱର ଜିଲ୍ଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ଏକ ଧନ୍ୟବାଦ ଅର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଭାପତି ତାପସ ପରିଡାଙ୍କ ନେତୃତ୍ୱରେ ଶତାଧିକ ଯୁବକ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରୁ ବାହାରି ସହର ପରିକ୍ରମା କରିଥିଲେ । ଏଥିରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ରାଜ୍ୟ ସାଧାରଣ ସମ୍ପାଦକ ତାପସ କୁମାର ପାଣିଗ୍ରାହୀ, ଯୁବନେତା ଅସିତ ଦାସ, ଅନୁପମ ମହାନ୍ତି, ଗୌତାମ ରାଉତ, ଓମପ୍ରକାଶ ମହାପାତ୍ର, ସୁଦିପ୍ତ ପିଟର, ସଞ୍ଜିନ ଦାସ, ଭାରତ ଭୂଷଣ ଦାସ, କୈଳାସ ତାରେଇ, ସମ୍ବିତ ବିଶ୍ୱାଳ, ସୁବୋଧ ମହାନ୍ତି, ଭବାନୀ ପଣ୍ଡା, ଦୀପକ ଦାସ, ଅବିନାଶ ନାୟକ ପ୍ରମୁଖ ଯୋଗଦେଇଥିଲେ ।

## କେନାଲରେ ପଡ଼ିଲା ଆହତ ଭାଲୁ



ନୀଳଗିରି,୨୯।୧୨ (ନି.ପ୍ର): କୁଲଡିହା ଅଭୟାରଣ୍ୟର ସଜନାଗଡ଼ ନିକଟସ୍ଥ କାଳିଝାଟି ଖାଣ୍ଡିଆହୁଡ଼ିର ଏକ କେନାଲରେ ଏକ ବିରାଟକାୟ ଭାଲୁ ଆହତ ଅବସ୍ଥାରେ ପଡ଼ିଥିବାର ଦେଖିବାକୁ ମିଳିଛି । ଖବର ପାଇ ବନବିଭାଗ ଆହତ ଭାଲୁଟିକୁ ଜଗିଥିବାର ଜଣାପଡ଼ିଛି । ଭାଲୁଟିର ଗୋଡ଼ରେ ଗଭୀର ଆଘାତ ଲାଗିଛି । ବନବିଭାଗ ଆହତ ଭାଲୁକୁ ଚିକିତ୍ସା କରିଥିବା ଜଣାପଡ଼ିଛି ।

## ନୂଆବର୍ଷରେ କୋଭିଡ୍ ନିୟମ ଉଲଘଂନ କଲେ ହେବ ଦୃଢ କାର୍ଯ୍ୟାନୁଷ୍ଠାନ

ପାରାଦୀପ,୨୯।୧୨ (ନି.ପ୍ର): କରୋନା ସଂକ୍ରମଣ ବା କୋଭିଡ୍-୧୯ ମହାମରୀକୁ ବର୍ଷେ ପୁରିବାକୁ ବସିଲାଣି । ଜୀବନ ସୁରକ୍ଷା ନିମିତ୍ତ ସରକାରଙ୍କ ପକ୍ଷରୁ ଲକ୍‌ଡାଉନ୍, ସଟ୍‌ଡାଉନ୍, ସାମାଜିକ ଦୂରତ୍ୱ, ମାସ୍କ ପରିଧାନ ବାଧ୍ୟତାମୂଳକ କରାଯାଇଛି । ଯଦିଓ କରୋନା ସଂକ୍ରମିତଙ୍କ ସଂଖ୍ୟା ବହୁ ମାତ୍ରାରେ କମିଛି, କିନ୍ତୁ ସାମ୍ଭାବ୍ୟ ଆଶଙ୍କାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ସୁଦ୍ଧା ବଳବତ୍ତର ରହିଛି କୋଭିଡ୍ ନିୟମାବଳୀ । ତେବେ ଆଗାମୀ ନବବର୍ଷ ପରିପ୍ରେକ୍ଷୀରେ ପାରାଦୀପ ପୋଲିସ୍ ପକ୍ଷରୁ ବିଭିନ୍ନ ସମୟରେ ମୋଟର ଯାନ ଯାଂଚ ସହିତ ସର୍ବସାଧାରଣଙ୍କ ଅବଗତ ନିମନ୍ତେ ସାମୁହିକ ଭାବେ ଭୋଜି, ଜିରୋ ନାଇଟ୍ କାର୍ଯ୍ୟକ୍ରମ, ସଭାସମିତି, ନୃତ୍ୟଗୀତ ଭଳି ଗହଳୀକୁ ବାରଣ କରାଯାଇଛି । ଯେଉଁମାନେ ଏହି ନିୟମକୁ ଉଲଘଂନ କରିବେ ସେମାନଙ୍କ ଉପରେ କୋଭିଡ୍ ଆଇନ୍ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଏହି ସମୟରେ ପୋଲିସ୍ ପ୍ୟାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡାକଡି କରାଯିବ ବୋଲି ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀ ଏବଂ ଆଦର୍ଶ ଥାନା ଅଧିକାରୀ ରଜନୀକାନ୍ତ ସାମଲ ସୁଚନା ଦେଇଛନ୍ତି ।

## ନିଖିଳ ଓଡ଼ିଶା ପାଚିକା-ସହାୟିକା ସଂଘର ବିକ୍ଷୋଭ



ବାଲେଶ୍ୱର,୨୯।୧୨ (ନି.ପ୍ର): ଛାତ୍ରଛାତ୍ରୀଙ୍କ ସଂଖ୍ୟାହ୍ରାସକୁ ନେଇ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଦ୍ୟାଳୟ ମିଶ୍ରଣ ନିଷ୍ପତିକୁ ତୀବ୍ର ବିରୋଧ କରିଛି ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା-ସହାୟିକା ସଂଘ । ସରକାରଙ୍କ ବିଦ୍ୟାଳୟ ନିଷ୍ପତି ବିରୋଧରେ ସିଆଇଟିୟୁ ଅନୁବନ୍ଧିତ ପାଚିକା-ସହାୟିକା ସଂଘ ପକ୍ଷରୁ ଆଜି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି । ସଂଘର କର୍ମକର୍ତ୍ତା ଓ ସଦସ୍ୟାମାନେ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ସଂଗଠନର ରାଜ୍ୟସଭାପତି ରାଧାରମଣ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିବା ସହିତ ସରକାରଙ୍କ ପରିବର୍ତ୍ତନମୁଖୀ ଶିକ୍ଷାନୀତିକୁ ତୀବ୍ର ସମାଲୋଚନା କରିଥିଲେ । ସାମ୍ପ୍ରତିକ ସ୍ଥିତିରେ ଭୁଶୁଡ଼ି ପଡ଼ିଥିବା ରାଜ୍ୟ ଶିକ୍ଷା ବ୍ୟବସ୍ଥାର ସୁଧାର ନେଇ ସରକାର ଉଚିତ ପଦକ୍ଷେପ ନ ନେବା ଯୋଗୁଁ ଅଭିଭାବକମାନେ ନିଜର ପିଲାଙ୍କୁ ଘରୋଇ ସ୍କୁଲରେ ଭର୍ତ୍ତି କରିବାକୁ ବାଧ୍ୟ ହେଉଛନ୍ତି । ଏପରି ସ୍ଥଳେ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ, ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ଦିଗକୁ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି । ସରକାର ତୁରନ୍ତ ଏହି ବିଦ୍ୟାଳୟ ନିଷ୍ପତିରୁ ନିବୃତ ନହେଲେ ଆଗାମୀ ଦିନରେ ସଂଘ ଆନ୍ଦୋଳନକୁ ଜୋରଦାର କରିବ । କାର୍ଯ୍ୟକାରୀ ସଭାପତି ମୃତ୍ୟୁଞ୍ଜୟ ରାଉତ, ରାଜ୍ୟ ସାଧାରଣ ସମ୍ପାଦିକା ଇଶାଣୀ ଷଡ଼ଙ୍ଗୀ, ପୂର୍ଣ୍ଣିମା ବେହେରା, ସୁଶୀଳା ପାଣିଗ୍ରାହୀ, ଶିଶିର ହୁଇ, ଦ୍ରୌପଦୀ ଦାସ, ମନ୍ମଥ ବେହେରା, ବସନ୍ତ ପ୍ରଧାନ, କନକ ଦାସ ପ୍ରମୁଖ ଯୋଗଦେଇ ସରକାରଙ୍କ ସ୍କୁଲ ମିଶ୍ରଣ ନିଷ୍ପତି ଅପାଗତାର ପ୍ରତିଫଳନ ବୋଲି । ଛଟେଇ ପାଚିକା ସହାୟିକାଙ୍କୁ ପୁନ' ନିଯୁକ୍ତି ଦେବା, ସମସ୍ତଙ୍କୁ ମାସିକ ୧୮ ହଜାର ଟଙ୍କାର ଦରମା ଦେବା, ସରକାରୀ କର୍ମଚାରୀର ମାନ୍ୟତା ଦେବା, ୨୮ମାସର ବକେୟା ଭାତ୍ତା ପ୍ରଦାନ ପାଇଁ ସେମାନେ ଦାବି କରିଥିଲେ । ସରକାର ଏନେଇ ଉଚିତ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ ହେବ ବୋଲି ବକ୍ତାମାନେ ଚେତାବନୀ ଦେଇଥିଲେ । ଏହି ଅବସରରେ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି ।

## ଚାଷୀମୂଲିଆ ସଂଘର ପଞ୍ଚାୟତସ୍ତରୀୟ କିମିଟି ଗଠିତ

ବାଲେଶ୍ୱର,୨୯।୧୨ (ନି.ପ୍ର): ନଖିଳ ଉତ୍କଳ ଗ୍ରାମୀଣ ଚାଷୀମୂଲିଆ ସଂଘର ଞ୍ଚାୟତସ୍ତରୀୟ ବୈଠକ ସଦର ବ୍ଲକର ଜୟଦେବକସବା ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି । ସଂଘର ବାଲେଶ୍ୱର ଜିଲା ସଭାପତି ବିକାଶ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ । ଅଖିଳ ଭାରତ ଚାଷୀମୂଲିଆ ସଂଘର ନିର୍ଦ୍ଦେଶକ୍ରମେ ପ୍ରତି ପଞ୍ଚାୟତରେ ଶାଖା କମିଟି ଗଠନ ଚାଲିଥିବା ସେ ସମସ୍ତଙ୍କୁ ଅବଗତ କରିଥିଲେ । ବିଶେଷ କରି ସାମ୍ପ୍ରତିକ ସମାଜରେ ଚାଷୀମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସଂଘ ପକ୍ଷରୁ ଉଚିତ ପଦକ୍ଷେପ ଗ୍ରହଣ ନିମନ୍ତେ କାର୍ଯ୍ୟ କରାଯିବ ବୋଲି ଶ୍ରୀ ଦାସ ସମସ୍ତଙ୍କୁ କହିଥିଲେ । ଏହି ଅବସରରେ ସଂଘର ଜୟଦେବକସବା ପଞ୍ଚାୟତ ଶାଖା କମିଟି ଗଠନ ସହ କର୍ମକର୍ତ୍ତା ଚୟନ କରାଯାଇଥିଲା । ଉପସ୍ଥିତ ସଦସଙ୍କ ସମ୍ମତି କ୍ରମେ ପ୍ରକାଶ ଚନ୍ଦ୍ର ମଲ୍ଲିକ ସଭାପତି, ରମେଶ ଚନ୍ଦ୍ର ମହାନ୍ତି ସାଧାରଣ ସମ୍ପାଦକ, ପଞ୍ଚାନନ ବିନ୍ଧାଣୀ ଓ କମଳାକାନ୍ତ ବେହେରା ଉପ-ସଭାପତି, ଗୌରୀମଣି ବିନ୍ଧାଣୀ କୋଷାଧ୍ୟକ୍ଷ ଏବଂ ରାମଚନ୍ଦ୍ର ମଲ୍ଲିକ, ଗଙ୍ଗାଧର ବାରିକ ଓ କୈଳାସ ବିନ୍ଧାଣୀଙ୍କୁ ସମ୍ପାଦକ ଭାବେ ଭାବେ ଚୟନ କରାଯାଇଛି । କମିଟିର ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସମେତ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ବି ଚୟନ କରାଯାଇଛି ।

## ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବିଭିନ୍ନ ଦାବି ନେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା




ନୀଳଗିରି,୨୯।୧୨ (ନି.ପ୍ର) : ଚ୍ଷୀ ଓ ଚ୍ଷକୁ ନେଇ ପୂର୍ବାହ୍ନ ୧୧ ଘଟିକା ସମୟରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି । ନବ ନିର୍ମାଣ କୃଷକ ସଂଗଠନ ଆଇନ ପରାମର୍ଶଦାତା ତଥା ନୀଳଗିରିର ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ ଓ ଜିଲ୍ଲା ସଂଯୋଜକ ପୁରଷ୍ତମ ସାହୁଙ୍କ ନେତୃତ୍ୱରେ ନୀଳଗିରି ଜଗନ୍ନାଥ ମନ୍ଦିରରୁ ଶହ ଶହ ଚାଷୀ ଏକ ବିଶାଳ ପଟୁଆରରେ ବାହାରି ଉପଜିଲ୍ଲାପାଳଙ୍କ ଗେଟ୍ ସମ୍ମୁଖରେ ପହଂଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବିଶେଷ କରି - ଶୀଘ୍ର ଧାନମଣ୍ଡି ଖୋଲିବା, ଚ୍ଷୀର ଧାନ ଶୀଘ୍ର ଖରିଦ , ଅଭାବୀ ଧାନ ବିକ୍ରି ବନ୍ଦ , ଗତ ବର୍ଷରେ ଦେଇଥିବା ଧାନର ପ୍ରାପ୍ୟ ତୁରନ୍ତ ପ୍ରଦାନ , କେନ୍ଦ୍ର ସରକାରଙ୍କର ଚ୍ଷୀ ଆଇନକୁ ରାଜ୍ୟ ସରକାର ଲାଗୁ ନ କରନ୍ତୁ ଆଦି ଦାବୀରେ ଏକ ସ୍ମାରକପତ୍ର ନୀଳଗିରି ଉପଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଗଠନ ପକ୍ଷରୁ ପ୍ରଦାନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ କମିଟି ସଦସ୍ୟ ଚୌଧୁରୀ ଜେନା, ନୀଳଗିରି ବ୍ଲକ ସଂଯୋଜକ ଜଳେନ୍ଦ୍ର ବିଶ୍ୱାଳ, ରାଜ୍ୟ କମିଟି ସଦସ୍ୟ ସଂଗ୍ରାମ ଜେନା, ପ୍ରଦୀପ ଦାଶ, ଅନାଦି ରାଉତ, ଉଗ୍ରସେନ ଦାଶ, ଲମ୍ବୁଧର ଧାଉଁଡ଼ିଆ, କୁନା ବିଶ୍ୱାଳ, ପ୍ରଶାନ୍ତ ପ୍ରଧାନ, ବାବୁଲି ମହାରଣା, ବଳଭଦ୍ର ବଙ୍ଗାଳି, ପ୍ରଦୀପ ଭୂୟାଁ, ଭୋଳାନାଥ ବେହେରା, ସଚିନ୍ଦ୍ର ସେଠୀ, ବାବୁଲି ନାୟକ, ରବିନ୍ଦ୍ର ସାହୁ, ଅଭିମନ୍ୟୁ ନାୟକ, ବାଞ୍ଛାନିଧି ନାୟକ, ଉମାକାନ୍ତ ଗିରି, ସାବିତ୍ରୀ ନାୟକ, ରାଇମଣୀ ବିଶ୍ୱାଳ ପ୍ରମୁଖ ବିକ୍ଷୋଭ ସ୍ଥଳିରେ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ ।

## 'ନୂତନ କୃଷି ଆଇନର ଉପାଦେୟତା ନଜାଣି ବିରୋଧୀ କରୁଛନ୍ତି କଦର୍ଥ' : କେନ୍ଦ୍ରମନ୍ତ୍ରୀ




ବାଲେଶ୍ୱର,୨୯।୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ସମର୍ଥନରେ ବାଲେଶ୍ୱରରେ 'ଧାନମଣ୍ଡି ଚାଲ' ଅଭିଯାନ ଆରମ୍ଭ ସହ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ବିଶାଳ କୃଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ସହର ଉପକଣ୍ଠ କୁରୁଡା ହାଟ ପଡିଆରେ ଆୟୋଜିତ ଏହି ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ନୂତନ କୃଷି ଆଇନର ପ୍ରମୁଖ ବୈଶିଷ୍ଟ ସମ୍ପର୍କରେ ଆଲୋଚନା କରିଥିଲେ । କୃଷି ଓ କୃଷକର ବିକାଶରେ ପ୍ରଣୀତ ଆଇନର ସୁଦୂରପ୍ରସାରୀ ଉପାଦେୟତା ସମ୍ପର୍କରେ ନ ଜାଣି ବିରୋଧୀ ଏହାକୁ କଦର୍ଥ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ । କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବା ଲକ୍ଷରେ ଦେଶର ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏହି ନୂତନ କୃଷି ଆଇନ ପ୍ରଣୟନ ହୋଇଛି । ମାତ୍ର ଚିରାଚରିତ ବିରୋଧୀ ନିଜର ସ୍ୱାର୍ଥ ସାଧନ ପାଇଁ କିଛି ଅଂଚଳର କୃଷକଙ୍କୁ ଭ୍ରାନ୍ତ ଧାରଣା ଓ ଭୟ ଦେଖାଇ ଚାଲିଥିବା ଶ୍ରୀ ଷଡଙ୍ଗୀ କହିଥିଲେ । ନୂତନ କୃଷି ଆଇନ ଚାଷୀଙ୍କୁ ମଧ୍ୟସ୍ଥିଙ୍କ ଦାଉରୁ ରକ୍ଷା କରିବ, ଚାଷୀ ଅନାୟସରେ ନିଜର ଉତ୍ପାଦିତ ଦ୍ରବ୍ୟ ସରକାରୀ ମଣ୍ଡି ସମେତ ଖୋଲା ବଜାରରେ ବିକ୍ରି କରିପାରିବ ବୋଲି ମନ୍ତ୍ରୀ ଶ୍ରୀ ଷଡଙ୍ଗୀ ମତପ୍ରକାଶ କରିଥିଲେ । ବିଜେପି କୃଷକ ମୋର୍ଚ୍ଚାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡ. ଶମ୍ଭୁ କୁମାର ଏଥିରେ ଯୋଗଦେଇ କୃଷକମାନଙ୍କ ମନରୁ ନୂତନ କୃଷି ଆଇନକୁ ନେଇ ଥିବା ଭ୍ରାନ୍ତ ଧାରଣା ଓ ଭୟ ଦୂର କରିବା ପାଇଁ ସମଗ୍ର ଦେଶରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା କହିଥିଲେ । ନୂତନ କୃଷି ଆଇନ ଲାଗୁ ହୋଇଥିଲେ ବି ପୂର୍ବରୁ ପ୍ରଚଳିତ ସରକାରୀ ମଣ୍ଡି ସହ ସର୍ବନିମ୍ନ ସହାୟକ ମୂଲ୍ୟ ବ୍ୟବସ୍ଥା ଜାରୀ ରହିଛି ଏବଂ ଆଗକୁ ମଧ୍ୟ ରହିବ ବୋଲି ସେ କହିଥିଲେ । କୃଷି ସମ୍ପର୍କିତ କମ୍ପାନୀମାନଙ୍କ ସହ ଚାଷୀମାନେ କଂଟ୍ରାକ୍ଟ ଫାର୍ମି ପାଇଁ ଚୁକ୍ତି କରିପାରିବେ ଏବଂ କୌଣସି କ୍ଷେତ୍ରରେ ଚାଷୀ ଚୁକ୍ତି ହୋଇଥିବା ଦର ଠାରୁ କମରେ ସାମଗ୍ରୀ ବିକ୍ରି କରିବେ ନାହିଁ । ଚାଷୀଙ୍କ ଠାରୁ କମ୍ପାନୀମାନେ ତାଙ୍କ ଜମି ଅଧିଗ୍ରହଣ କରିନେବେ ବୋଲି ବିରୋଧିମାନେ ଯେଉଁ ଅପପ୍ରଚାର ଚଳାଇଛନ୍ତି ତାହା ସମ୍ପୂର୍ଣ୍ଣ ଅମୂଳକ ବୋଲି ଡ. ଶମ୍ଭୁ କୁମାର କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି କୃଷକ ମୋର୍ଚ୍ଚାର ରାଷ୍ଟ୍ରୀୟ ଉପସଭାପତି ମହେଶ୍ୱର ସାହୁ, ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ, ରାଜ୍ୟ ବିଧାନସଭା ବିରୋଧି ଦଳ ଉପନେତା ବିଷ୍ଣୁ ସେଠୀ, ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ପ୍ରମୁଖ ଏଥିରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

## କରୋନାରୁ ସୁସ୍ଥ ହେଲେ ୩୮୩

ଭୁବନେଶ୍ୱର,୨୯।୧୨ (ନି.ପ୍ର): ରାଜ୍ୟରେ ମଙ୍ଗଳବାର ଦିନ ୩୮୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏମାନଙ୍କୁ ମିଶାଇ ଆଜି ସୁଦ୍ଧା ୩୨୪୭୭୫ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟ୍ୱିଟ୍ କରି ଏହି ସୂଚନା ଦେଇଛି ।

ଆଜି ରୋଗ୍ୟ ହୋଇଥିବା କରୋନା ଆକ୍ରାନ୍ତଙ୍କ ଭିତରୁ ସୁନ୍ଦରଗଡ଼ରୁ ସର୍ବାଧିକ ୫୨ ଜଣ ଅଛନ୍ତି । ସେହିପରି ଝାରସୁଗୁଡ଼ାରୁ ୩୬, ଖୋର୍ଦ୍ଧାରୁ ୩୫, ଅନୁଗୋଳରୁ ୩୨, କଟକରୁ ୨୬, ନୂଆପଡ଼ାରୁ ୨୫, ପୁରୀରୁ ୨୪, ମୟୂରଭଞ୍ଜରୁ ୨୧, ସମ୍ବଲପୁରରୁ ୧୮, ବଲାଙ୍ଗିରିରୁ ୧୫, ବାଲେଶ୍ୱରରୁ ୧୪, କେନ୍ଦ୍ରାପଡ଼ାରୁ ୧୩, ଯାଜପୁରରୁ ୧୨, ବରଗଡ଼ରୁ ୧୦, ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି ।

## ଧାମନଗର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଅତିରିକ୍ତ ଏସ୍‌ପିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା



ଧାମନଗର,୨୯।୧୨ (ନି.ପ୍ର): ଧାମନଗର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ପଦନ୍ନୋତି କ୍ରମରେ ବଦଳି ହୋଇଥିବା ଭଦ୍ରକର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିକାଶ ଦାସଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା । ଏହି ଉପଲକ୍ଷେ ଅବଦୁଲ କାଲାମ ପାଠାଗାର କେନ୍ଦ୍ର ପରିସରରେ ଥିବା ବରିଷ୍ଠ ନାଗରିକ ପରିଷଦର ସଭାଗୃହରେ ଅନୁଷ୍ଠିତ ବିଦାୟକାଳୀନ ଓ ସମ୍ବର୍ଦ୍ଧନା ସଭାରେ ପରିଷଦର ସଭାପତି ଘଣ୍ଟେଶ୍ୱର ସାହୁ ଅଧ୍ୟକ୍ଷତା କରିଥିଲେ । କୋଭିଡ୍ ନିୟମ ପାଳନ ପୂର୍ବକ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ସମ୍ବର୍ଦ୍ଧିତ ପ୍ରତିଭା ତଥା ମୁଖ୍ୟ ଅତିଥିଭାବେ ଭଦ୍ରକ ଏଏସ୍‌ପି ଶ୍ରୀ ବିକାଶ ଦାସ ଯୋଗଦେଇ ତାଙ୍କର ନିଜ ଜୀବନି ଉପରେ ଏବଂ କର୍ତ୍ତବ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ ବିଶିଷ୍ଟ ଅତିଥିଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟିକ କାହ୍ନୁଚରଣ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜୀବନ ଭିତରେ ବ୍ୟକ୍ତିତ୍ୱ ନଥାଏ, ବ୍ୟକ୍ତିତ୍ୱ ଭିତରେ ଜୀବନ ଥାଏ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ମଞ୍ଚାସୀନ ସମ୍ମାନୀତ ଅତିଥିଭାବେ ଧାମନଗର ଥାନା ଆଇଆଇସି ରତିକାନ୍ତ ଗିରି ଯୋଗଦେଇ ଅତିରିକ୍ତ ଏସ୍‌ପି ଶ୍ରୀ ବିକାଶ ଦାସଙ୍କ ସୁଗୁଣାବଳି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ରାଜ୍ୟ ସରକାରଙ୍କ ଗୃହ ବିଭାଗ ପରିପତ୍ର ଅନୁସାରେ ଭଦ୍ରକର ଅତିରିକ୍ତ ଏସ୍‌ପି ଶ୍ରୀ ଦାସଙ୍କୁ ଝାରସୁଗୁଡ଼ାର ଇନ୍‌ଚ୍ର୍ଜ ଏସ୍‌ପି ଭାବେ ପଦନ୍ନୋତି କ୍ରମେ ବଦଳି କରାଯାଇଥିବାରୁ ବରିଷ୍ଠ ନାଗରିକ ପରିଷଦ ଧାମନଗର ପକ୍ଷରୁ ତାଙ୍କୁ ବିଦାୟକାଳିନ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନାଗରିକ ପରିଷଦର ସମ୍ପାଦକ ଶଚିକାନ୍ତ ପଣ୍ଡା ସଭାର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଶିକ୍ଷକ ହେମେନ୍ଦ୍ରନାଥ ମହାନ୍ତି ଅତିଥିପରିଚୟ ପ୍ରଦାନ କରିଥିଲେ । ବିଦାୟୀ ଏଏସ୍‌ପି ଜଣେ ଧର୍ମପରାୟଣ, ସାହିତ୍ୟାନୁରାଗୀ ତଥା ସାହିତ୍ୟ ପ୍ରେମୀ ବ୍ୟକ୍ତି ସହ ମହତ ଦାନୀ ଅଟନ୍ତିବୋଲି ସଭାରେ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ପରିଷଦର ମହେଶ୍ୱର ସ୍ୱାଇଁ, ଗୋଲାମ ଜିଲାନି ହବିବି, ଅଭିମନ୍ୟୁ ମଲ୍ଲିକ, ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ପ୍ରଦୀପ ମହାପାତ୍ର, ସେକ୍ ଜାଫର ଅଲ୍ଲୀ, ସୁଧାକର ଦାଶ, ଅନନ୍ତ ଜେନା, ପ୍ରମୋଦ ସ୍ୱାଇଁ ଉପସ୍ଥିତ ଥିବାବେଳେ ଧାମନଗର ଓକିଲ ସଂଘର ସାଧାରଣ ସମ୍ପାଦକ ଆଇନ୍‌ଜୀବୀ ଅମରେନ୍ଦ୍ରନାଥ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରୀ ଦାସଙ୍କ ମହନୀୟତା ତଥା ସେ ଏଯାଏ ୬୭ଥର ରକ୍ତଦାନ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ପରିଷଦର ବହୁ ସଦସ୍ୟ ଯୋଗଦାନ କରିଥିଲେ । ଶେଷରେ ପରିଷଦର କୋଷାଧ୍ୟକ୍ଷ ନିରାକାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପ୍ରାରମ୍ଭରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ।

## ଲାୟନ୍ସ କ୍ଲବ ତରଫରୁ ସହାୟତା

ଭଦ୍ରକ,୨୯।୧୨ (ନି.ପ୍ର): ସମାଜର ଦୁସ୍ଥ ଓ ଅବହେଳିତ ବ୍ୟକ୍ତିମାନଙ୍କର ଅସୁବିଧା ସମୟରେ ସେମାନଙ୍କ ପ୍ରତି ସହାୟତାର ହସ୍ତ ପ୍ରସାରଣର ଚିନ୍ତାଧାରା ନେଇ ଗଠିତ ଭଦ୍ରକାଳୀ ଡିଭାଇନ ଲାୟନ୍‌ସ କ୍ଲବ ଗତ ୧ ମାସ ଧରି ଅର୍ଣ୍ଣପାଳଠାରେ ଗ୍ରାମୀଣ ଯୋଗ ଚିକିତ୍ସା ସହ ମାଗଣା ରକ୍ତ ପରୀକ୍ଷା କାର୍ଯ୍ୟକ୍ରମ କରାଯାଉଛି । କ୍ଲବର ଏହି କାର୍ଯ୍ୟକୁ ବିଭିନ୍ନ ମହଲରୁ ଅକୁଣ୍ଠ ସମର୍ଥନ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଛି । ଏହି ଉତ୍ସାହ ଉଦ୍ଦୀପନା ମଧ୍ୟରେ କ୍ଲବର କର୍ମକର୍ତ୍ତା ଭଦ୍ରକ ଚରମ୍ପା ସ୍ଥିତ ମାନସିକ ବ୍ୟାଧିଗ୍ରସ୍ତ ଆବାସ ସିଆରଏସଆରର ଅନ୍ତେବାସୀ ମାନଙ୍କ ସହ ଦୀର୍ଘ ସମୟ ଅତିବାହିତ କରିବା ସହ ସେମାନଙ୍କୁ ବିଭିନ୍ନ କ୍ରୀଡା କୌତୁକ ଜରିଆରେ ଆମୋଦିତ କରାଯାଇଥିଲା । ଅନୁଷ୍ଠାନର ମୁଖ୍ୟ ଡ. ଭଗବାନ ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭଦ୍ରକାରୀ ଡିଭାଇନ ଲାୟନ୍ସ କ୍ଲବର ପ୍ରଥମ ସଭାପତି ଲାୟନ୍ସ ପର୍ଶୁରାମ ଦ୍ୱିବେଦୀ, ବର୍ତ୍ତମାନର ସଭାପତି ଲାୟନ୍ସ ସତ୍ୟେନ୍ଦୁ ରାୟମହାପାତ୍ର, କ୍ଲବର ବରିଷ୍ଠ ସଭ୍ୟ ବଳରାମ ଦିକ୍ଷିତ, ଏସ୍‌ବିଡି ସ୍କୁଲର ନିର୍ଦ୍ଦେଶକ ଲାୟନ ଦେବାଶିଷ ଦିକ୍ଷିତ ତଥା ତାଙ୍କ ପରିବାରବର୍ଗ, ଅନୁଷ୍ଠାନର କ୍ରୀଡା ପ୍ରଶିକ୍ଷକ ମନୋଜ ସାହୁ, ଲାୟନ ଅମ୍ବିକା ପ୍ରସାଦ ଦାସ, ଲାୟନ ସଞ୍ଜିବ ନାୟକ, ଲାୟନ ଅମର ମହାନ୍ତି ପ୍ରମୁଖ ଯୋଗ ଦେଇ ଅନ୍ତେବାସୀଙ୍କୁ ସୁଷମ ଖାଦ୍ୟ ଓ ଶୀତବସ୍ତ୍ର ପ୍ରଦାନ କରିଥିଲେ ।ରଜନୀ କା' ସାମଲ ସୁଚନା ଦେଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo